

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୫ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 15 JULY 2023
Vol.No. 35 ■ No. 186 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚନ୍ଦ୍ରଯାନ -୩ ମିଶନ ସଫଳତାପୂର୍ବକ ଉତକ୍ଷେପଣ



ନୂଆଦିଲ୍ଲୀ ୧୪/୦୭: ମହାକାଶ ବିଜ୍ଞାନ କ୍ଷେତ୍ରରେ ଯୋଡ଼ିହେଲା ଏକ ନୂଆ ଅଧ୍ୟାୟ। ଚନ୍ଦ୍ରପୃଷ୍ଠକୁ ସଫଳ ଉତକ୍ଷେପଣ ହେଲା ଚନ୍ଦ୍ରଯାନ- ୩ । ଅପରାହ୍ଣ ୨ଟା ୩୫ରେ ଶ୍ରୀହରିକୋଟା ସତୀଶଧାୱନ ସ୍ପେସ୍ ସେଣ୍ଟରରୁ ଉତକ୍ଷେପଣ ହେଲା ଚନ୍ଦ୍ରଯାନ-୩ । ଚନ୍ଦ୍ରର ଅପହଞ୍ଚ ଅଞ୍ଚଳରେ ପହଞ୍ଚି ଇତିହାସ ରଚିବା ଲକ୍ଷ୍ୟରେ ରହିଛି ଭାରତ। ଚନ୍ଦ୍ରଯାନ-୩ର ସଫଳତା ନେଇ ଇସ୍ରୋର ବୈଜ୍ଞାନିକମାନେ ଏକ ପ୍ରକାର ନିଶ୍ଚିତ ଅଛନ୍ତି। ଲଞ୍ଚପ୍ୟାଡରୁ ଉତକ୍ଷେପଣ ହେଲା ବିଶାଳକାୟ ଖଠଗ୩-ଗ୪। ୪୩.୫ ମିଟର ଉଚ୍ଚ ଓ ୬୪୨ ଟନ୍ ଓଜନ ବିଶିଷ୍ଟ ଭାରତର ସର୍ବବୃହତ୍ ଲଞ୍ଚ ଭେହିକିଲ୍ ମାର୍କ-ଥ୍ରୀର ଏହା ହେବ ଚତୁର୍ଥ ମିଶନ୍। ଭୂପୃଷ୍ଠ ଛାଡ଼ିବାର ପ୍ରାୟ ୧୬ ମିନିଟ୍ ପରେ ପ୍ରାୟ ୧୮୦ କିଲୋମିଟର ଉଚ୍ଚତାରେ ନିର୍ଦ୍ଧାରିତ ପ୍ରାରମ୍ଭିକ କକ୍ଷପଥରେ ଅବସ୍ଥାପିତ ହେବ ଚନ୍ଦ୍ରଯାନ-୩। ଏଥିରେ ରହିବ ମୋଟ ୩ହଜାର ୯ଶହ କିଲୋଗ୍ରାମ ଓଜନର ପ୍ରପଲସନ୍ ମଡ୍ୟୁଲ, ଲ୍ୟାଣ୍ଡର୍ ଓ ରୋଭର୍। ସେଠାରୁ ଏହା ଯୋଜନା ମୁତାବକ ଚନ୍ଦ୍ର ଅଭିମୁଖେ ଅଗ୍ରସର ହେବ ଏବଂ ସମ୍ଭବତଃ ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ସବୁକିଛି ଯୋଜନା ଅନୁଯାୟୀ ଚାଲିଲେ ଇତିହାସ ରଚିବ ଭାରତ। ୨୦୧୯ରେ ଲଞ୍ଚ ହୋଇଥିବା ▶▶ପୃଷ୍ଠା ୭

## ଚନ୍ଦ୍ରଯାନ-୩ ଭାରତର ମହାକାଶ ଯାତ୍ରାରେ ଏକ ନୂଆ ଅଧ୍ୟାୟ ରଚିଛି : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୪/୦୭ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଚନ୍ଦ୍ରଯାନ-୩ର ଉତକ୍ଷେପଣକୁ ନେଇ ମହାକାଶରେ ଭାରତର ବୈଜ୍ଞାନିକମାନଙ୍କ ନିରନ୍ତର ସମର୍ପଣକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତୀୟ ମହାକାଶ ଗବେଷଣା ସଂଗଠନର ଏକ ଟୁଇଟ୍ ଶେୟାର କରି ଟୁଇଟ୍ କରିଛନ୍ତି : ''ଚନ୍ଦ୍ରଯାନ-୩ ଭାରତର ମହାକାଶ ଯାତ୍ରାରେ ଏକ ନୂଆ ଅଧ୍ୟାୟ ରଚନା କରିଛି । ଏହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ ଓ ମହତ୍ୱକାଂକ୍ଷାକୁ ଊର୍ଦ୍ଧ୍ୱକୁ ନେଇଛି । ଏହି ମହତ୍ୱପୂର୍ଣ୍ଣ ଉପଲବ୍ଧି ଆମ ବୈଜ୍ଞାନିକଙ୍କ ନିରନ୍ତର ସମର୍ପଣର ପ୍ରମାଣ । ମୁଁ ସେମାନଙ୍କ ଭାବନା ଓ ପ୍ରତିଭାକୁ ଅଭିନନ୍ଦନ ଜଣାଉଛି ।

## ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ କଟ ଅଫ ମାର୍କ ପ୍ରକାଶିତ

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ଯୁକ୍ତ ୩ରେ ନାମ ଲେଖା ପାଇଁ ଶୁକ୍ରବାର ଦିନ ପ୍ରଥମ ପର୍ଯ୍ୟାୟ କଟ ଅଫ ମାର୍କ ପ୍ରକାଶ ପାଇଛି । ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ତାଲିକା ପ୍ରକାଶ ପାଇଥିବା ବେଳେ ଇନଟିଗ୍ରେଟେଡ଼ ବିଏଡ଼ ଥିବା କଲେଜରେ କଟଅଫ ଆଗରେ ରହିଛି । କଳା ଓ ବିଜ୍ଞାନରେ ବିଜେବି ଓ ରେଭେନ୍ସାକୁ ଅନ୍ୟ କଲେଜ ଟପିଥିବାବେଳେ ବିଜ୍ଞାନରେ ପୁରୀ ଏସସିଏସ୍ କଲେଜ କଟ ଅଫରେ ଆଗରେ ରହିଛି । କଳାରେ ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଗରେ ରହିଛନ୍ତି । ପୁରୀ ଏସସିଏସରେ ରସାୟନ ବିଜ୍ଞାନ(୯୪.୫୦ ପ୍ରତିଶତ), ଗଣିତ(୯୪ ପ୍ରତିଶତ), ଉଦ୍ଭିଦ ବିଜ୍ଞାନ(୯୫.୬୦ ପ୍ରତିଶତ), ଏମପିସି ବାରିପଦାରେ ଜୀବ



ବିଜ୍ଞାନ(୯୪.୮୩ ପ୍ରତିଶତ) କଟ ଅଫ୍ ରହିଛି । ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ(୯୧.୮୩ ପ୍ରତିଶତ) ରହିଛି । ସେହିପରି ବାଣିଜ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ(୮୬.୮୩ ପ୍ରତିଶତ), ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ(୮୫.୮୩ପ୍ରତିଶତ), ଜେକେବିକେ କଲେଜ(୮୧ ପ୍ରତିଶତ) କଟ ଅଫ ମାର୍କ ରହିଛି।

## ପଳାଶୁଣିରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଫୁଟ ଓଭର ବ୍ରିଜ୍

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ଭୁବନେଶ୍ୱର ପଳାଶୁଣିରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଫୁଟ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏହି ସୂଚନା ଦେଇଛନ୍ତି। ୪ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନା ବେଳେ ସାଂସଦ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଅଗଷ୍ଟ ୧ରୁ ସତସଙ୍ଗ ବିହାରରେ ଫୁଟ୍ ଓଭର ବ୍ରିଜ କାମ ଆରମ୍ଭ ହେବ। ହଂସପାଳ ଫ୍ଲାଏ ଓଭର ୬୫% ସରିଛି, ୩୧ ଡିସେମ୍ବର ସୁଦ୍ଧା କାମ ଶେଷ ହେବ।



## ବାହାନଗା ଟ୍ରେନ୍ ଟ୍ରାଜେଡି : ଜେଲ୍ ଗଲେ ୩ ଅଭିଯୁକ୍ତ

ବାଲେଶ୍ୱର, ୧୪/୦୭ (ନି.ପ୍ର):- ବାହାନଗା ଟ୍ରେନ୍ ଟ୍ରାଜେଡି ଘଟଣାରେ ଝାରପଡ଼ା ଜେଲ୍ ଯାଇଛନ୍ତି ଗିରଫ ୩ ଅଭିଯୁକ୍ତ। ଶୁକ୍ରବାର ଦିନ ସେମାନଙ୍କ ରିମାଣ୍ଡ ଅବଧି ଶେଷ ହୋଇଥିବା ବେଳେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସିବିଆଇ ସେମାନଙ୍କୁ ଆଉ ଥରେ ରିମାଣ୍ଡରେ ନେବାକୁ ଆବେଦନ କରି ନଥିବାରୁ ଅଭିଯୁକ୍ତମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଜୁଲାଇ ୨୭ରେ ମାମଲାର ପରବର୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ ଯେ ଗତ ଜୁନ୍ ୨ ତାରିଖରେ ଘଟିଥିବା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ସିନିୟର



ସେକ୍ସନ ଇଞ୍ଜିନିୟର ଅରୁଣ ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମୀର ଖାନ୍ ଓ ଟେକ୍ନିସିଆନ ପପୁ କୁମାରଙ୍କୁ ଗିରଫ କରିଥିଲା ସିବିଆଇ। ପୂର୍ବରୁ ସେମାନଙ୍କୁ ସିବିଆଇ ୫ ଦିନିଆ ରିମାଣ୍ଡରେ ନେଇଥିଲା ବେଳେ ଦ୍ୱିତୀୟ ଥର ପାଇଁ ସେମାନଙ୍କୁ ୪ ଦିନିଆ ରିମାଣ୍ଡରେ ନେଇଥିଲା। ସୂଚନାଯୋଗ୍ୟ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ରାଜଧାନୀରୁ ନିଖୋଜ ଛାତ୍ର ଉଦ୍ଧାର

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ରାଜଧାନୀରୁ ନିଖୋଜ ଥିବା ସ୍କୁଲ ଛାତ୍ର ୯ ଦିନ ପରେ ଘରକୁ ଫେରିଛନ୍ତି। ନିଖୋଜ ଥିବା ଛାତ୍ର ଯୋଗେଶ ବାଲାଜୀଙ୍କୁ ଉଦ୍ଧାର କରିଛି କମିଶନରେଟ୍ ପୋଲିସ୍। ଯାଜପୁର ଜିଲ୍ଲା ଜେନାପୁର ରେଲୱେ ଷ୍ଟେସନ ନିକଟରୁ ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଗତ ୬ ତାରିଖରେ ୧୬ ବର୍ଷୀୟ ଯୋଗେଶ ଭୁବନେଶ୍ୱର ମୈତ୍ରୀ ବିହାର ସ୍ଥିତ ସ୍କୁଲକୁ ସାଇକେଲ ଯୋଗେ ଯାଉଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପୁଅର ସନ୍ଧାନ ପାଇ ନଥିଲେ। ଏନେଇ ଯୋଗେଶଙ୍କ ବାପା ମୈତ୍ରୀବିହାର ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପରେ ଯୋଗେଶଙ୍କ ବାପା ପାଖକୁ ଏକ ଅଜଣା ▶▶ପୃଷ୍ଠା ୭

### ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସଂପ୍ରସାରଣ

## ଅର୍ଥ ବିଭାଗ ହାତେଇଲେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର

ମହାରାଷ୍ଟ୍ର, ୧୪/୦୭ (ନି.ପ୍ର): ମହାରାଷ୍ଟ୍ର ସରକାରରେ ସାମିଲ ହୋଇ ମନ୍ତ୍ରୀ ହୋଇଥିବା ଅଜିତ ପାୱାର ଓ ଅନ୍ୟ ୮ ଏନ୍‌ସିପି ନେତାଙ୍କ ମଧ୍ୟରେ ଆଜି ବିଭାଗ ବଣ୍ଟନ କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗ ଦିଆଯାଇଛି। ତା'ସହିତ ତାଙ୍କୁ ଯୋଜନା ବିଭାଗ ଦିଆଯାଇଛି। ଛଗନ ଭୁଜବଲଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା ବିଭାଗ ଦିଆଯାଇଥିବା ବେଳେ ଧରମରାଓ ବାବା ଅତରମଙ୍କୁ ଔଷଧ ଓ ପ୍ରଶାସନ, ଦିଲୀପ ବଲସେ ପାଟିଲଙ୍କୁ ସମବାୟ, ଧନଞ୍ଜୟ ମୁଣ୍ଡେଙ୍କୁ କୃଷି, ହାସନ ମୁଶରିଫଙ୍କୁ ଡାକ୍ତରୀ ଶିକ୍ଷା, ଅନୀଲ ପାଟିଲଙ୍କୁ ରିଲିଫ ଓ ଥଇଥାନ ସହିତ ବିପର୍ଯ୍ୟୟ ପରିଚାଳନା ବିଭାଗ ଦିଆଯାଇଛି।




ସେହିପରି ମନ୍ତ୍ରୀ ଅଦିତି ତାଟକାରେଙ୍କୁ ଶିଶୁ କଲ୍ୟାଣ ବିଭାଗ ଦିଆଯାଇଥିବା ବେଳେ ସଞ୍ଜୟ ବନସୋଡ଼େଙ୍କୁ କ୍ରୀଡ଼ ଓ ଯୁବ କଲ୍ୟାଣ ବିଭାଗ ଦିଆଯାଇଛି। ଜୁଲାଇ ୨ ତାରିଖରୁ ଅଜିତ ପାୱାର ଉପ-ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ମନ୍ତ୍ରୀ ଭାବେ ଶପଥ ନେଇ ସାରିଥିବା ବେଳେ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ହୋଇନଥିଲା। ବିଭାଗ ବଣ୍ଟନ ନେଇ ଟଣାଓଟରା ଚାଲିଥିଲା ବୋଲି ଖବର ଆସିଥିଲା। କାରଣ ଅଜିତ ପାୱାର କାଳେ ତାଙ୍କ ପାଇଁ ଅର୍ଥ ବିଭାଗ ଦାବି କରିଥିଲେ। ସେହିଭଳି ତାଙ୍କ ଦଳର ଅନ୍ୟ ସଦସ୍ୟଙ୍କ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା ସହିତ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାବି କରିଥିଲେ। ସେ ତାଙ୍କ ଜିଦ୍‌ରେ ଅଟଳ ରହିବାରୁ ବିଭାଗ ବଣ୍ଟନରେ ବିଳମ୍ବ ହେଲା ବୋଲି କୁହାଯାଉଛି। ଅର୍ଥ ବିଭାଗ ପୂର୍ବରୁ ବିଜେପି ନେତା ତଥା ରାଜ୍ୟର ଅନ୍ୟତମ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସଙ୍କ ହାତରେ ଥିଲା। ଏବେ ତାହା ଅଜିତ ପାୱାରଙ୍କୁ ହାତକୁ ଚାଲି ଆସିଛି। ଫଡ଼ନାଭିସଙ୍କ ହାତରେ ଗୃହ ବିଭାଗ ସହିତ ଆଉ କିଛି ବିଭାଗ ଦାୟିତ୍ୱ ରହିଛି।

## ୫ ଦିନ ଧରି ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ଆଗାମୀ ୫ ଦିନ ଧରି ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡ଼ା କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶନିବାର ଅର୍ଥାତ ୧୫ ତାରିଖରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ▶▶ପୃଷ୍ଠା ୭

## ପାଟଣାରେ ପୋଲିସର ଲାଠିଚାର୍ଜ ନେଇ ଉଚ୍ଚସ୍ତରୀୟ ଯାଂଚ୍ କମିଟି ଗଠନ କଲା ଭାଜପା

ନୂଆଦିଲ୍ଲୀ, ୧୪/୦୭ (ନି.ପ୍ର): ଭାରତୀୟ ଜନତା ପାର୍ଟି (ଭାଜପା)ର ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡା ପାଟଣାରେ ୧୩ ଜୁଲାଇରେ ପାର୍ଟିର ନେତା ଓ କାର୍ଯ୍ୟକର୍ତାଙ୍କ ଉପରେ ହୋଇଥିବା ପୋଲିସ ପ୍ରଶାସନର ବର୍ବରତା ଏବଂ ରାଜ୍ୟ ସରକାରଙ୍କ ଏକଛତ୍ରବାଦୀ ଶାସନକୁ ନିନ୍ଦା କରିଛନ୍ତି । ଏଥି ସହିତ ପୋଲିସର ଲାଠିଚାଳନାରେ ପ୍ରାଣ ହରାଇଥିବା ଦଳୀୟ କାର୍ଯ୍ୟକର୍ତା ବିଜୟ ସିଂହଙ୍କ ମୃତ୍ୟୁକୁ ନେଇ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଘଟଣାରେ ଦଳର ଅନ୍ୟ କେତେକ କାର୍ଯ୍ୟକର୍ତା ମଧ ଆହତ ହୋଇଛନ୍ତି । ପାଟଣାରେ ଘଟିଥିବା ଏହି ଘଟଣାର ଯାଂଚ୍ ପାଇଁ ଜେ.ପି. ନଡ୍ଡା ଏକ ଉଚ୍ଚ ସ୍ତରିୟ ଯାଂଚ୍ କମିଟି ଗଠନ କରିଛନ୍ତି। ▶▶ପୃଷ୍ଠା ୭

### ନବ ଦାସ ହତ୍ୟାକାଣ୍ଡ ଘଟଣା

## ନବ ଦାସଙ୍କ ହତ୍ୟାର ତଦନ୍ତ ବାଟବଣା : ସୁରେଶ ପୂଜାରୀ

### ନବଙ୍କ ରକ୍ତ ଜୁଡୁବୁଡୁ ସାର୍ଟ କୁଆଡେ ଗଲା ?



ଭୁବନେଶ୍ୱର, ୧୪/୦୭ (ନି.ପ୍ର): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ମାମଲାରେ କ୍ରାଇମବ୍ରାଂଚ ଚାର୍ଜସିଟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବରଗଡ଼ ସାଂସଦ ସୁରେଶ ପୂଜାରୀ। ସେ କହିଛନ୍ତି, ଚାର୍ଜସିଟ ଏକ ରଦ୍ଦି କାଗଜ। ଏହାର ତଦନ୍ତ ଗୋପାଳରୁ ଆରମ୍ଭ ଏବଂ ଗୋପାଳରେ ଶେଷ ହୋଇଛି। ଏପର୍ଯ୍ୟନ୍ତ ଗୋପାଳ ଦାସଙ୍କ ମୋବାଇଲ ଟ୍ରାକ କରାଯାଇନାହିଁ, ଯାହାଫଳରେ ନବ ଦାସଙ୍କ ହତ୍ୟାର ତଦନ୍ତ ବାଟବଣା ହୋଇଛି। ହତ୍ୟାକାଣ୍ଡ ପୂର୍ବରୁ ଗୋପାଳ କାହା ସାଙ୍ଗରେ କଥା ହୋଇଥିଲେ ତାହାର ସବିଶେଷ ତଥ୍ୟ ନାହିଁ। ହତ୍ୟାକାଣ୍ଡର ୧୫ ଦିନ ପୂର୍ବର ଫୋନ ରେକର୍ଡ କାହିଁକି ସଂଗ୍ରହ କରାଗଲାନି ? ଏହାସହ ନବ ଦାସ ହତ୍ୟାକାଣ୍ଡରେ କ୍ରାଇମବ୍ରାଞ୍ଚ କୋର୍ଟକୁ ଦେଇଥିବା ତଥ୍ୟ ସଠିକ ନାହିଁ, ଏଣୁ ଏହା ଏକ ରଦ୍ଦି କାଗଜ ଭଳି। ଗୋପାଳକୁ ପାଗଳ କୁହାଯାଇଥିଲା, ତାହେଲେ ବନ୍ଧୁକ କାହିଁକି ଇସ୍ୟୁ ହେଲା। ୧୮ ରାଉଣ୍ଡ ଗୁଳି ଆସିଲା କିପରି । ଯଦି ୩ ରାଉଣ୍ଡ ଗୁଳି ଚାଲିଥିଲା ତାହେଲେ ଆଉ ଗୋଟିଏ ଖୋକା କୁଆଡେ ଗଲା ? ନବ ଦାସଙ୍କ ରକ୍ତ ଜୁଡୁବୁଡୁ



ସାର୍ଟ ଗଲା କୁଆଡେ ? ବନ୍ଧୁକରୁ କେତେଦୂରରୁ ଗୁଳି ଚାଲିଛି ତାର ଗ୍ରାଫିକ୍ସ ପ୍ରେଜେଂଟଟେସନ ଚାର୍ଜ ସିଟରେ ନାହିଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ନବ ଦାସଙ୍କ ଦେହରେ ବାଜିଥିବା ଗୁଳିକୁ ଏଯାଏ ଖୋଜି ପାଇନି ପୁଲିସ। ନବ ଦାସଙ୍କ ହତ୍ୟାରେ ଯେଉଁମାନେ ଲାଭ ପାଇଥାନ୍ତେ, ସେମାନେ ଏହି ତଦନ୍ତରେ ବର୍ତିଗଲେ। ଥରେ ଟ୍ରାଫିକରେ ନବ ଦାସଙ୍କ ଗାଡ଼ି ଅଟକାଇବା, ପୁତୁରାକୁ ନେଇ ଚାକିରି ପାଇଁ ନବ ଦାସଙ୍କ ପାଖକୁ ଯିବା ପରେ ନବ ଦାସ କଥା ନ ଶୁଣିବା ଓ ନବ ଦାସଙ୍କ ▶▶ପୃଷ୍ଠା ୭

# ଦ୍ୱିତୀୟ ପର୍ଯ୍ୟାୟ ପ୍ରଧାନ ଶିକ୍ଷକ ତାଲିମ ଶିବିରରେ ବନମହୋତ୍ସବ ପାଳିତ

କେନ୍ଦ୍ରାପଡ଼ା, ୧୪/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ବାଲିଆରେ ଚଳିତ ମାସ ଦଶ ତାରିଖରେ ଆରମ୍ଭ ହୋଇଥିବା ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶିକ୍ଷକ ତାଲିମ ଶିବିରରେ ବନମହୋତ୍ସବ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମାଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଅଛି । ରାଜନଗର, ପଟ୍ଟାମୁଣ୍ଡାଇ, ରାଜକନିକା ଓ ମହାକାଳପଡା ବ୍ଲକର ୧୮୦ ଜଣ ପ୍ରଧାନ ଶିକ୍ଷକ ନୂତନ ଶିକ୍ଷା ନୀତି ୨୦୨୦ର ଆଭିମୁଖ୍ୟ, ଗୁଣାତ୍ମକ, ସାମଗ୍ରିକ ପ୍ରାଥମିକ ଶିକ୍ଷା, ୩ ବର୍ଷରୁ ୮ ବର୍ଷର ଯାଏଁ ପିଲାମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯିବା ନିୟମିତ ଲେସନ୍ ନୋଟ୍ ଲେଖିବା, ଶିକ୍ଷକତାକୁ ବୃତ୍ତି ନୁହେଁ ବ୍ରତ ଭାବି ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରି କେନ୍ଦ୍ରାପଡା ଜିଲ୍ଲାକୁ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏକ ନଂ କରିବା ଲାଗି ଦ୍ୱିତୀୟ ପର୍ଯ୍ୟାୟ ପ୍ରଧାନ ଶିକ୍ଷକ ତାଲିମରେ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ ଡଃ ବ୍ରହ୍ମା । କେବଳ ଶିକ୍ଷା ଦାନରେ ସିମିତ ନରହି ବୃକ୍ଷରୋପଣ, ସଫେଇ ଇତ୍ୟାଦି କାର୍ଯ୍ୟ ପ୍ରଥମେ ପ୍ରଧାନ ଶିକ୍ଷକ ଆରମ୍ଭ କଲେ ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ସହକାରୀ ଶିକ୍ଷକ ଅନୁପ୍ରାଣିତ ହେବେ ବୋଲି ଡଃ ବ୍ରହ୍ମା ପରାମର୍ଶ ଦେଇଥିଲେ । ବାଲିଆ ଡିଆଇଟି ଏକ ପ୍ରୟୋଗଶାଳା ବୋଲି ବିବେଚନା କରି ପ୍ରତ୍ୟେକ ଶିବିରାର୍ଥୀ ଗୋଟିଏ ଗଛ ଲଗାଇବା ସହିତ ସଫେଇ କାର୍ଯ୍ୟ କରି ବନମହୋତ୍ସବ ପାଳନ କରିବା ସଙ୍ଗେ ସଙ୍ଗେ ଏହି ମନ୍ତ୍ରରେ ଅଭିମନ୍ତ୍ରିତ ହୋଇଥିଲା । ଏଥିରେ ଶିକ୍ଷା ପ୍ରଶିକ୍ଷଣର ପ୍ରଶିକ୍ଷକ ରାଜକିଶୋର ନାୟକ, ଲୋପାମୁଦ୍ରା ପଣ୍ଡା, କଳ୍ପନା ସାହୁ, ଅସୀମା ସାହୁ, ଶ୍ରଦ୍ଧାଞ୍ଜଳି ମାହୁନ୍ତ, ସୁନୀତା ବେହେରା, ମଧୁସ୍ମିତା ବେହେରା, ସାଦନ କର୍ମୀ ତଥା ଜାତୀୟ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭାଂଶୁ କୁମାର ଦାସ, ମହମ୍ମଦ ଅଜଗର ଅଲ୍ଲୀ, ଅଚ୍ୟୁତାନନ୍ଦ ସାମଲ, ଅଶ୍ୱିନୀ ରାଉତ, ଅଶୋକ କୁମାର ପରିଡା, ସବ୍ୟସାଚୀ ଦାସ, ରଞ୍ଜନା ଦାସ, ନିହାରବାଳା ଜେନା, ଅନୀଲ କୁମାର ନନ୍ଦ, ଶିବିରାର୍ଥୀ ରାଜ୍ୟପାଳ ପୁସ୍କାରପ୍ରାପ୍ତ ଶିକ୍ଷକ ଶିଶିର କୁମାର ଦାସ ଓ ସରୋଜ କୁମାର ପାଇଟାଳ, ଗୋଲକ ବିହାରୀ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ପ୍ରତ୍ୟେକ ଶିବିରାର୍ଥୀ ଗଛ ଲଗାଇବା ସହିତ ସଦାୟତ ପ୍ରଦାନ କରିଥିଲେ । ଏଥିସହ ନିଜ ନିଜ ବିଦ୍ୟାଳୟକୁ କିପରି ସରସ ଓ ସୁନ୍ଦର କରିବେ ସେଥି ନିମନ୍ତେ ଶପଥ କରିଥିଲେ ।

# କନ୍ଧମାଳ ବରିଷ୍ଠ ନାଗରିକଙ୍କ ସଂଘ ପକ୍ଷରୁ ଜୁଲାଇ ୧୬ରେ ମେଗା ସ୍ୱାସ୍ଥ୍ୟ ଶିବିର

କନ୍ଧମାଳ, ୧୪/୦୭ (ନି.ପ୍ର): କନ୍ଧମାଳ ବରିଷ୍ଠ ନାଗରିକଙ୍କ ସଂଘ ପକ୍ଷରୁ ଜୁଲାଇ ୧୬ରେ ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କନ୍ଧମାଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକ ସଂଘ କନ୍ଧମାଳ ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପ ଫୁଲବାଣୀ ଠାରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିବା ପାଇଁ ଡ୍ରିମଲ୍ୟାଣ୍ଡ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୁଲାଇ ୧୬ତାରିଖ ରବିବାର ଦିନ ଭୁବନେଶ୍ୱର କଳିଙ୍ଗ ହସପିଟାଲ ପକ୍ଷରୁ ଅଭିଜ୍ଞ ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେବାର ବ୍ୟବସ୍ଥା କରାଯାଇଛି ।ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ କଳିଙ୍ଗ ହସପିଟାଲର ହୃଦରୋଗ ବିଶେଷଜ୍ଞ, ସ୍ନାୟୁ ବିଶେଷଜ୍ଞ, ମେଡିସିନ ବିଶେଷଜ୍ଞ, ଦନ୍ତ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । କନ୍ଧମାଳ ଜିଲାରେ ସ୍ୱାସ୍ଥ୍ୟ ସେବା ସଂମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ଜିଲାରେ ନବେଭାଗ ବିଶେଷଜ୍ଞ ନାହାନ୍ତି । ଜନସାଧାରଣ ସାଧାରଣ ଜ୍ୱର କାଶ ହେଲେ ବ୍ରହ୍ମପୁର ଓ କଟକ ରେଫର କରାଯାଉଛି । ସାମାନ୍ୟ କେସରେ ରେଫର କରୁଥିବାରୁ ମେଡ଼ିକାଲ କଲେଜର ଡାକ୍ତର ମାନେ ତାଚ୍ଛଲ୍ୟ କରୁଛନ୍ତି । ଏବଂ ବିଶେଷଜ୍ଞ ନଥିବାରୁ ଜରୁରୀ ସେବା ମିଳୁନାହିଁ, ଯାହାଫଳରେ ଅନେକ ରୋଗୀ ତତ୍କାଳ ସେବା ଅଭାବରୁଜିଲା ମୁଖ୍ୟ ଚିକିତ୍ସାଳୟରେ ଅସମୟରେ ମୃତ୍ୟୁବରଣ କରୁଛନ୍ତି । ରାଜ୍ୟର ସବୁ ଡାକ୍ତରଖାନା ଆଉଟଡୋର ଦୁଇବେଳା ଖୋଲୁଥିବାବେଳେ କନ୍ଧମାଳ ଜିଲ୍ଲାରେ ଉପରବେଳା ଆଉଟଡୋର ଦୁଇ ତିନି ବର୍ଷ ହେବା ନଖୋଲିବା ଦୁର୍ଭାଗ୍ୟ ଜନକ । ତେଣୁ ଏହି ପରିପ୍ରେକ୍ଷୀରେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁଜୁଲାଇ ୧୬ତାରିଖରେ ବିଜୁ କଲ୍ୟାଣ ମଣ୍ଡପ ଫୁଲବାଣୀ ଠାରେ ଅଭିଜ୍ଞ ବିଶେଷଜ୍ଞମାନଙ୍କୁ ନେଇ ଅନୁଷ୍ଠିତ ହେବାକୁଥିବା ସ୍ୱାସ୍ଥ୍ୟ ଶିବିର ସ୍ୱାଗତଯୋଗ୍ୟ ।

# ରଜତ ହତ୍ୟାକାଣ୍ଡର ଖୁଲାସା କଲେ ଏସପି: ମୁଖ୍ୟ ଅଭିଯୁକ୍ତ ସମେତ ୬ ଗିରଫ

ବଲାଙ୍ଗିର, ୧୪/୦୭ (ନି.ପ୍ର): ବଲାଙ୍ଗିର ସଦର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରଜତ ହତ୍ୟାକାଣ୍ଡର ଖୁଲାସା କରିଛନ୍ତି ବଲାଙ୍ଗିର ଏସପି ରିଷିକେଶ ଖିଲାରୀ । ସୂଚନା ଅନୁସାରେ, ଗତ ୨୪ ତାରିଖ ଦିନ ସଂଧ୍ୟାରେ ଅଏଁଲାଚୁଆଁ ନିବାସୀ ରଜତ ନିଖୋଜ ହେବା ପରେ ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି କରିବା ପରେ ବି ରଜତଙ୍କ ପତା ମିଳିନଥିଲା । ୨୫ ତାରିଖ ଦିନ ସକାଳେ ରଜତଙ୍କ ମୃତଦେହ ଖୁଜେନପାଲି ରେଲୱେ ଟ୍ରାକ୍ ରେ ମିଳିଥିଲା । ଏହି ଘଟଣା ସମ୍ପର୍କରେ ରେଳ ଷ୍ଟେସନ ମାଷ୍ଟରଙ୍କ ରିପୋର୍ଟ ଅନୁସାରେ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରିଥିଲା । ମୃତକଙ୍କ ବାପା ନିରାକାର ପ୍ରଧାନ ତାଙ୍କ ପୁଅ ଆତ୍ମହତ୍ୟା କରିନାହିଁ, ତାଙ୍କୁ ହତ୍ୟା କରାଯାଇଛି ବୋଲି ବଲାଙ୍ଗିର ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପ୍ରତ୍ୟେକ ଦିଗକୁ ଦୃଷ୍ଟିରେ ରଖି ସଦର ପୋଲିସ ତଦନ୍ତ ଆରମ୍ଭ କରିଥିଲା । ତନାଘନା ତଦନ୍ତରୁ ଜଣାପଡ଼ିଥିଲା ଯେ, ଏହା ଆତ୍ମହତ୍ୟା ନୁହେଁ । ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ । କେବଳ ଆତ୍ମହତ୍ୟାର ରୂପ ଦେବାକୁ ହତ୍ୟାକାରୀମାନେ ରେଲୱେ ଟ୍ରାକ୍ରେ ରଜତଙ୍କ ମୃତଦେହ ଫୋପାଡ଼ି ଦେଇଥିଲେ । ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଜଣେ ପ୍ରେମିକାଙ୍କୁ ଭଲ ପାଉଥିବା ଦୁଇ ଜଣ ପ୍ରେମିକଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମୃତ ରଜତ ଏବଂ ଅନ୍ୟ ଜଣକ ହେଉଛି ମୁଖ୍ୟ ଅଭିଯୁକ୍ତ ସିଲେଟ୍ପଡ଼ା ନିବାସୀ ସୂର୍ଯ୍ୟକାନ୍ତ ସେଲ୍ମା (୨୧) । ତେବେ ରଜତଙ୍କୁ ଅଏଁଲାଚୁଆଁ ନିକଟରେ ଏକ ନିଛାଟିଆ ସ୍ଥାନରେ ମାରଣାସ୍ତ୍ର ସାହାଯ୍ୟରେ ହତ୍ୟା କରାଯାଇ ଏକ ମୋଟର ସାଇକେଲ ସାହାଯ୍ୟରେ ଖୁଜେନପାଲି ନିକଟସ୍ଥ ରେଲୱେ ଟ୍ରାକରେ ନିକଟକୁ ଆଣି ଫୋପାଡ଼ି ଦିଆଯାଇଥିଲା । ଏହି ଘଟଣାରେ ବଲାଙ୍ଗିର ସଦର ପୋଲିସ ସିଲେଟପଡ଼ା ଗାଁର ସୂର୍ଯ୍ୟକାନ୍ତ ସେଲମା(୨୧), ରାଜୀବ ବଗର୍ତି (୨୧) ଓ ଅନ୍ୟ ୪ ଜଣ ନାବାଳକଙ୍କୁ ଗିରଫ୍ କରିଛି । ହତ୍ୟାକାରୀଙ୍କ ଠାରୁ ହତ୍ୟାରେ ବ୍ୟବହାର କରାଯାଇଥିବା ସାଇକେଲ କ୍ରେଙ୍କ୍, ଗୋଟିଏ ଆଇରନ୍ ରଡ୍, ଗୋଟିଏ କଟୁରୀ, ଗୋଟିଏ ଛୁରୀ, ଗୋଟିଏ ଲାଠି, ୬ଟି ମୋବାଇଲ୍ ଫୋନ ଏବଂ ଦୁଇଟି ମୋଟର ସାଇକେଲ ଜବତ୍ କରିଛି ସଦର ପୋଲିସ ।

# ଅକ୍ଷରା ପୁରସ୍କାର ବିତରଣ ସମାରୋହ

ବଲାଙ୍ଗୀର, ୧୪/୦୭ (ନି.ପ୍ର): ମମତା (ଏଚ୍ଆଇଏମ୍ସି), ପ୍ରୋଜେକ୍ଟ ଜାଗୃତି ସଇଁନ୍ତଲା ବଲାଙ୍ଗିର ର ଅନୁକୁଲ୍ୟରେ ଅକ୍ଷରା ପରସ୍କାର ବିତରଣ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ କିଶୋରୀ ଝିଅ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ନିଜର ପାଠପଢା ଜାରି ରଖିବେ ଏବଂ ବାଲ୍ୟ ବିବାହ କିପରି ହ୍ରାସ ହୋଇ ପରିବ ସେ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାକୁ ପରିଚାଳନା କରିଥିଲେ ଏସ୍ ?ପିଏମ୍ ବେଞ୍ଜାମିନ ନାୟକ ଓ ବ୍ଲକ ସୁପରଭାଇଜର ରଞ୍ଜୁ ମଣ୍ଡଲ । ଏହି କାର୍ଯ୍ୟକ୍ରମ୍ କୁଲୁଟାପଡା ହାଇସ୍କୁଲ ଏବଂ ବଡଗୋମୁଣ୍ଡା ହାଇସ୍କୁଲ ରେ ଆୟୋଜିତ କରାଯାଇଥିଲା । ଏଥିରେ ମମତା (ଏଚ୍ଆଇଏମ୍ସି)ର କର୍ମୀମାନେ ସହଯୋଗ କରିଥିଲେ ।

# ଚାଲିବ ଆଉ ୨ ସ୍ୱତନ୍ତ୍ର ଟ୍ରେନ୍: ବଢ଼ିଲା ପୂର୍ବରୁ ଚାଲୁଥିବା ଟ୍ରେନର ଅବଧି



ଭୁବନେଶ୍ୱର, ୧୪/୦୭ (ନି.ପ୍ର): ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ନିୟମିତ ଟ୍ରେନ୍ରେ ଅତିରିକ୍ତ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା ହୋଇଛି । ଏଥିସହ ପୂର୍ବରୁ ଚଳାଚଳ କରୁଥିବା କେତେକ ସ୍ୱତନ୍ତ୍ର ଟ୍ରେନ ସେବାକୁ ବୃଦ୍ଧି କରାଯିବା ସହ ନୂଆ ଷ୍ଟେସନଗୁଡ଼ିକରେ କିଛି ଟ୍ରେନ୍ର ରହଣି ବ୍ୟବସ୍ଥା ହୋଇଛି । ପୁରୀ-ଉଧନା (ସୁରଟ) ଜନସାଧାରଣ ସାପ୍ତାହିକ ଅଣ-ସଂରକ୍ଷିତ ବିଶେଷ ଟ୍ରେନ (୦୮୪୬୫) ଅଗଷ୍ଟ ୨ ପର୍ଯ୍ୟନ୍ତ ପ୍ରତି ବୁଧବାର ପୁରୀରୁ ଅପରାହ୍ନ ୨ଟା ୫୫ରେ ଓ ଫେରିବା ବାଟରେ ଉଧନା-ପୁରୀ ଜନସାଧାରଣ ସାପ୍ତାହିକ ଅଣ-ସଂରକ୍ଷିତ ବିଶେଷ ଟ୍ରେନ୍ (୦୮୪୬୬) ଅଗଷ୍ଟ ୩ ପର୍ଯ୍ୟନ୍ତ ପ୍ରତି ଗୁରୁବାର ରାତି ୧୧ଟାରେ ଉଧନାରୁ ଛାଡ଼ିବ । ଏହି ଟ୍ରେନ୍ ଖୋର୍ଦ୍ଧାରୋଡ, ଭୁବନେଶ୍ୱର, ଢେଙ୍କାନାଳ, ତାଳଚେର ରୋଡ, ଅନୁଗୁଳ, ରେଢ଼ାଖୋଲ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ, ଇବ୍, ବିଳାସପୁର, ରାଇପୁର, ନାଗପୁର, ୱାର୍ଧା ଓ ଭୁସାବଲ୍ ପ୍ରଭୃତି ଷ୍ଟେସନରେ ରହଣି କରିବ । ଟ୍ରେନରେ ୧୭ଟି ଅଣ-ସଂରକ୍ଷିତ ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ ଓ ଦୁଇଟି ଗାର୍ଡ, ଲଗେଜ ତଥା ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ କୋଚ୍ ଉପଲବ୍ଧ ରହିଛି । ବିଶାଖାପାଟଣା-ରଙ୍ଗପଡ଼ା ଉତ୍ତର(ଆସାମ) ଜନସାଧାରଣ ସାପ୍ତାହିକ ଅଣ-ସଂରକ୍ଷିତ ବିଶେଷ ଟ୍ରେନ(୦୮୫୬୨) ଅଗଷ୍ଟ ୩୦ରୁ ବିଶାଖାପାଟଣାରୁ ପ୍ରତି ରବିବାର(ଶନିବାର ରାତି ୧୨ଟା ୧୦)ରେ ଛାଡ଼ି ସୋମବାର ପୂର୍ବାହ୍ନ ୧୦ଟାରେ ରଙ୍ଗପଡ଼ା ଉତ୍ତରରେ ପହଞ୍ଚିବ । ଫେରିବା ମାର୍ଗରେ ରଙ୍ଗପଡ଼ା ଉତ୍ତର-ବିଶାଖାପାଟନମ୍ ସ୍ପେସାଲ୍ (୦୮୫୬୧) ଅଗଷ୍ଟ ୩୧ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଭୋର ୫ଟା ୧୫ରେ ଛାଡ଼ି ବୁଧବାର ଅପରାହ୍ନ ୩ଟା ୩୫ରେ ବିଶାଖାପାଟଣାରେ ପହଞ୍ଚିବ । ଏହି ଟ୍ରେନ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି କରିବ । ଏଥିରେ ୭ଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ ଓ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ରହିଛି । ବିଭିନ୍ନ ଷ୍ଟେସନରେ କେତେକ ଟ୍ରେନର ପରୀକ୍ଷାମୂଳକ ରହଣି ବ୍ୟବସ୍ଥା ହୋଇଛି । ଜୁଲାଇ ୧୫ରୁ ଭୁବନେଶ୍ୱର-ନୟାଗଡ଼ ଟାଉନ-ଭୁବନେଶ୍ୱର ସେବା ଏକ୍ସପ୍ରେସ ଟ୍ରେନ୍(୧୮୪୨୩/୧୮୪୨୪) ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ଷ୍ଟେସନରେ ରହଣି କରିବ । ଏହାବ୍ୟତୀତ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ (୧୭୦୧୫) ସତ୍ତେନାପଲ୍ଲୀ, ପିଡୁଗୁରୁଲା, ନାଡିକୁଡେ ଷ୍ଟେସନ, ମିରିୟାଲାଗୁଡ଼ା ଏବଂ ନାଲଗୋଣ୍ଡା ଷ୍ଟେସନରେ, ପୁରୀ-ତିରୁପତି ଏକ୍ସପ୍ରେସ୍(୧୭୪୭୯) ଗଞ୍ଜାମ ଷ୍ଟେସନରେ ଏବଂ ବିଶାଖାପାଟଣା-ମେହବୁବନଗର ଏକ୍ସପ୍ରେସ (୧୨୮୬୧) ମଧିରା ଷ୍ଟେସନରେ ରହଣି ବ୍ୟବସ୍ଥା କରାଯାଇଛି । ସାନ୍ତ୍ରାଗଛି-ପୁରୀ-ସାନ୍ତ୍ରାଗଛି ବିଶେଷ ଟ୍ରେନ ଅଗଷ୍ଟ ୨୬ ଯାଏ, ଭଞ୍ଜପୁର (ବାରିପଦା)-ପୁରୀ-ଭଞ୍ଜପୁର ବିଶେଷ ଟ୍ରେନ୍ ସେପଟ୍ମେର ୧, ବିଶାଖାପାଟଣା-ବନାରସ-ବିଶାଖାପାଟଣା ବିଶେଷ ଟ୍ରେନ୍ ଅଗଷ୍ଟ ୩୦, ବନାରସ-ବିଶାଖାପାଟଣା ସ୍ପେସାଲ ଟ୍ରେନ୍ ଅଗଷ୍ଟ ୩୧ ଯାଏ ଚଳାଚଳ କରିବ ।

# ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ସହାୟତା

ସମ୍ବଲପୁର, ୧୪/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାନେଶ୍ୱର ବ୍ଲକ ରାସନପୁର ଗ୍ରାମରେ ଜନୈକା ବୃଦ୍ଧାଙ୍କ ଶୁଦ୍ଧିକ୍ରିୟା ପାଇଁ ସେବା ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ସୂଚନାନୁଯାୟୀ ଗ୍ରାମର ଚରଣ ଛୁରିଆଙ୍କ ଘରେ ରହୁଥିବା ତାଙ୍କ ବିଧବା ଭଉଣୀ ବିଳାସିନି ମହାନନ୍ଦଙ୍କର ଗତ କିଛି ଦିନ ତଳେ ସ୍ୱର୍ଗବାସ ହୋଇଥିଲା । ବିଳାସିନୀଙ୍କ କୌଣସି ସନ୍ତାନ ସନ୍ତତି ନଥିବା ବେଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ସେ ତାଙ୍କ ଭାଇ ଚରଣଙ୍କ ଘରେ ରହି ଆସୁଥିଲେ । ଦୁର୍ବଳ ଆର୍ଥିକସ୍ଥିତି ସତ୍ତ୍ୱେ ଚରଣ ନିଜ ବିଧବା ଭଉଣୀକୁ ଯେନତେନ ପ୍ରକାରେ ଚଳାଇ ନେଉଥିଲେ । ମାତ୍ର ବିଳାସିନୀଙ୍କ ମୃତ୍ୟୁ ପରେ ଗାଁରେ ଭଉଣୀର ଶୁଦ୍ଧିକ୍ରିୟା କରିବା ଚରଣଙ୍କ ପାଇଁ ଅସମ୍ଭବ ପରିସ୍ଥିତି ସୃଷ୍ଟି କରିଥିଲା । ଚରଣଙ୍କ ଏପରି ପରିସ୍ଥିତି ଦେଖି ରାସନପୁର ଗ୍ରାମର ଜିତେନ୍ଦ୍ର ଛୁରିଆ ସ୍ଥାନୀୟ ସେବା ସଭାପତି ଡଃ ଅମର ତାଣ୍ଡିଆଙ୍କୁ ଅବଗତ କରାଇଥିଲେ । ଏହା ଜାଣିବାପରେ ସେବା ଅନୁଷ୍ଠାନର କେତେକ ସଦସ୍ୟ ରାସନପୁର ଗ୍ରାମକୁ ଯାଇ ଚରଣ ଛୁରିଆଙ୍କୁ ଦିବଙ୍ଗତ ଭଉଣୀ ବିଳାସିନୀଙ୍କ ଗଙ୍ଗାଭୋଜି ନିମନ୍ତେ ଆବଶ୍ୟକୀୟ ସମସ୍ତ ରାସନ ସାମଗ୍ରୀ ଯୋଗାଇ ଦେଇଥିଲେ । ଏହି ସହାୟତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗୌରୀଶଙ୍କର ମିଶ୍ର, ଦୀପକ ସା, ନରେଶ ସୁନାର, ଅରବିନ୍ଦ ବେହେରା, ଅର୍ପଣ ଦାସନାୟକ, ଶୁଭମ ଦେହୁରୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# କନ୍ଧମାଳ ଜିଲ୍ଲାର ତିନି ଥାନା ଅଧିକାରୀଙ୍କ ବଦଳି

କନ୍ଧମାଳ, ୧୪/୦୭ (ନି.ପ୍ର): କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଆଇଆଇସି କୌଶିକ ମାଝି ଏବଂ ବାଲିଗୁଡା ଆଇଆଇସି ବାବା ଶଙ୍କର ସରଫଙ୍କ ବଦଳି ହୋଇଯାଇଛି । କନ୍ଧମାଳ, ଗଜପତି, ଗଞ୍ଜାମ, ବ୍ରହ୍ମପୁର ଓ ବୌଦ୍ଧ ଜିଲ୍ଲାରୁ ମୋଟ ୧୭ ଜଣଙ୍କ ବଦଳି ହୋଇଥିବା ବେଳେ ସେଥିମଧ୍ୟରେ କୌଶିକଙ୍କୁ ଗଞ୍ଜାମ ଏସପିଙ୍କ ଅଂଚଳକୁ ବଦଳି ହୋଇଥିବା ବେଳେ ବାବା ଶଙ୍କରଙ୍କୁ ବ୍ରହ୍ମପୁର ଏସପିଙ୍କ ନିକଟକୁ ବଦଳି କରାଯାଇଛି । ସେହିପରି ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କୁ ବୌଦ୍ଧ ଜିଲାକୁ ବଦଳି ହୋଇଥିବା ଜଣାପଡିଛି । ସୂଚନା ଯୋଗ୍ୟ, କୌଶିକ ୨୦୧୯ ମସିହା ଅଗଷ୍ଟରେ ଦାରିଙ୍ଗବାଡି ଥାନାରେ ଦାୟିତ୍ୱ ଗ୍ରହଣ କରିଥିଲେ । ଦୀର୍ଘ ୪ ବର୍ଷ ଧରି ସେ ନିଜ ଦାୟିତ୍ୱ ଓ ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଠିକ ଭାବରେ ତୁଲାଇ ରାଜ୍ୟ ପୋଲିସ ମୁଖ୍ୟ ଡିଜିପିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏହି ଥାନା ଗୁଡିକରେ ନୂତନ ଆଇଆଇଆସି ନିଯୁକ୍ତି ପାଇବା ପରେ ସେମାନେ ଏଠାରୁ ରିଲିଭ ହେବେ ବୋଲି ଜଣାପଡିଛି ।

# ଡେଙ୍ଗୁ ଓ ମାଲେରିଆ ରୋଗମୁକ୍ତ କେନ୍ଦ୍ରାପଡ଼ା ଆମର ଲକ୍ଷ୍ୟ: ସିଡିଏମ୍ଓ

କେନ୍ଦ୍ରାପଡ଼ା, ୧୪/୦୭ (ନି.ପ୍ର): ମୌସୁମୀ ବର୍ଷା କେବଳ ଚାଷ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି କରିନଥାଏ ବରଂ ମଶାର ବଂଶ ବୃଦ୍ଧି ପାଇଁ ସହାୟକ ହୋଇଥାଏ । ତେଣୁ ମଶାର ବଂଶ ବୃଦ୍ଧିକୁ ରୋକି କେନ୍ଦ୍ରାପଡ଼ାକୁ ସମ୍ପୂର୍ଣ୍ଣ ଡେଙ୍ଗୁ ଓ ମାଲେରିଆ ରୋଗରୁ ମୁକ୍ତ କରିବାକୁ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅନୀତା ପଟ୍ଟନାୟକ । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ମାଲେରିଆ ଓ ଡେଙ୍ଗୁ ବିରୋଧି ମାସ ପାଳନ ଅବସରରେ ଏହାର ଅଧକ୍ଷତା କରି ଶ୍ରୀମତୀ ପଟ୍ଟନାୟକ ଏଭଳି ମତ ରଖିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ମୀର୍ଜା ବାବର୍ ବେଗ୍ ଡେଙ୍ଗୁ ଓ ମାଲେରିଆ ଉପରେ ଏକ ସାରଗର୍ଭକ ସମ୍ଭାଷଣ ପ୍ରଦାନ କରି କହିଥିଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜିରୋ କାଜୁଆଲିଟିକୁ ଆମେ ଟାର୍ଗେଟ୍ କରିଛୁ । ଉଲ୍ଲେଖଯୋଗ୍ୟ ଯେ ଶୂନ୍ୟ ମାଲେରିଆ ପ୍ରଭାବ ପାଇଁ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ପୁରସ୍କୃତ ହୋଇସାରିଛି ଓ ୨୦୩୦ ସୁଦ୍ଧା ଓଡ଼ିଶାକୁ ମାଲେରିଆ ରୋଗମୁକ୍ତ ରାଜ୍ୟ ଭାବେ ପରିଗଣନା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ଏହି ଶୂନ୍ୟ ମାଲେରିଆ ଓ ଡେଙ୍ଗୁ ପ୍ରଭାବ ଧାରାକୁ ବଜାୟ ରଖିବା ପାଇଁ ଗ୍ରାମାଂଚଳରେ କାର୍ଯ୍ୟ କରୁଥିବା ଗାଁ କଲ୍ୟାଣ ସମିତି, ଏଏନ୍ଏମ୍, ଅଙ୍ଗନୱାଡ଼ି କର୍ମୀଙ୍କ ଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି କହିଥଲେ ଉପସ୍ଥିତ ଅଧିକାରୀମାନେ । ଜିରୋ କାଜୁଆଲିଟି କିମ୍ବା ଶୂନ୍ୟ ପ୍ରଭାବର ଧାରାକୁ ବଳବତର କରି ରଖିବା ପାଇଁ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଇବ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ । ମଶାରୀ ଟାଣି ଶୋଇବା, ଦୂଷିତ ଜଳ ଜମା ହେବାକୁ ନଦେବା, ଘରର ଆଖପାଖ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ମଶାର ବଂଶ ବୃଦ୍ଧି ଲୋପ ପାଇବ । 'ଳରେ ଆମେ ମାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇପାରିବା । ମାଲେରିଆ, ଡେଙ୍ଗୁ ସହ ଡାଇରିଆ, ଟିବି ଓ କୁଷ୍ଠରୋଗର ନିରାକରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ନୂତନ ଜିଲ୍ଲା ଚିକିତ୍ସା ଅଧୀକ୍ଷକ ଡା ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗୀତାଞ୍ଜଳୀ ଦାସ, ଜିଲ୍ଲା ଆକାଉଂଟ୍ସ ମ୍ୟାନେଜର୍ ସର୍ବେଶ୍ୱର ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠରୋଗ) ଡା ପ୍ରଦୀପ କୁମାର ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା ପ୍ରଦୀପ କୁମାର ବେହେରା, ପଟ୍ଟାମୁଣ୍ଡାଇର ଅଧୀକ୍ଷକ ଡା ନିରାକାର ପରିଡ଼ା, ପାଟକୁରାର ଜନସ୍ୱାସ୍ଥ୍ୟ ଅଧିକାରୀ ଡା ନିରଞ୍ଜନ କର, ରାଜନଗରର ଜନସ୍ୱାସ୍ଥ୍ୟ ଅଧିକାରୀ ଡା ରଶ୍ମି ରଞ୍ଜନ ମହାନ୍ତି, ଇନ୍ଦୁପୁରର ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଶ୍ରୀକାନ୍ତ ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ଓ ବ୍ଲକ୍ କାର୍ଯ୍ୟକ୍ରମ ପରିଚାଳକ, ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲସ୍ତରୀୟ ଏନ୍ଜିଓର ସଦସ୍ୟ ଓ ଚିକିତ୍ସାଳୟର ବହୁ କର୍ମକର୍ତା ଏଥିରେ ଯୋଗ ଦେଇଥିଲେ ।

# ରାଜ୍ୟରେ ୪୨% ପଛୁଆ ବର୍ଗ: ପଛୁଆବର୍ଗ ଲୋକସଂଖ୍ୟା ୨କୋଟି ବି ଟପିଲାନି



ଭୁବନେଶ୍ୱର, ୧୪/୦୭ (ନି.ପ୍ର): ରାଜ୍ୟରେ ଓବିସି ବର୍ଗଙ୍କୁ ୨୭% ସଂରକ୍ଷଣ ମିଳିବା ସମ୍ଭାବନା କମି କମି ଯାଉଛି । ଓବିସି ବର୍ଗଙ୍କୁ ସଂରକ୍ଷଣ ୨୭% ସଂରକ୍ଷଣ ଦେବା ପାଇଁ ରାଜ୍ୟରେ ସେମାନଙ୍କ ଜନସଂଖ୍ୟା ମୋଟ୍ ଜନସଂଖ୍ୟାର ୫୪% ବା ଏହାଠାରୁ ଅଧିକ ହେବା ଦରକାର । ହେଲେ ଓବିସି ଗଣନା ଶେଷ ହୋଇଥିବାବେଳେ ଏହା ୪୫% ବି ଟପୁନି । ଜୁଲାଇ ୧୦ରେ ଶେଷ ହୋଇଥିବା ଓବିସି ଗଣନା ଅନୁଯାୟୀ ରାଜ୍ୟରେ ପ୍ରାୟ ୧କୋଟି ୯୧ଲକ୍ଷ ଓବିସି ବର୍ଗର ଲୋକ ଅଛନ୍ତି । ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ ପକ୍ଷରୁ ଅନଲାଇନ୍ରେ ସର୍ଭେ କରି, ଘରକୁ ଘର ବୁଲି ସର୍ଭେ କରିବା ପରେ ବି ଏହା କୌଣସି ପରିସ୍ଥିତିରେ ୫୦% ଛୁଉଁନି । ତେଣୁ ଏବେ ଓବିସି ବର୍ଗଙ୍କୁ ୧୧.୨୫% ନା ୨୭% ସଂରକ୍ଷଣ ଦେବେ ସେନେଇ ରାଜ୍ୟ ସରକାର ହରଡ଼ଘଣାରେ ପଡ଼ିଲେଣି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ପରିସ୍ଥିତିରେ ବି ସଂରକ୍ଷଣ ବ୍ୟବସ୍ଥା ୫୦% ଟପିବନି । ଏବେ ରାଜ୍ୟରେ ଏସ୍ଟି ବର୍ଗଙ୍କୁ ୨୨.୫%, ଏସ୍ ?ସି ବର୍ଗଙ୍କୁ ୧୬.୨୫% ସଂରକ୍ଷଣ ଦିଆଯାଉଥିବାବେଳେ ବାକି ୧୧.୨୫% ଏସ୍ଇବିସି ବା ଓବିସି ବର୍ଗଙ୍କୁ ମିଳୁଛି । ଶିକ୍ଷା କ୍ଷେତ୍ରରେ ଏବଂ ଆଉ କିଛି କ୍ଷେତ୍ରରେ ଏହା କିନ୍ତୁ ଲାଗୁ ହେଉନି । ଅପରପକ୍ଷେ ରାଜ୍ୟରେ ଓବିସି ବର୍ଗଙ୍କୁ ୨୭% ସଂରକ୍ଷଣ ଦେବାକୁ ହେଲେ ରାଜ୍ୟ ସରକାରଙ୍କୁ ସମ୍ବିଧାନର ଅନୁଚ୍ଛେଦ-୯ରେ ସଂଶୋଧନ କରିବାକୁ ହେବ । ଏହାହେଲେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାନିବାକୁ ବାଧ ହେବେନି । ଏପରିକି କେ ?ଣସି କୋର୍ଟ ଏହି ସଂରକ୍ଷଣ ବ୍ୟବସ୍ଥାରେ ହସ୍ତକ୍ଷେପ କରିପାରିବେନି । କିନ୍ତୁ ଏହା କରିବାକୁ ହେଲେ ରାଜ୍ୟରେ ଓବିସି ବର୍ଗର ଲୋକଙ୍କ ସଂଖ୍ୟା ପ୍ରଥମେ ୫୪%ରୁ ଅଧିକ ହେବା ଦରକାର । ଏହାପରେ ରାଜ୍ୟ ସରକାରଙ୍କ ଏହି ସଂରକ୍ଷଣ ବ୍ୟବସ୍ଥା ବିଧାନସଭାରେ ଏବଂ ସଂସଦରେ ବହୁମତରେ ପାରିତ ହେବା ଦରକାର । ଏଥିପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଦରକାର । ହେଲେ ଓବିସି ବର୍ଗର ଜନସଂଖ୍ୟା ପ୍ରାୟ ୪୨% ଥିବାରୁ ରାଜ୍ୟ ସରକାର କି କାହା ପାଇଁ ବିଶେଷ ସୁଯୋଗ ନାହିଁ । ଯେଉଁଥିପାଇଁ ରାଜ୍ୟ ସରକାର ଓବିସି ବର୍ଗଙ୍କୁ ୨୭% ସଂରକ୍ଷଣ ଦେବାକୁ ପୂର୍ବରୁ ଘୋଷଣା କରିଥିଲେ ବି ଏବେ ଦେଇପାରୁନାହାନ୍ତି କି ଆଗକୁ ଦେବା ପାଇଁ କୌଣସି ସମ୍ଭାବନା ମଧ୍ୟ ଦେଖାଯାଉନି । ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ମେ ୧ରୁ ରାଜ୍ୟରେ ଆରମ୍ଭ ହୋଇଥିବା ଓବିସି ସର୍ଭେ ଜୁଲାଇ ୧୦ ତାରିଖରେ ଶେଷ ହୋଇଛି । ଏଥିରେ ଅଫଲାଇନ୍, ଅନଲାଇନ୍ ଓ ଡୋର ଟୁ ଡୋର ସର୍ଭେ ହୋଇଥିଲା । ଏଥିରୁ ଜଣାପଡ଼ିଛି ଯେ ରାଜ୍ୟରେ ପ୍ରାୟ ୧କୋଟି ୯୧ଲକ୍ଷ ଓବିସି ବର୍ଗର ଲୋକ ଅଛନ୍ତି । ତଥ୍ୟ ମିଳିବା ପରେ ଅଫଲାଇନ୍ରେ ମିଳିଥିବା ଫର୍ମଗୁଡ଼ିକୁ ସ୍କାନିଂ କରି ଅପଲୋଡ୍ କରାଯାଇଛି । ତଥ୍ୟର ଭାଲିଡେସନ୍ ସରିଛି । ଏବେ ଜୁଲାଇ ୧୧ରୁ ୧୭ତାରିଖ ପର୍ଯ୍ୟନ୍ତ ଆବେଦନକାରୀଙ୍କ ଆପତ୍ତି ଶୁଣାଣି କରାଯାଉଛି । ଏଥିରେ ଆଉ କାହାକୁ ସାମିଲ୍ କରାଯିବନି । କାଳେ କିଏ ଉଭୟ ଅଫଲାଇନ୍ ଓ ଅନଲାଇନ୍ ?ରେ ଆବେଦନ କରିଥିବେ, ଗୋଟିଏ ପରିବାରରୁ ଦୁଇ ଜଣ ଆବେଦନ କରିଥିବେ ସେନେଇ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯିବ । ଆୟୋଗଙ୍କ ତରଫରୁ ଏହା ଯାଞ୍ଚ ହୋଇଥିଲେ ବି ନିୟମ ଅନୁଯାୟୀ ଆପତ୍ତି ଶୁଣାଣି କରାଯାଉଛି । ସମସ୍ତ ତଥ୍ୟ ଏକାଠି କରି ଜୁଲାଇ ୩୧ ସୁଦ୍ଧା ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ । ଅପରପକ୍ଷେ ରାଜ୍ୟରେ ପ୍ରାୟ ୪୨% ପଛୁଆବର୍ଗ ବାସିନ୍ଦା ଥିବା ଆପାତତଃ ଜଣାପଡ଼ିଛି । ଆଧାରକାର୍ଡ ପଞ୍ଜୀକରଣ ତଥ୍ୟ ଅନୁଯାୟୀ, ରାଜ୍ୟର ଜନସଂଖ୍ୟା ଏବେ ୪କୋଟି ୫୪ଲକ୍ଷ ୨୯ହଜାର ୩୯୯ ଜଣ ଥିବାବେଳେ ବିଭିନ୍ନ ସଂସ୍ଥାର ଆକଳନ ଅନୁଯାୟୀ ରାଜ୍ୟର ମୋଟ୍ ଜନସଂଖ୍ୟା ୨୦୨୩ରେ ୪କୋଟି ୭୦ଲକ୍ଷ ୯୯ହଜାର ୨୭୦ଜଣ ହେବ । ତେଣୁ ଆଧାରକାର୍ଡ ଜନସଂଖ୍ୟା ହିସାବରେ ଗଲେ ଏବେ ରାଜ୍ୟରେ ପ୍ରାୟ ୪୨.୦୪% ପଛୁଆବର୍ଗର ଲୋକ ଅଛନ୍ତି । ସେହିପରି ବିଭିନ୍ନ ସଂସ୍ଥାଙ୍କ ଆକଳନ ଜନସଂଖ୍ୟା ଅନୁଯାୟୀ ଗଲେ ରାଜ୍ୟରେ ପ୍ରାୟ ୪୦.୫୫% ପଛୁଆବର୍ଗର ଲୋକ ଅଛନ୍ତି । ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ବିଭିନ୍ନ ରାଜନୈତିକ ଦଳ ଏବଂ ସଂଗଠନ ରାଜ୍ୟରେ ଓବିସି ବର୍ଗଙ୍କୁ ୨୭% ସଂରକ୍ଷଣ ଦେବାକୁ ଦାବି କରିବାରୁ ରାଜ୍ୟ ସରକାର ଓବିସି କମିସନଙ୍କ ଠାରୁ ରିପୋର୍ଟ ମାଗିଥିଲେ । ଏହାପରେ କମିସନ ସଂରକ୍ଷଣ ବଢ଼ାଇବାକୁ ହେଲେ ଓବିସିଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୫୪% ରହିବା ଦରକାର ଏବଂ ଓଡ଼ିଶାରେ ଏତିକି ଲୋକ ପ୍ରାୟ ଅଛନ୍ତି ବୋଲି ଏକ ରିପୋର୍ଟ ଦେଇଥିଲେ ।

# କେନ୍ଦ୍ରାପଡାକୁ ମୋ ବସ୍ ସେବା ଯୋଗାଇ ଦେବାକୁ ଦାବି

କେନ୍ଦ୍ରାପଡ଼ା, ୧୪/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାକୁ "ମୋ ବସ୍" ସେବା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ନିକଟରେ ଦାବି କରାଯାଇଛି । ଏନେଇ ଏକ ଲିଖିତ ଦାବିପତ୍ର କେନ୍ଦ୍ରାପଡା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଜରିଆରେ ପ୍ରଦାନ କରାଯାଇ ଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ କଟକ, ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ ପ୍ରଭୃତି ଜିଲ୍ଲା ଗୁଡିକ "ମୋ ବସ୍" ସେବା ଅନ୍ତର୍ଭୁକ୍ତ ହୋଇଥିବା ବେଳେ କଟକ ଜିଲ୍ଲାର ସାଲେପୁର ପର୍ଯ୍ୟନ୍ତ "ମୋ ବସ୍" ସେବାକୁ ସଂପ୍ରସାରଣ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନଥିବାରୁ ଘରୋଇ ବସ ମାଲିକ ମାନେ ଯାତ୍ରୀଙ୍କ ଠାରୁ ମନଇଚ୍ଛା ଭଡା ଆଦାୟ କରୁଥିବା ଅଭିଯୋଗ ହେଉଛି । ଏନେଇ ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ବରିଷ୍ଠ ସମାଜସେବୀ ଫକିର ଚରଣ ଖଟୁଆ ଓ ବରିଷ୍ଠ ଆଇନଜୀବି ବିଧୁଭୂଷଣ ମହାପାତ୍ର, ଧୃବଚରଣ ଜେନା, ଗଗନ ଜେନା, ମୋହନ ସାହୁ, ଅତନୁ ଘୋଷାଲ, ଦିଲିପ ପରିଡା, ପ୍ରମୁଖ କେନ୍ଦ୍ରାପଡା ଜିଲ୍ଲାକୁ ଅର୍ବାନ ଟ୍ରାନ୍ସପୋର୍ଟ ହିସାବରେ ବିଜ୍ଞାପିତ କରିବାକୁ ଦାବି କରିବା ସହ କେନ୍ଦ୍ରାପଡା ଜିଲ୍ଲାକୁ "ମୋ ବସ୍" ସେବା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ପିଲାଙ୍କ ଦୁର୍ବଳତାକୁ ହାଲ୍କା ଭାବେ ନିଅନ୍ତୁନି

ପିଲାମାନେ ସେମାନଙ୍କ ହାତ ତଥା ପାଦରେ ଦୁର୍ବଳତା ଅନୁଭବ କରୁଥିବା ବେଳେବେଳେ କହିଥାନ୍ତି । ତେବେ ସେମାନଙ୍କର ଏହି ଅଭିଯୋଗକୁ ହାଲୁକା ଭାବେ ଗ୍ରହଣ କରନ୍ତୁନି । ଏହା ସାଧାରଣ ହୋଇପାରେ । ବେଳେବେଳେ ଚିନ୍ତାଜନକ ବି ହୋଇପାରେ । ଜନ୍ମରୁ ଦୁର୍ବଳ ପିଲା କୌଣସି ଆନୁବଂଶିକ ରୋଗର ଶିକାର ହୋଇପାରିଥାନ୍ତି ବା ଗର୍ଭାବସ୍ଥା ବେଳେ କୌଣସି ବିକାର ଦ୍ୱାରା ଆକ୍ରାନ୍ତ ହୋଇପାରିଥାନ୍ତି । ଡ଼ାଉନ ସିନଡ୍ରେମ୍, ମସ୍କ୍ୟୁଲାର ଡ଼ିଷ୍ଟ୍ରଫି ଆଦିରେ ଆକ୍ରାନ୍ତ ପିଲାମାନେ ସାଧାରଣ ପିଲାଙ୍କ ଠାରୁ ଅନେକ କ୍ଷେତ୍ରରେ ପଛୁଆ ରହିଥାନ୍ତି ।



କୌଣସି ରୋଗ ବେଶୀ ଦିନ ରହିବା ବା ହରମୋନରେ ଅସନ୍ତୁଳନ ଯୋଗୁଁ ପିଲାମାନଙ୍କଠାରେ ଦୁର୍ବଳତା ଅଧିକ ସମୟ ଧରି ରହିଥାଏ । ପିଲାଙ୍କୁ ଟିବି, ଯକୃତରେ ଦୁର୍ବଳତା, ଥାଏରଏଡ଼ ଦୁର୍ବଳତା ଭଳି କିଛି ରୋଗର ଲକ୍ଷଣ ସାଧାରଣ ଦୁର୍ବଳତା ରୂପରେ ସାମ୍ନାକୁ ଆସିଥାଏ । ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ପିଲାଙ୍କୁ ଏହାଠାରୁ ମୁକ୍ତି ଦେଇପାରେ ।

ପୁଷ୍ଟିହୀନତା ମଧ୍ୟ ପିଲାଙ୍କୁ ଅଧିକରୁ ଅଧିକ ରୋଗକ୍ରାନ୍ତ କରିଥାଏ । କିଛି ପୋଷକ ତତ୍ତ୍ୱ ଯେପରି କ୍ୟାଲସିୟମ, ଫସଫରସ୍ ବା ଭିଟାମିନ୍ ସିଓ ଡି ର ଅଭାବ ଯୋଗୁ ପିଲା ଦୁର୍ବଳତା ଅନୁଭବ କରିଥାଏ ।ଏହାର ଅଭାବରେ ପିଲାର ଗୋଡ଼, ଚାଲିବା ବେଳେ ବଙ୍କା ପଡ଼ିଥାଏ । ବା ସେ ବାରମ୍ୱାର ଖସି ପଡ଼ିଥାଏ । ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ପିଲାଙ୍କ ପାଇଁ ମଝିରେ ମଝିରେ ସନ୍ତୁଳିତ ଭୋଜନରେ ବ୍ୟବସ୍ଥା କରାଇବା ଦରକାର । ଏହାଦ୍ୱାରା ପିଲାଙ୍କୁ ଯେ କୌଣସି ପ୍ରକାର ଦୁର୍ବଳତାଠାରୁ ଦୂରେଇ ରଖାଯାଇପାରିବ । ଜନ୍ମରୁ ଦୁର୍ବଳ ପିଲାର ଆଂଶିକ ଉପଚାର ମଧ୍ୟ କରାଯାଇପାରିବ । ପିଲାଙ୍କ କ୍ଷେତ୍ରରେ ଗୁଲେନ ବାର ସନଡ୍ରେମ୍ ଏଭଳି ଏକ ରୋଗ ଯେଉଁଥିରେ ଦୁର୍ବଳତା ପାଦରୁ ଆରମ୍ଭ ହୋଇ ହାତ, ଛାତି ଦେଇ ପର୍ଯ୍ୟନ୍ତ ଆସିଯାଇଥାଏ । ଠିକ୍ ସମୟରେ ଠିକ୍ ଉପଚାର କଲେ ଏହି ଭୟାନକ ରୋଗରୁ ପିଲାଙ୍କୁ ମୁକ୍ତ ରଖାଯାଇପାରିବ ।

ଡାକ୍ତରଙ୍କ ସାମାନ୍ୟ ଭୁଲ୍ ମଧ୍ୟ ଆପଣଙ୍କ ପିଲାଙ୍କୁ ସବୁଦିନ ପାଇଁ ଅକ୍ଷମ କରାଇପାରେ । କୌଣସିଠାରେ ଆଘାତ ଯୋଗୁ ପିଲାଙ୍କୁ ଯଦି କୌଣସି ଭୁଲ ଇଞ୍ଜେକସନ ଦିଆଯାଏ ଏହାଦ୍ୱାରା ସେ ସବୁଦିନ ପାଇଁ ପଙ୍ଗୁ ହୋଇଯାଇପାରେ । ତେଣୁ ପିଲା କେବେ ବି ଦୁର୍ବଳତା ଅନୁଭବ କରୁଥିବା କହୁଥିଲେ ତାକୁ ନଜର ଅନ୍ଦାଜ କରନ୍ତୁ ନାହିଁ ।





# କଦଳୀ, ବେସନ୍ ପ୍ୟାକ୍



କଦଳୀରେ ଜଳୀୟ ଅଂଶ ଏବଂ ପଟାସିୟମ ପ୍ରଚୁର ପରିମାଣରେ ରହିଛି, ଯାହା ଶୁଷ୍କ ତ୍ୱଚା ପାଇଁ ଉପଯୋଗୀ । ତ୍ୱଚାରେ ଦେଖାଯାଉଥିବା କୁଞ୍ଚ ବା ରିଙ୍କଲର କ୍ଷେତ୍ରରେ କଦଳୀ ଅତ୍ୟନ୍ତ ଉପଯୋଗୀ । ଏକ ପରିଷ୍କାର ପାତ୍ରରେ କିଛି ପଚିଲା କଦଳୀ ଖଣ୍ଡ ନେଇ ସେଥିରେ କିଛି ଗୋଲାପ ଜଳ ଏବଂ କଞ୍ଚା କ୍ଷୀର ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ସେହି ପେଷ୍ଟକୁ ମୁହଁ, ବେକ ବେକ ପଛରେ ଲଗାଇ ୧୫ରୁ ୨୦ ମିନିଟ ଝାଡ଼ି ଦିଅନ୍ତୁ । ନଖଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଏହି ମିଶ୍ରଣ ଦୁଇଥର ପ୍ରୟାଗ କରନ୍ତୁ । ଏହା ଫଳରେ ଆପଣଙ୍କ ତ୍ୱଚା ନରମ ହେବ । ବିଶେଷକରି ଶୁଷ୍କ ତ୍ୱଚା ନିମ୍ ଏହି ପେଷ୍ଟ ଅତ୍ୟନ୍ତ ଉପଯୋଗୀ ହେବ ।

# ଜାଣନ୍ତି କି ?

- ଦୈନିକ ପାଞ୍ଚରୁ ଆଠ ଗ୍ରାମ ଲୁଣ ଜଣେ ମଣିଷ ପାଇଁ ଯଥେଷ୍ଟ । ସାଧାରଣତଃ, ଏକ ଚାହା ଚାମଚ ଲୁଣର ଓଜନ ପାଞ୍ଚ ଗ୍ରାମ ।
- ଶୀତଦିନେ ସୁରା ଓ ଶର୍କରା ଶରୀର ପାଇଁ କ୍ଷତିକାରକ । ଏହି ଦୁଇଟି ଜିନିଷ ଥଣ୍ଡାରେ ପ୍ରବାହ ବଢ଼ାଏ, ରୋଗ ପ୍ରତିରୋଧକ ଶକ୍ତି କମାଏ, ଶେଶ୍ୱତରକ୍ତ କଣିକାଗୁଡ଼ିକୁ ଦୁର୍ବଳ କରିବା ସହ ନାନା ରୋଗର କାରଣ ହୁଏ ।
- ଘର ଭିତରେ ବାୟୁ ପ୍ରଦୂଷଣ ରୋକିବା ଲାଗି ମହୁମାଛି-ମହମ ବାଡ଼ି ବା ବିଓ୍ୱାକସ କାଣ୍ଡଲ୍ ବ୍ୟବହାର କରନ୍ତୁ । ଏହା ଧୀରେ ଧୀରେ ଜଳେ, ଏଥିରୁ ଧୁଆଁ ବା ଗନ୍ଧ ବାହାରେ ନାହିଁ । ଏହା ମାଧ୍ୟମରେ ଘରେ ଥିବା ବୟୁ ବିଲଶୁଦ୍ଧ ହୋଇଥାଏ ।
- ବାରମ୍ବାର ମୂତ୍ରନଳି ସଂକ୍ରମଣ ଭୋଗୁଥିଲେ, ପ୍ରତିଦିନ ଚାରି/ପାଂଚ କୋଳା ରସୁଲ ଚୋପା ଛଡ଼ାଇ, ଛେଚି, ଗରମ ପାଣିରେ ଦଶ ମିନିଟ୍ ସିଝାଇ ପିଅନ୍ତୁ ।
- ଓଜନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିଦିନ ସକାଳେ ଓ ରାତିରେ ଏକ ଗ୍ଲାସ ଗରମ କ୍ଷୀରରେ ୩-୫ ଗ୍ରାମ ଶତାବରୀ ଓ ଅଶ୍ୱଗନ୍ଧା ଚୂର୍ଣ୍ଣ ଗୋଳାଇ ପିଅନ୍ତୁ ।

# ଜାପାନର ସର୍ବପୁରାତନ ବୌଦ୍ଧ ମନ୍ଦିର



ବୌଦ୍ଧ ଧର୍ମର ପ୍ରାଚୀନ କୀର୍ତ୍ତିରାଜି ଜାପାନର ବିଭିନ୍ନ ପ୍ରାନ୍ତର ଦେଖିବାାକୁ ମିଳିଥାଏ । ଏଠାରେ ସଂଖ୍ୟାଧିକ ବୌଦ୍ଧ ମନ୍ଦିର ମଧ୍ୟ ରହିଛି । ତେବେ ଟୋକିଓସ୍ଥିତ 'ସେନ୍ସୋ ଜିଟେ ଟେମ୍ପେଲ' ଜାପାନର ସର୍ବ ପୁରାନ ବୌଦ୍ଧ ମନ୍ଦିର ବୋଲି ବିଶେଷଜ୍ଞଙ୍କ ମତ । ଏହି ମନ୍ଦିରର ମହାତ୍ମ୍ୟ କାରଣରୁ ପ୍ରତ୍ୟେକ ବର୍ଷ ୩କୋଟିରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ଦୈନିକ ମଧ୍ୟ ମନ୍ଦିର ସମ୍ମୁଖରେ ଖୁବ ଭିଡ଼ ଜମିଥାଏ । ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏଠାକାର ସ୍ଥିତି ପରିବର୍ତ୍ତନ ହେବା ସହ ସମସ୍ତ ବର୍ଗର ଲୋକଙ୍କୁ ପ୍ରବେଶ ନେଇ ଅନୁମତି ମିଳିଥିଲା । ମନ୍ଦରିର ବୟୋଜ୍ୟେଷ୍ଠ ପୂଜକ ହିନ୍ଦୁ ଓଙ୍କ ବୟସ ୯୩ ବର୍ଷ । ୭୨ ବର୍ଷ ହେଲାଣି ସେ ଏହି ମନ୍ଦିରର ଦାୟିତ୍ୱରେ ଅଛନ୍ତି । ତାଙ୍କ ମତରେ କେବଳ ବରଫପାତ ସମୟରେ ହିଁ ମନ୍ଦିରଟି ଜନଶୂନ୍ୟ ହୋଇପଡ଼େ, ଅନ୍ୟ ସବୁ ସମୟରେ ଲୋକଙ୍କ ଗହଳଚହଳ ଲାଗିଥାଏ । ନିକଟରେ ଟୋକିଓରେ ନିୟମିତ ବରଫପାତ ହେଉଥିବାରୁ ମନ୍ଦିରରେ ଭକ୍ତଙ୍କ ସଂଖ୍ୟା ଖୁବ୍ କମିଛି । ଏପରିକି ସ୍ଥାନୀୟ ପୋଲିସ ମଧ୍ୟ ଏହି ବରଫାପାତରେ ଲୋକଙ୍କୁ ବାହାରକୁ ନଆସିବା ନିମନ୍ତେ ପରାମର୍ଶ ଦେଉଛି । ୪ବର୍ଷ ପରେ ଟୋକିଓରେ ବରଫପାତ ହେଉଥିବାର ପ୍ରକାଶ । ଅନେକ ବର୍ଷ ପୂର୍ବେ ଏହି ବୌଦ୍ଧ ମନ୍ଦିରକୁ ସମସ୍ତ ବର୍ଗର ଲୋକଙ୍କ ପ୍ରବେଶ ନେଇ ବିଭିନ୍ନ କଟକଣା ଥିଲା । ହେଲେ

# ସବୁଠୁ ଦାମୀ ଆଇଫୋନ୍: ଜାଣନ୍ତୁ ଦର କେତେ

ନିକଟରେ ଏକ ସୀମିତ ସଂସ୍କରଣର ଆପଲ୍ ଆଇ-ଫୋନ୍ ବଜାରକୁ ଛଡ଼ାଯାଇଛି ଯାହା ବିଶ୍ୱର ସବୁଠୁ ଦାମୀ ଫୋନ୍‌ର ମାନ୍ୟତା ବହନ କରୁଛି । 'ଡାଇମଣ୍ଡ୍ ସ୍ନୋଫ୍ଲେକ୍' ଭାବରେ ନାମିତ ଏହି ଆଇଫୋନ୍‌ର ମୂଲ୍ୟ ହେଉଛି ସାଢ଼େ ୪ ଲକ୍ଷ ଡଲାର ବା ୩ କୋଟି ୭୦ ଲକ୍ଷ ଟଙ୍କା । ଗତ ବର୍ଷ ଆପଲ୍ ପକ୍ଷରୁ ବଜାରକୁ ଛଡ଼ାଯାଇଥିବା ଲକ୍ଷେ ୪୦ ହଜାର ଟଙ୍କିଆ 'ଆଇଫୋନ ୧୪ ପ୍ରୋ ମାକ୍ସ' ବର୍ଗର ପଛପାଖରେ ପ୍ଲାଟିନମ୍ ଓ ସୁନାର ଏକ ଫଳକ ବା ପେଣ୍ଡାଣ୍ଟ୍ ଲଗାଯାଇ ଏହି ଫୋନ୍ ପ୍ରସ୍ତୁତ କରାଯାଇଛି । ଉକ୍ତ ଫଳକରେ ଯେଉଁ ସବୁ ହୀରାଖଣ୍ଡ ଖଚିତ ହୋଇଛି, କେବଳ ତାହାର ଦାମ୍ ହେଉଛି ୭୫ ହଜାର ଡଲାର ବା ୬୨ ଲକ୍ଷ ଟଙ୍କା । ଏଥି ସହିତ ଫୋନ୍‌ଟିର ପଛପାଖଟି ୧୮ କ୍ୟାରଟ୍ ଧଳା ସୁନାରେ ନିର୍ମିତ । ରୁଷୀୟ ଅଳଙ୍କାର କମ୍ପାନି 'କାଭିଆର' ଓ ବ୍ରିଟିସ୍ ଅଳଙ୍କାର କମ୍ପାନି 'ଗ୍ରାଫ୍' ମିଳିତ ଭାବେ ଏଭଳି ମାତ୍ର ତିନିଟି ଆଇଫୋନ୍ ନିର୍ମାଣ କରିଛନ୍ତି । ପ୍ରକୃତରେ 'ଡାଇମଣ୍ଡ୍ ସ୍ନୋଫ୍ଲେକ୍' ହେଉଛି କାଭିଆର କମ୍ପାନିର ଏକ ଚର୍ଚ୍ଚିତ ସମ୍ପଦ । ତାହାର ସ୍ନୋଫ୍ଲେକ୍ ହୀରା ହାରକୁ ଭାଙ୍ଗି ଗୋଟି ଗୋଟି କରି ହୀରାଖଣ୍ଡଗୁଡ଼ିକୁ ଆଇଫୋନ୍‌ର ଫଳକରେ ଖଞ୍ଜାଯାଇଛି । କାଭିଆର କମ୍ପାନି ଦ୍ୱାରା 'ସ୍ୱରୋସ୍କି' ନାମରେ ଆଉ ଏକ ଅପେକ୍ଷାକୃତ ଶସ୍ତା ବର୍ଗର ୨୦ଟି ଆଇଫୋନ୍ ଛଡ଼ାଯାଇଛି । ସେଥିରେ ପଛପାଖରେ ହୀରା ବଦଳରେ ସ୍ୱରୋସ୍କି ନାମକ ଦାମୀ ରତ୍ନପଥର ଖଞ୍ଜାଯାଇଛି ।



# ପାଣି ପିଇବେ କିପରି



ବିଶେଷଜ୍ଞଙ୍କ ମତରେ ବସିଥିବା ସମୟରେ ହିଁ ପାଣି ପିଇବା ସବୁଠୁ ଉତ୍ତମ ପ୍ରକ୍ରିୟା । ତେବେ ଏବର ଜୀବନଶୈଳୀରେ ତରତର ହୋଇ କାମ କରୁଥିବା ଲୋକ ଛିଡ଼ା ହୋଇ କିମ୍ବା କାମ କରୁଥିବା ବେଳେ ହିଁ ପାଣି ପିଇବାକୁ ଉଚିତ ମଣିଥାନ୍ତି । ଏହା କାରଣରୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିଥାଏ ।

- ଚାଲିଚାଲି ପାଣି ପିଇବା ଦ୍ୱାରା ବୃକକ ଖରାପ ହେବାରେ ଆଶଙ୍କା ସର୍ବାଧିକ । ଏହି ପ୍ରକ୍ରିୟାରେ ପାଣି ପିଇଲେ ବୃକକ ସଂକ୍ରମଣ ହେବାର ଭୟ ରହିଛି ବୋଲି ପରୀକ୍ଷାରୁ ପ୍ରକାଶ ।
- ଏପରି ଭାବେ ପାଣି ପିଇଲେ ଖାଦ୍ୟ ଠିକ ଭାବେ ହଜମ ହୁଏନାହିଁ । ଏହାଦ୍ୱାରା ଖାଦ୍ୟ କୋଲଷ୍ଟରଲରେ ପରିଣତ ହୋଇ ହୃଦରୋଗ ହେବାର ସମ୍ଭାବନା ସର୍ବାଧିକ ।
- ବିଶେଷଜ୍ଞଙ୍କ ମତରେ ଛିଡ଼ା ହୋଇ ପାଣି ପିଇବା ଦ୍ୱାରା ଆମ ଶରୀର ହାଡ଼, ଗଣ୍ଠିକୁ ଉପଯୁକ୍ତ ପୋଷକତତ୍ତ୍ୱ ମିଳିନଥାଏ । ଏଣୁ ବିନ୍ଧା ସମସ୍ୟା ଉପୁଜିଥାଏ ।
- ଏପରି କରୁଥିବା ଲୋକେ ଅଲସର ରୋଗରେ ଆକ୍ରାନ୍ତ ହେଉଥିବାର ପରୀକ୍ଷାରୁ ଜଣାପଡ଼ିଛି । ଏହାସହ କୋଷ୍ଠକାଠିନ୍ୟ ଓ ଅମ୍ଳଜନିତ ଅସୁବିଧା ମଧ୍ୟ ଉପୁଜେ ।

ଏଣୁ ପ୍ରତ୍ୟହ ପାଣି ପିଇବା ସମୟରେ ଏଣେତେଣେ ନ ଚାଲି କିମ୍ବା ଛିଡ଼ା ନହୋଇ ବରଂ ଗୋଟିଏ ସ୍ଥାନରେ ବସି ବେଶ୍ ଆରାମରେ ପାଣି ପିଇବା ଉଚିତ୍ ।

# ଶ୍ରବଣହୀନତା: କାରଣ ଓ ଚିକିତ୍ସା

କାନରେ ଯନ୍ତ୍ରଣା ଅନୁଭୂତ ହେବା, ବଧିରା ଲାଗିବା , ରିଂ ରିଂ ଶବ୍ଦ ହେବା, ଚାପ ଅନୁଭୂତ ହେବା, କିଛି ଭର୍ତ୍ତି ହେବା ଭଳି ଲାଗିବା ଆଦି ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ । କାନକୁ ଭଲ ଭାବେ ନ ଶୁଭିବା ଯୋଗୁ ସାମାଜିକ ସଂପର୍କରେ ବାଧା ଆସିଥାଏ । ପରିବାର ସଦସ୍ୟ ଓ ଅନ୍ୟମାନେ ବେଶି କଥା ହେବାକୁ ପସନ୍ଦ କରି ନଥାନ୍ତି । ଏହାଦ୍ୱାରା ରୋଗୀର ମନୋବଳ ଦୁର୍ବଳ ହୋଇପଡ଼େ । ନିଜକୁ ଏକୁଟିଆ ଅନୁଭବ କରେ । ବିଭାଗୀୟ ଡାକ୍ତରଙ୍କ ଠାରେ ଠିକ ସମୟରେ ଚିକିତ୍ସା ଦ୍ୱାରା ସମସ୍ୟା ଚାଲିଯାଏ । ଶ୍ରବଣହୀନତା ସାଧାରଣତଃ ତିନି ପ୍ରକାରର କଣ୍ଡକ୍ଟିଭ ହିୟରିଂ ଲସ୍, ସେନ୍ସରିନ୍ୟୁରାଲ ହିୟରିଂ ଲସ ଏବଂ ମିକ୍ସଡ଼୍ ହିୟରିଂ



ଲସ୍ । କର୍ଣ୍ଣ ନଳୀରେ କୌଣସି ସମସ୍ୟା ହେଲେ ଏହି ପ୍ରକାର ଶ୍ରବଣହୀନତା ସୃଷ୍ଟିହୁଏ । କାନ ସଂକ୍ରମଣ କିମ୍ବା ଟ୍ୟୁମର ମଧ୍ୟ ଏହି ରୋଗର କାରଣ । କାନରେ କୌଣସି ତରଳ ପଦାର୍ଥ ପଡ଼ିଯିବା, ତେଲ ପକାଇବା, ମଇଳା ଜମିବା ଦ୍ୱାରା ଏ ପ୍ରକାର ଶ୍ରବଣହୀନତା ସୃଷ୍ଟି ହୋଇଥାଏ । ଅନ୍ତକର୍ଣ୍ଣରେ ଥିବା କୋଷଗୁଡ଼ିକ ନଷ୍ଟ ହେବା ଦ୍ୱାରା ଜଣେ ସେନ୍ସରିନ୍ୟୁରାଲ ହିୟରିଂ ଲସ୍ ସମସ୍ୟାରେ ପଡ଼ିଥାଏ । ବୟସ ବଢ଼ିବା ସହିତ ସ୍ନାୟୁରେ ପରିବର୍ତ୍ତନ ଯୋଗୁଁ ଏହି ଧରଣର ଶ୍ରବଣ ଶକ୍ତି ହ୍ରାସ ସମସ୍ୟା ହୋଇପାରେ । ଏ ଦୁଇ ପ୍ରକାର କାରଣରୁ ମିକ୍ସଡ଼୍ ହିୟରିଂ ଲସ୍ ଜନିତ ଶ୍ରବଣ ସମସ୍ୟା ସୃଷ୍ଟିହୁଏ । ବାହ୍ୟକର୍ଣ୍ଣ, ମଧ୍ୟ କର୍ଣ୍ଣ, ଅନ୍ତକର୍ଣ୍ଣରେ ସମସ୍ୟା ଦେଖାଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସରକାର ସଠିକ୍ ଶିକ୍ଷା ଗ୍ରହଣ କରିବା ଉଚିତ୍...

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ କ୍ଷମତା ପ୍ରଭୂତ । କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଏହି ଅଧିକାରୀ ଦେଶର ଯେ କୌଣସି କ୍ଷମତାଶାଳୀ ବ୍ୟକ୍ତିଙ୍କୁ କରାୟତ୍ତ କରି ପାରନ୍ତି, ଯଦି ସେହି ବ୍ୟକ୍ତିଙ୍କର ସାମାନ୍ୟ ମାତ୍ର ବି ଗଲ୍ତି ଥାଏ । ତେବେ ସାମ୍ପ୍ରତିକ ସମୟର ନିର୍ଦ୍ଦେଶକ କେନ୍ଦ୍ର ସରକାରଙ୍କ ହାତ ବାରିସୀ ସାଜିଥିବାର ଅଭିଯୋଗ ହୋଇଥାଏ । ଯେଉଁମାନେ ସରକାରଙ୍କ ବୋଲ ମାନି ତାଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରନ୍ତି, ସେମାନଙ୍କୁ ସରକାରଙ୍କ ଦ୍ୱାରା କିପରି ମନମୁଖୀ ଭାବେ ଅନୁକମ୍ପା ପ୍ରଦର୍ଶନ କରାଯାଇଥାଏ, ତାହା ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟଙ୍କ ଚାକିରିର କାର୍ଯ୍ୟକାଳକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ତୃତୀୟ ଥର ପାଇଁ ବୃଦ୍ଧି କରିବାରୁ ଜଣାପଡ଼େ, ଯାହାକୁ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କର ଏକ ନିର୍ଦ୍ଦେଶ ଅଯଥାର୍ଥ ଘୋଷଣା କରିବା ସୂଚାଇଛି । ଏହା ମଧ୍ୟ କଥିତ ପକ୍ଷମାନଙ୍କ ଦ୍ୱାରା ଏମିତିକି ନ୍ୟାୟିକ ଘୋଷଣାଗୁଡ଼ିକୁ ଅକାମୀ କରିବା ପାଇଁ କେଉଁସବୁ ଉପାୟ ଅବଲମ୍ବନ କରାଯାଇଥାଏ, ତାହା ସର୍ବସମ୍ମୁଖରେ ଉନ୍ମୋଚନ କରିଛି । ଶେଷରେ, ଏହା ଦୀର୍ଘ ଦିନ ଧରି ପ୍ରତ୍ୟକ୍ଷ କରାଯାଇ ଆସିଥିବା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବା ଏଜେନ୍ସିମାନଙ୍କର ପ୍ରମୁଖ ବ୍ୟକ୍ତିମାନଙ୍କ ଦ୍ୱାରା ନିଆଯାଉଥିବା ପକ୍ଷପାତୀ ଆଭିମୁଖ୍ୟ ଦୃଷ୍ଟିରୁ ସେମାନଙ୍କ ନିଯୁକ୍ତି କ୍ଷେତ୍ରରେ ଏକ ଖୋଲା ଓ ସ୍ୱଚ୍ଛ ପ୍ରକ୍ରିୟା କାହିଁକି ଅବଲମ୍ବନ କରାଯିବା ଆବଶ୍ୟକ, ତାହା ଦର୍ଶାଇଛି । ସାମ୍ପ୍ରତିକ ମାମଲାରେ ପକ୍ଷଭୁକ୍ତ ସଞ୍ଜୟ କୁମାର ମିଶ୍ରଙ୍କୁ ୨୦୧୮ରେ ପ୍ରଥମେ ଦୁଇବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ନିର୍ଦ୍ଦେଶକ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ୨୦୨୦ରେ ତାଙ୍କ ନିଯୁକ୍ତିରେ ସଂଶୋଧନ ଅଣାଯାଇ ତାହାକୁ ତିନିବର୍ଷ କରି ଦିଆଗଲା । ମୋଟାମୋଟି ୨୦୨୧ରେ ସୁପ୍ରିମ୍‌କୋର୍ଟ ଯେତେବେଳେ ଏହାଙ୍କ ନିକଟରେ ଶୀର୍ଷସ୍ଥାନୀୟ ଅଧିକାରୀମାନଙ୍କ ପ୍ରଥମ ଥରର କାର୍ଯ୍ୟକାଳ ବୃଦ୍ଧି ସମ୍ବନ୍ଧିତ ମାମଲାକୁ ଚ୍ୟାଲେଞ୍ଜ୍ କରାଯାଇଛି, ସେତେବେଳେ ଦ୍ୱିତୀୟ ଥର ପୁଣି କାର୍ଯ୍ୟକାଳ ବୃଦ୍ଧି କରାଯିବାର ଅନୁଚିତତାକୁ ଦର୍ଶାଇ ଥିଲେ। ପରନ୍ତୁ, ସରକାର ତାଙ୍କର ନିଷ୍ପତ୍ତିକୁ ଉଚିତ ଓ ଯଥାର୍ଥ ବୋଲି ଦର୍ଶାଇବା ନିମନ୍ତେ ସଂସଦୀୟ ଅନୁମୋଦନ ବଳରେ ଏକ ଆଇନ ରୂପରେ ନିଜର ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କଲେ । ସର୍ବୋଚ୍ଚ ଅଦାଲତ, ଯାହା ସମସ୍ତେ ଆଇନାନୁସାରେ କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି, ତାହା ସଂସଦୀୟ ବିଜ୍ଞତାକୁ ବିଚାର କରିବା କ୍ଷେତ୍ରରେ ନ୍ୟାୟାଳୟର ସୀମିତତାକୁ ଦର୍ଶାଇ ଥିଲେ ସୁଦ୍ଧା ସମ୍ପୃକ୍ତ ପକ୍ଷଙ୍କୁ ତୃତୀୟ ଥରର କାର୍ଯ୍ୟକାଳ ବୃଦ୍ଧିର ନିୟମ ଅନୁସାରେ ତାଙ୍କର କାର୍ଯ୍ୟକାଳ ଅବଧି ଶେଷ କରିବାକୁ ଅନୁମତି ପ୍ରଦାନ କରି ନାହାନ୍ତି, ଯେହେତୁ ଏହା ତାଙ୍କର ପୂର୍ବ ଆଦେଶର ଉଲ୍ଲଂଘନ କରୁଛି । ଏହା କେବଳ ଶୁଦ୍ଧ ଭାବରେ ପ୍ରଶାସନିକ କାରଣଗୁଡ଼ିକ ଯୋଗୁଁ ଚଳିତ ମାସର ଶେଷ ଅର୍ଥାତ୍ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଶ୍ରୀଯୁକ୍ତ ମିଶ୍ରଙ୍କୁ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ବସ୍ତୁତଃ, ଏହି ନିଷ୍ପତ୍ତି ଏହାଙ୍କ ନିଜର ଆମିକସ୍ କ୍ୟୁରିଙ୍କ ମତ ବିରୁଦ୍ଧରେ ମଧ୍ୟ ଯାଉଛି, ଯିଏକି ଏମିତିରେ ବି କାର୍ଯ୍ୟକାଳ ବୃଦ୍ଧି ବ୍ୟବସ୍ଥାକୁ ରଦ୍ଦ କରିବାକୁ ଚାହୁଁଥିଲେ, କାରଣ ସରକାରମାନେ ଏହାର ଫାଇଦା ଉଠାଇବାକୁ ଯାଇ କର୍ମଚାରୀମାନଙ୍କ ସହିତ ପ୍ରଲୋଭନ ଏବଂ ଫସାଇବା ଭଳି କାରବାର କରି ପାରନ୍ତି । କୋର୍ଟ ନିୟମାନୁସାରେ ଏବଂ କ୍ଷମତାର ବିଭାଜନ ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ପସନ୍ଦ କରିଥିବା ଏବଂ ଉପରୋକ୍ତ ଦୁଇଗୋଟି ଏଜେନ୍ସିଙ୍କୁ ନେଇ ସାମ୍ପ୍ରତିକ ସମୟରେ ସୃଷ୍ଟି ହୋଇଥିବା ବିବାଦରେ ପଶିବାକୁ ଚାହିଁ ନଥିବା ମନେ ହୁଅନ୍ତି। ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ କେନ୍ଦ୍ରରେ କ୍ଷମତାସୀନ ଦଳ ଦ୍ୱାରା ଏହି ଏଜେନ୍ସିର ଅପବ୍ୟବହାର କରାଯାଉଥିବା ନେଇ ହଟ୍ଟଗୋଳ ନହେବା ପର୍ଯ୍ୟନ୍ତ ସିବିଆଇର ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେବା କେନ୍ଦ୍ର ସରକାରଙ୍କର ବିଶେଷାଧିକାର ଥିଲା । ତା'ପରେ ସୁପ୍ରିମ୍‌କୋର୍ଟ ଏ କ୍ଷେତ୍ରରେ ହସ୍ତକ୍ଷେପ କରି ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳର ନେତା ଏବଂ ଭାରତର ପ୍ରଧାନ ବିଚାରପତିଙ୍କ ଦ୍ୱାରା ମନୋନୀତ କର୍ମକର୍ତ୍ତାମାନଙ୍କର ଏକ କମିଟି ଦ୍ୱାରା ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତ ପ୍ରଦାନକୁ ବାଧ୍ୟତାମୂଳକ କଲେ। କେନ୍ଦ୍ର ସରକାର ସମ୍ପ୍ରତି ଯେଉଁଭଳି ଭାବରେ ମନି ଲଣ୍ଡରିଂ ପ୍ରତିରୋଧ ଆଇନ, ୨୦୦୨ର ଉପଯୋଗ କରାଇ ଆସୁଛନ୍ତି- ଯାହାର ସର୍ତ୍ତାବଳୀଗୁଡ଼ିକ ଜଣେ ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର କରିବାର କାର୍ଯ୍ୟକୁ ଜଣେ ବିଚାରପତିଙ୍କ ପାଇଁ ଆପାତତଃ ଅସମ୍ଭବ କରି ଦେଉଛି- ଏବଂ ଏହି ଆଇନର କାର୍ଯ୍ୟାନ୍ୱୟନର ଦାୟିତ୍ୱ ସହିତ ଏହାର ତଥାକଥିତ ଉଲ୍ଲଂଘନକାରୀଙ୍କ ଉପରେ ଦଣ୍ଡ ବିଧାନ କରିବାର ଦାୟିତ୍ୱ ମଧ୍ୟ ଇଡି ଉପରେ ନ୍ୟସ୍ତ କରିଛନ୍ତି, ସେହି ପରିପ୍ରେକ୍ଷୀରେ ଏହି କମିଟିର ସଦସ୍ୟମାନଙ୍କ ମନୋନୟନ ପାଇଁ ମଧ୍ୟ ଏକ ଉତ୍ତମ ଏବଂ ସ୍ୱଚ୍ଛ ପ୍ରକ୍ରିୟା ଅବଲମ୍ବନ କରାଯିବା ଉଚିତ । ସୁପ୍ରିମ୍‌କୋର୍ଟଙ୍କ ସାମ୍ପ୍ରତିକ ଆଦେଶରୁ ସରକାର ସଠିକ୍ ଶିକ୍ଷା ଗ୍ରହଣ କରିବା ଉଚିତ ଏବଂ ଯଦି ଏହା ତାହା କରିବାରେ ଅନିଚ୍ଛା ପ୍ରକାଶ କରନ୍ତି, ତା'ହେଲେ ନ୍ୟାୟିକ ବ୍ୟବସ୍ଥା ଏହି ପ୍ରକ୍ରିୟାର ଅୟମାରମ୍ଭ କରିବା ଉଚିତ । ଆଇନ ଏବଂ ଏହାର ପ୍ରବର୍ତ୍ତନର ଅପବ୍ୟବହାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ଗୁରୁତର କ୍ଷତି ପହଞ୍ଚାଇବ; ଏହାକୁ ଆଗେଇ ନେବା ପାଇଁ ସବୁ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରାଯିବା ହିଁ ଏକମାତ୍ର ପନ୍ଥା।



# ପରିବେଶ ସଂରକ୍ଷଣ ହେଉଛି ପ୍ରକୃତ ଶିବ ଉପାସନା

## ଗୋପାଳ ମହାପାତ୍ର

ଏବେ ଆରମ୍ଭ ହୋଇଯାଇଛି କାଉଡ଼ି ଯାତ୍ରା। ସବୁ ଶୈବ ପୀଠରେ କାଉଡ଼ିଆଙ୍କ ଭିଡ଼। ସଂସ୍କୃତ ଶବ୍ଦ କାମ୍ୟଡ଼ରୁ ଆସିଛି କାଉଡ଼ି। କାମ୍ୟଡ଼ର ଅର୍ଥ ହେଉଛି ପରାତ୍ପର ଶିବଙ୍କ ସହ ବିହାର। ଅର୍ଥାତ୍ ବ୍ରହ୍ମ ବା ପରାତ୍ପର ଶିବ, ଯିଏ ତାଙ୍କୁ ରମଣ କରେ ସେ ହେଉଛି କାମ୍ୟାଡ଼ିଆ ବା ଓଡ଼ିଆରେ କାଉଡ଼ିଆ। ପ୍ରତି ବର୍ଷ ଶ୍ରାବଣ ମାସରେ ହଜାର ହଜାର କାଉଡ଼ିଆ ବିଭିନ୍ନ ଅଞ୍ଚଳରୁ ଶୁଦ୍ଧସ୍ନାନ ପୂର୍ବକ ବିଭିନ୍ନ ନଦୀ ବା ପୁଷ୍କରିଣୀରୁ ଜଳ ନେଇ ଶୈବ ପୀଠକୁ ପଦଯାତ୍ରା କରିଥାନ୍ତି। ଶିବଙ୍କୁ ସେମାନେ ନେଇଥିବା ଜଳରେ ଜଳାଭିଷେକ କରାଇବା ପରେ ସ୍ୱ ସ୍ୱ ସ୍ଥାନକୁ ଫେରିଯାଇଥାନ୍ତି। ଏହି ଯାତ୍ରାକୁ ସାଧାରଣରେ କାଉଡ଼ିଯାତ୍ରା ବୋଲି କୁହାଯାଇଥାଏ। ଶିବଙ୍କ ମସ୍ତକରେ ଜଳ ଢ଼ାଳି କାଉଡ଼ିଆମାନେ ସୁଖ ଶାନ୍ତି ପାଇଁ ପ୍ରାର୍ଥନା କରିଥାନ୍ତି। ଦେଖାଗଲେ ଏହା ଏକ ଧାର୍ମିକ ଆୟୋଜନ ଭଳି ଲାଗିଥାଏ, କିନ୍ତୁ ଏହାର ଧାର୍ମିକ ମହତ୍ୱ ଭଳି ସାମାଜିକ ମହତ୍ୱ ମଧ୍ୟ ଅଧିକ ରହିଛି।

କାଉଡ଼ି ମାଧ୍ୟମରେ ଜଳ ନେଇ ଯେଉଁ ଯାତ୍ରା କରାଯାଏ ତାହା ଦେବ ଦେବ ମହାଦେବଙ୍କ ଆରାଧନା ପାଇଁ ଉଦ୍ଦିଷ୍ଟ। ଜଳ ସାଧାରଣ ମନୁଷ୍ୟ, ଗଛଲତା, ପଶୁ-ପକ୍ଷୀ, ପୃଥିବୀରେ ନିବାସ କରୁଥିବା ଲକ୍ଷ ଲକ୍ଷ ପ୍ରକାରର ଜୀବଜନ୍ତୁ ଏପରିକି କୀଟପତଙ୍ଗ ଓ ସମଗ୍ର ପରିବେଶ ପାଇଁ ଅତ୍ୟାବଶ୍ୟକ ଅଟେ। ଉତ୍ତର ଭାରତରୁ ଆରମ୍ଭ ହୋଇଥିବା ଏହି ଧାର୍ମିକ ଯାତ୍ରା ଏବେ ଓଡ଼ିଶାର ସର୍ବତ୍ର ଦେଖିବାକୁ ମିଳେ। କାଉଡ଼ିଆମାନେ ନଦୀ ବା ପୁଷ୍କରିଣୀରୁ ଜଳପାତ୍ରରେ ଜଳ ଭରିବା ପରେ ଅଭିଷ୍ଟ କର୍ମ ପୂର୍ବରୁ ଅର୍ଥାତ୍ ଶିବଙ୍କ ମସ୍ତକରେ ଉକ୍ତ ଜଳ ନଢ଼ାଳିବା ପୂର୍ବରୁ ଜଳପାତ୍ରକୁ ତଳେ ବା ଭୂମି ଉପରେ ରଖନ୍ତି ନାହିଁ। ଏହାର ମୂଳ ଭାବନା ହେଉଛି ଜଳସ୍ରୋତ ସହ ପ୍ରଭୁଙ୍କୁ ସିଧାସଳଖ ଯୋଡ଼ିବା ଯାହାଫଳରେ ଜଳ ଧାରା ତାଙ୍କରି ଉପରେ ପଡ଼ିବ ଓ ପ୍ରଭୁଙ୍କ କୃପା ଜଳ ନେଇଥିବା ଭକ୍ତଟି ଉପରେ ପଡ଼ିବ ଫଳରେ ଭକ୍ତ ସଂସାର ରୂପୀ ସାଗରକୁ ଅତି ସହଜରେ ପାରହୋଇପାରିବ। ଭୋଳାନାଥ ଶିବଙ୍କ ଉପରେ ଭକ୍ତମାନେ ତ ସବୁଦିନ ଜଳାଭିଷେକ କରିଥାନ୍ତି, କିନ୍ତୁ ଶ୍ରାବଣ ମାସରେ ଏହି ଜଳାଭିଷେକ ର ମହତ୍ୱ କିଛି ଅଧିକ। କାରଣ ହେଉଛି ଶ୍ରାବଣ ମାସଟି ଭଗବାନ ଶିବଙ୍କୁ ସମର୍ପିତ। କାଶୀ ବିଶ୍ୱନାଥ ପୀଠ, ହରିଦ୍ୱାର ଭଳି ଶୈବପୀଠ ମାନଙ୍କରେ ଏହି କାଉଡ଼ିଯାତ୍ରା ପାଇଁ କୁମ୍ଭମେଳା ଭଳି ଆୟୋଜନ କରାଯାଇଥାଏ। ଓଡ଼ିଶାର ଲିଙ୍ଗରାଜ, କପିଳାସ, ପୁରୀର ଲୋକନାଥ, ଶରଣକୁଳର ଲଡୁବାବାଙ୍କ ପୀଠକୁ ଏହି ଶ୍ରାବଣ ମାସରେ କାଉଡ଼ିଆଙ୍କର ଭିଡ଼ ଲାଗିରହିଥାଏ।

ବହୁତ କମ୍ ଲୋକ ଜାଣିଛନ୍ତି ଯେ ପ୍ରଭୁ ଭୋଳାନାଥଙ୍କ ଉପରେ ପ୍ରଥମେ କିଏ କାଉଡ଼ି (ଜଳ) ଚଢ଼ାଇଥିଲେ ଓ ଏହାର ପ୍ରାରମ୍ଭ ହୋଇଥିଲା କେମିତି? କିଛି ଲୋକକଥା ଅନୁସାରେ ଭଗବାନ ପର୍ଶୁରାମ ତାଙ୍କ ଆରାଧ୍ୟ ଦେବତା ଶିବଙ୍କ ନିୟମିତ ପୂଜାର୍ଚ୍ଚନା ପାଇଁ ମନ୍ଦିର ସ୍ଥାପନ କରି ଭାର (କାଉଡ଼ି)ରେ ଗଙ୍ଗାଜଳ ଆଣି ଶିବଙ୍କ ମସ୍ତକରେ ଢ଼ାଳୁଥିଲେ। ସେଇଠୁ ଆରମ୍ଭ ହୋଇଥିଲା କାଉଡ଼ି ପରମ୍ପରା ଓ ଆଜି ଦେଶର ସମଗ୍ର ଅଞ୍ଚଳକୁ ଏହା ବ୍ୟାପିଯାଇଛି। ଏହି କାଉଡ଼ି ଯାତ୍ରାର ପରମ୍ପରା ସୃଷ୍ଟି କରିଥିବା ଭଗବାନ ପର୍ଶୁରାମଙ୍କ ପୂଜା ଶାସ୍ତ୍ର ପୁରାଣ ଅନୁସାରେ ଶ୍ରାବଣ ମାସରେ କରାଯିବା ଉଚିତ୍। ପୌରାଣିକ ମାନ୍ୟତା ଅନୁସାରେ କାଉଡ଼ି ଯାତ୍ରା ଏବଂ ଶିବ ପୂଜନ ମଧ୍ୟରେ କେଉଁ ଆଦିକାଳରୁ ସମ୍ପର୍କ ରହିଛି। ମହାକବି କାଳିଦାସ ହିମାଳୟ ପର୍ବତକୁ ଶିବଙ୍କ ପ୍ରତିରୂପ ବୋଲି ବର୍ଣ୍ଣନା କରିବା ସହ ଏହାର ସାଂସ୍କୃତିକ, ଭୌଗୋଳିକ ଏବଂ ଧାର୍ମିକ ମହତ୍ୱକୁ ରେଖାଙ୍କିତ କରିଛନ୍ତି। ଅନ୍ୟପକ୍ଷରେ କହିବାକୁ ଗଲେ କାଉଡ଼ି ଯାତ୍ରା ଶିବଙ୍କ କଲ୍ୟାଣକାରୀ ରୂପ ଏବଂ ଭକ୍ତଙ୍କ ନିଷ୍ଠାକୁ ପ୍ରତିଧ୍ୱନୀତ କରିଥାଏ।

ଉତ୍ତର ଭାରତର ଗଙ୍ଗାନଦୀ କୂଳରେ ଥିବା ଅଞ୍ଚଳରୁ ଆରମ୍ଭ ହୋଇଥିଲା ଏହି ଜଳଯାତ୍ରା କାଉଡ଼ିଯାତ୍ରା। ରାଜସ୍ଥାନର ମାରୱାଡ଼ି ସମାଜର ଲୋକେ ଗଙ୍ଗୋତ୍ରୀ, ଜମୁନେତ୍ରୀରୁ ଜଳ ନେଇ କେଦାରନାଥ ଓ ବଦ୍ରୀନାଥ ଯାତ୍ରା କରୁଥିଲେ। ଅନେକେ ମଧ୍ୟ ଗୋମୁଖରୁ ଜଳ ନେଇ ରାମେଶ୍ୱରମ୍ ଠାରେ ଶିବଙ୍କ ମୁଣ୍ଡରେ ଢ଼ାଳୁଥିଲେ। ଏହା ଏକ ପ୍ରାଚୀନ ପରମ୍ପରା। ଏବେ ଓଡ଼ିଶାରୁ କାଉଡ଼ି ଯାତ୍ରା କରୁଥିବା କାଉଡିଆମାନେ ପ୍ରାୟତଃ ମହାନଦୀରୁ ଜଳ ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରୁଛନ୍ତି। କାଉଡ଼ି ଯାତ୍ରା କରୁଥିବା ଭକ୍ତମାନେ ଦିନ ଦିନ ଧରି ଜଳ ନେଇ ଏହି ଯାତ୍ରା କରିଥାନ୍ତି। ଆମର ଏକ ପରମ୍ପରା ହେଉଛି ଅନ୍ୟ ମନ୍ଦିରମାନଙ୍କରେ ପ୍ରସାଦ ଭାବେ ଫଳ ମୂଳ ଏପରିକି ଖେଚୁଡ଼ି ଦିଆଯାଇଥାଏ କିନ୍ତୁ ଶିବ ମନ୍ଦିରରେ ଜଳକୁ ହିଁ ପ୍ରସାଦ ଭାବେ ଭକ୍ତଙ୍କୁ ବିତରଣ କରାଯାଏ। ଭିନ୍ନ ଭିନ୍ନ ଅଞ୍ଚଳରେ ଲୌକିକ ଓ ଶାସ୍ତ୍ରୀୟ ପରମ୍ପରା ଭିନ୍ନ ଭିନ୍ନ ହୋଇଥିବାବେଳେ ଏହି ଯାତ୍ରାରେ ମଧ୍ୟ ତାରତମ୍ୟ ରହିଛି। କିନ୍ତୁ ଏବେ ଏହି ପରମ୍ପରାରେ ପରିବର୍ତ୍ତନ ଦେଖାଯାଉଛି।

କାଉଡ଼ି ଯାତ୍ରାର ଧାର୍ମିକ ମହତ୍ୱ ରହିଛି ବୋଲି କୁହାଯାଉଥିଲେ ମଧ୍ୟ ଏହି ଯାତ୍ରାର ବୈଜ୍ଞାନିକ ଦୃଷ୍ଟିକୋଣ ବି ରହିଛି। ବୈଜ୍ଞାନିକମାନେ ଉତ୍ତମ ସ୍ୱାସ୍ଥ୍ୟ ସହ ଏହି ଯାତ୍ରାକୁ ଏବେ ଯୋଡ଼ି ଦେଲେଣି। ଶ୍ରାବଣ ମାସରେ ପ୍ରକୃତିର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନଲୋଭା। ଏହି ସମୟରେ ଚତୁର୍ଦ୍ଦିଗର ଗଛପତ୍ର କଅଁଳି ଉଠି ପ୍ରାକୃତିର ଶୋଭାକୁ ମଧ୍ୟ ବହୁଗୁଣିତ କରିଥାନ୍ତି। ପାଗ ମଧ୍ୟ ଭଲ ରହିଥାଏ ଏଣୁ କାଉଡ଼ି ଯାତ୍ରା କରୁଥିବା ଭକ୍ତମାନେ ଭୋଳାନାଥଙ୍କ ନିକଟକୁ ପଦଯାତ୍ରାରେ ଗଲେ ମଧ୍ୟ କଷ୍ଟ ଅନୁଭବ କରିପାରନ୍ତି ନାହିଁ। ବୈଜ୍ଞାନିକ ଦୃଷ୍ଟିକୋଣରୁ ପଦଯାତ୍ରା ଯୋଗୁଁ ଆମ ଚାରିପାଖରେ ଥିବା ବାତାବରଣ ବା ପରିବେଶର ଅନେକ ସକାରାତ୍ମକ ପ୍ରଭାବ ମନ ଓ ମସ୍ତିଷ୍କ ଉପରେ ପଡ଼ିଥାଏ। ଅନ୍ୟପକ୍ଷରେ ଚତୁର୍ଦ୍ଦିଗର ସବୁଜିମା ଉପରେ ଦୃଷ୍ଟି ପଡ଼ିବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ ବୋଲି ଅନେକଙ୍କ ମତ। ଭକ୍ତମାନେ ପଦଯାତ୍ରା କରିବା ସମୟରେ ସେମାନଙ୍କ ଉପରେ ସୂର୍ଯ୍ୟଙ୍କ କଅଁଳ କିରଣ ପଡ଼ିବା ଦ୍ୱାରା ଅନେକ ରୋଗ ଦୂର ହୁଏ। ଏହି ଯାତ୍ରା ପ୍ରକୃତି ଓ ମନୁଷ୍ୟକୁ ଅଧିକରୁ ଅଧିକ ନିକଟତର କରିଥାଏ। ଧାର୍ମିକ ଚେତନା ମାନବ ଶରୀର ଉପରେ ସକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ। ଗୋଟିଏ ଅର୍ଥରେ କାଉଡ଼ି ଯାତ୍ରା ସ୍ୱାସ୍ଥ୍ୟପ୍ରଦ ହୋଇଥାଏ। ଶିବଭକ୍ତମାନେ ଖାଲି ପାଦରେ ଚାଲିଚାଲି ଶିବଙ୍କୁ ସ୍ମରଣ ପୂର୍ବକ ସ୍ତୋତ୍ର ଓ ଭଜନ ଗାଇ ଗାଇ ଯାଇଥାନ୍ତି ଯାହା ମନକୁ ଶାନ୍ତି ପ୍ରଦାନ କରିଥାଏ ଓ ଖୁସି ମିଳିଥାଏ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାଦ୍ୱାରା ହରମୋନ ଜେନେରେଟ ମଧ୍ୟ ହୋଇଥାଏ। ଯାତ୍ରା କରୁଥିବା ବ୍ୟକ୍ତିଟି ଚିନ୍ତାମୁକ୍ତ ହୋଇଯାଇଥାଏ। ପଦଯାତ୍ରା (ପାଦରେ ଚାଲିବା) ଯୋଗୁଁ ମାଂଶପେଶୀ ମଧ୍ୟ ମଜବୁତ୍ ହୋଇଥାଏ ଓ ଏଥି ସହିତ ହାର୍ଟ (ହୃତ୍‌ପିଣ୍ଡ) ଓ ଫୁସ୍‌ଫୁସ୍‌କୁ ମଧ୍ୟ ସ୍ୱଚ୍ଛ ଅମ୍ଳଜାନ ମିଳିଥାଏ।

ବାସ୍ତବରେ ଧାର୍ମିକ ଆସ୍ଥା ବା ବିଶ୍ୱାସ ସହ ସାମାଜିକ ଭାବନାରୁ ସୃଷ୍ଟ ଏହି କାଉଡ଼ିଯାତ୍ରା ଜଳ ସଞ୍ଚୟର ଗୁରୁତ୍ୱ କୁ ସୂଚାଇ ଦେଇଥାଏ। କାଉଡ଼ି ଯାତ୍ରା ସେତିକିବେଳେ ସାର୍ଥକ ହେବ ଯେତେବେଳେ ଲୋକେ ଜଳକୁ ସଞ୍ଚୟ କରି ଏବଂ ନଦୀ ଜଳର ଉପଯୋଗ କରି କୃଷିକ୍ଷେତ୍ରର ଉନ୍ନତି, ନିଜ ନିବାସ ସ୍ଥାନରେ ପଶୁ-ପକ୍ଷୀ ଓ ପରିବେଶକୁ ଜଳ ଉପଲବ୍ଧ କରାଇପାରିବେ। ଏହାଦ୍ୱାରା ପ୍ରକୃତି ଭଳି ଉଦାର ଭୋଳାନାଥ ଶିବ ମଧ୍ୟ ପ୍ରସନ୍ନ ହେବେ। ବିଭିନ୍ନ ଧର୍ମାଚାର୍ଯ୍ୟମାନଙ୍କର ମତ ହେଉଛି ଶିବଙ୍କର ପ୍ରକୃତ ଉପାସନା କେବଳ ପରିବେଶ ସଂରକ୍ଷଣ ଓ ସଂବର୍ଦ୍ଧନରେ ହିଁ ସମ୍ଭବ। ସତ୍ୟ ଯୁଗରେ ବିଷପାନ କରି ନିଳକଣ୍ଠ ବୋଲାଇଥିବା ଶିବ ଏବେ ଏ ଯୁଗରେ ଅଙ୍ଗାରକାମ୍ଳ ରୂପୀ ବିଷପାନ କରିବା ପାଇଁ ବୃକ୍ଷରୂପେ ବିଦ୍ୟମାନ ବୋଲି ଅନେକ ଧର୍ମାଚାର୍ଯ୍ୟଙ୍କ ମତ। ସବୁ ନଦ-ନଦୀ ଶିବଙ୍କ ଭଳି ଜୀବନଦାୟୀନି ଅଟନ୍ତି। ଏମାନଙ୍କ ସୁରକ୍ଷା ଆମର ନୈତିକ ଦାୟିତ୍ୱ।

ରାମଚନ୍ଦ୍ରପୁର, ରଣପୁର,
ମୋ: ୯୪୩୮୪୮୫୦୯୪



# ଖାଉଟିଙ୍କ ପକେଟ ଲୁଟୁଛି ପରିବା ଆଉ ବେପାରୀ

## ସୁମନ୍ତ କୁମାର ଭୂୟାଁ

ବର୍ତ୍ତମାନର ବଜାରକୁ ଦେଖିଲେ ଆଉ ପୂର୍ବପରି ପକେଟରେ ପଇସା ପୁରାଇ ବ୍ୟାଗରେ ଆଉ ପନିପରିବା କିଣି ହେବନାହିଁ। ସର୍ବନିମ୍ନ ସାରୁଫାରୁ ଛଞ୍ଚଣା, ଜହ୍ନି ଠାରୁ ଲଙ୍କା, ବାଇଗଣ ଠାରୁ କଲରା ସବୁର ଅମୂଲ ମୂଲ ବଜାର ଚଢ଼ା ରେଟ। ବଜାର ଦରରେ ଏବେ ଯେମିତି ନିଆଁ ଲାଗି ପ୍ରତିଦିନ ପନିପରିବାର ଭାଉ ହୁ ହୁ ହୋଇ ଆକାଶ ଛୁଇଁ ଥିବାବେଳେ ଅନେକ କ୍ଷେତ୍ରରେ ଦେଖାଦେଉଛି ବାସ୍ତବରେ ଚାଷୀ ଯେତିକି ମୂଲ୍ୟରେ ପନିପରିବା ବିକୁଛି ତା ଠାରୁ ଦୁଇଗୁଣାରେ ବେଶୀ ମୂଲ୍ୟରେ ବ୍ୟବସାୟୀମାନେ ବଜାରରେ ବିକ୍ରି କରୁଛନ୍ତି। ବର୍ଷା ଦିନ, ସାମଗ୍ରୀ ସଙ୍କଟ, ପରିବହନ ବାଧାପ୍ରାପ୍ତ ଏହିଭଳି ଦୁନିଆ ବାହାନା ଦେଖାଇ ଦରଦାମକୁ କିଛି ମୁନାଫାଖୋର ବ୍ୟବସାୟୀମାନେ ବଢ଼ାଇ ଚାଲିଛନ୍ତି। ତେବେ ପ୍ରଶାସନର ନିୟନ୍ତ୍ରଣ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ସାଧାରଣରେ ଖାଉଟି ମଧ୍ୟରେ ଏହି ଦର ବୃଦ୍ଧି ଚଡ଼କ ସଦୃଶ। ଚାଷୀ ବିକୁଥିବା ମୂଲ୍ୟ ଓ ଖାଉଟି କିଣୁଥିବା ମୂଲ୍ୟ ଭିତରେ ବିରାଟ ବ୍ୟବଧାନ ରହୁଛି। ବର୍ତ୍ତମାନ ବଜାରରେ କୌଣସି ପରିବା ୧୦୦ ତଳକୁ ନାହିଁ। ଶ୍ରାବଣ ମାସ ଥିବାରୁ ଆଗକୁ ବଡ଼ ବର୍ଷାର ସମ୍ଭାବନା ଓ ମୌସୁମୀର ଲଗାଣ ବର୍ଷା ସମ୍ଭାବନା ଥିବାରୁ ପନିପରିବା ଦରର ଶୀଘ୍ର ଖସିଲା ପରି ଲାଗୁନି।

୨୦୧୩ ମସିହାରୋ ରାଜ୍ୟରେ ୧୪ ଲକ୍ଷ ୨୫ ହଜାର ମେଟ୍ରିକ ଟନ ପରିବା ଉତ୍ପାଦନ ହେଉଥିଲା। ୧୦ ବର୍ଷ ମଧ୍ୟରେ ଏହା ୪.୫୧% ବୃଦ୍ଧି ପାଇ ୯୮ ଲକ୍ଷ ୫୧ ହଜାର ମେଟ୍ରିକ ଟନରେ ପହଞ୍ଚିଛି। ଯାହା ଗ୍ରାହକଙ୍କ ଚାହିଦା ପୂରଣ କରୁନାହିଁ। ଏହା ସତ୍ତ୍ୱେ ଓଡ଼ିଶା କନ୍ଦମୂଳ, ଛତୁ ଉତ୍ପାଦନରେ ପ୍ରଥମ, ବାଇଗଣ, ବନ୍ଧାକୋବପି, ପଣସରେ ଦ୍ୱିତୀୟ, ଟମାଟୋରେ ପଞ୍ଚମ, ଫୁଲକୋବିରେ ଷଷ୍ଠ ସ୍ଥାନରେ ରହିଥିବା ନେଇ କୃଷି ବିଭାଗ ପକ୍ଷରୁ କୁହାଯାଏ। ତାହା ବି କେବେଳ ନିର୍ଦ୍ଦିଷ୍ଟ ସମୟରେ ଉତ୍ପାଦିତ ହେଉଛି। ଖରା ସହଣୀ, ବର୍ଷା ସହଣୀ ବିହନର ଲାଭ କିମ୍ବା ସଂରକ୍ଷଣ ସୁବିଧାର ଅଭାବ ଯୋଗୁଁ ବର୍ଷତମାମ ଓଡ଼ିଶା ବଜାରକୁ ଦେଶୀ ପରିବା ଆସୁପାରୁନାହିଁ। ବର୍ତ୍ତମାନ ଭଳି ବଜାରକୁ ବ୍ୟବସାୟୀ କବଜା କରି ଅଚାନକ ଦର ବଢ଼ିଯାଉଛି। ପରିଣାମ ସ୍ୱରୂପ ଖାଉଟି ଅଧିକ ଦରରେ ପରିବା କିଣନ୍ତି ସତ କିନ୍ତୁ ଚାଷୀଙ୍କୁ ଏହାର ଲାଭ ମିଳେ ନାହିଁ। ଧାନ, ମାଣ୍ଡିଆ ଉତ୍ପାଦନ ବୃଦ୍ଧି ଏବଂ ମାର୍କେଟିଂ ପାଇଁ ସରକାର ଯେଉଁଭଳି ଅଣ୍ଟା ଭିଡ଼ିଲେ, ପରିବା ପାଇଁ ସେହିଭଳି ମିଶନ ମୋଡ଼କୁ ଆସିବାର ସମୟ ଆସିଯାଇଥିବା ଚାଷୀ, ଗ୍ରାହକ ମତ ଦେଉଛନ୍ତି।

ଜନୈକ ଚାଷୀଙ୍କ କହିବା ମୁତାବକ ରବିରେ ଅର୍ଥାତ୍ ସେପ୍ଟେମ୍ବର, ଡିସେମ୍ବର ମାସରେ ସେ ଟମାଟୋ, ଭେଣ୍ଡି, ବାଇଗଣ ଚାଷ କରନ୍ତି। ତିନି ମାସ ମଧ୍ୟରେ ଫଳ ବିକ୍ରି ହୁଏ। ମାର୍ଚ୍ଚ ପରେ ଧାନ ଚାଷର ବ୍ୟସ୍ତତା ଯୋଗୁଁ ଅନ୍ୟ ଚାଷ କରିବା ସମ୍ଭବ ହୁଏନାହିଁ। ପାଣିର ଅଭାବ ମଧ୍ୟ ବାଧକ ହୁଏ। ଧାନ, ମାଣ୍ଡିଆ ଏବଂ କ୍ଷୀର ଉତ୍ପାଦନ ବିକ୍ରିରେ ଗ୍ୟାରେଣ୍ଟି ସହିତ ଏମଏସପି ରହିଛି। ମଣ୍ଡି ପର୍ଯ୍ୟନ୍ତ ପହଞ୍ଚି ନପାରିଲେ ମଧ୍ୟ ରାଇସ ମିଲ, କ୍ଷୀର କମ୍ପାନି ଭଳି ପ୍ରୋସେସିଂ ୟୁନିଟ ରହୁଥିବାରୁ ପ୍ରାପ୍ୟ କମ ମିଳିଲେ ମଧ୍ୟ ବିକ୍ରିରେ କୌଣସି ଅସୁବିଧା ହୁଏ ନାହିଁ। ପରିବା ବିକ୍ରି ବେଳକୁ ଓଲଟା ସ୍ଥିତି ହୁଏ। ନିଜେ ବଜାରକୁ ବିକ୍ରି କରିବାକୁ ବାହାରିଲେ ପରିବହନ ଖର୍ଚ୍ଚ ଅଣ୍ଟା ଭାଙ୍ଗି ଦିଏ। ବ୍ୟବସାୟୀ କିଣିଲେ କମ ଟଙ୍କା ଦିଏ। ଏଠାରେ ଟମାଟୋ ଉତ୍ପାଦନ ପାଇଁ ପାଗ ଅନୁକୂଳ ଥିଲେ ମଧ୍ୟ ପ୍ରୋସେସିଂ ୟୁନିଟ ନଥିବାରୁ ଲାଭ ମିଳେନାହିଁ।

ଏପଟେ ଚଳିତ ବର୍ଷ ରାଜ୍ୟରେ ଆମ୍ବ ଉତ୍ପାଦନ ବଢ଼ିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଲା। ସେଥିରେ ପୁଣି ବର୍ଷା, ଖରାମାଡ଼ କିମ୍ବା କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ହେଲେ ଇନପୁଟ ସବସିଡ଼ି କିମ୍ବା ବୀମାର ଲାଭ ମଧ୍ୟ ପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳେନାହିଁ। ଏଭଳି ସ୍ଥିତିରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ ବର୍ଷାକୁ ଆଖି ଆଗରେ ପରିବା ଚାଷ କରିବା କେତେ କଷ୍ଟକର ଅନୁମାନ କରାଯାଇପାରେ। ଏଥିଯୋଗୁଁ ଧାନ ଭଳି ପରିବା ଚାଷ କରିବାକୁ ସାହାସ ଜୁଟୁ ନଥିବା ଅନେକ ଚାଷୀ କହନ୍ତି।

ସେହିଭଳି ମାର୍ଚ୍ଚ, ଏପ୍ରିଲ ମାସରେ ପରେ ପରିବା ଚାଷ ହେଉନଥିବାରୁ ମେ, ଜୁନ ବେଳକୁ ଦେଶୀ ପରିବା ଓଡ଼ିଶା ବଜାରକୁ ଆସିପାରେ ନାହିଁ। ବାହାର ରାଜ୍ୟ ବ୍ୟବସାୟୀ ଏହାର ଲାଭ ନିଅନ୍ତି। କୋରାପୁଟ, ମାଲକାନାଗିରି, ନବରଙ୍ଗପୁରରେ ଭିନ୍ନ ସ୍ଥିତି ରହିଛି। କୋରାପୁଟ ଚାଷୀଙ୍କ କହିବା ଅନୁସାରେ କମ ତାପମାତ୍ରା ଯୋଗୁଁ ବର୍ତ୍ତମାନ ମଧ୍ୟ ଏଠାରେ ବ୍ୟାପକ ପରିମାଣରେ ଫୁଲକୋବି, ପତ୍ରକୋବି, ବାଇଗଣ, ସାରୁ ଏବଂ ମୂଳା ଉତ୍ପାଦିତ ହୋଇ ବିକ୍ରି ହେଉଛି। କିନ୍ତୁ ଏହାକୁ ଅତି ଅଳ୍ପ ଦରରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନାର ବ୍ୟବସାୟୀମାନେ କିଣୁଛନ୍ତି। ବର୍ତ୍ତମାନ ଯେଉଁଠି ରାଜ୍ୟର ବିଭିନ୍ନ ସ୍ଥାନରେ ପୋଟଳ ୮୦ରୁ ୧୦୦ ଟଙ୍କା, ବାଇଗଣ ୬୦ରୁ ୮୦ ଟଙ୍କାରେ ବିକ୍ରି ହେଉଛି, କୋରାପୁଟ ଚାଷୀ ମାତ୍ର ୨୦ରୁ ୨୫ ଟଙ୍କାରେ ବାଇଗଣ ଏବଂ ୩୫ରୁ ୪୦ ଟଙ୍କାରେ ପୋଟଳ ଆନ୍ଧ୍ରପ୍ରଦେଶ ବ୍ୟବସାୟୀଙ୍କୁ ବିକ୍ରି କରି ଦେଉଛନ୍ତି। ଚାଷୀଙ୍କ ଆର୍ଥିକ ସ୍ଥିତି ଅତି ଦୁର୍ବଳ ଥିବାରୁ ସେମାନେ ସଂରକ୍ଷଣ କରିପାରୁ ନାହାଁନ୍ତି। ଅନେକ ଚାଷୀ ରାତାରାତି ବିକ୍ରି କରି ଦିଅନ୍ତି। କୋରାପୁଟ ଜିଲ୍ଲା ପଟାଙ୍ଗିର ରାତି ବଜାରର ବିଶେଷ ନାମ ରହିଛି। ପଲ୍ଲି ହାଉସ ଜରିଆରେ ସ୍ୱଚ୍ଛଳ ଚାଷୀ ପରିବା କରୁଥିଲେ ମଧ୍ୟ ତାହା ମଧ୍ୟ ଲୋକଙ୍କ ଆବ୍ୟକତା ପୂରଣ କରିପାରୁନାହିଁ। ଆଜି ପର୍ଯ୍ୟନ୍ତ ରାଜ୍ୟରେ ପରିବା ବିକ୍ରି ପାଇଁ ଭଲ ମଣ୍ଡି ତିଆରି ହୋଇପାରିଲା ନାହିଁ। ଯେଉଁଠି ଚାଷୀ ଓ ଗ୍ରାହକଙ୍କ ମଧ୍ୟରେ ସିଧାସଳଖ ସୁଲଭ ମୂଲ୍ୟରେ କ୍ରୟ ବିକ୍ରୟ ଚାଲିବ। ବିଶେଷଜ୍ଞଙ୍କ ଅନୁସାରେ ଚାଷୀଙ୍କ ଅସହାୟତାର ଫାଇଦା ବ୍ୟବସାୟୀ ଉଠାଉଛନ୍ତି। ସେମାନେ ଜାଣିଶୁଣି ବାହାର ଚାହିଦାଠାରୁ କମ କ୍ରୟ କରୁଛନ୍ତି। କୃତ୍ରିମ ଅଭାବ ସୃଷ୍ଟି କରି ଦର ବଢ଼ାଉଛନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ଜହ୍ନ

### କମଳ ଲୋଚନ ପଣ୍ଡା



ଏଠି ଅନେକ ତାରାର ରୋଷଣୀ
ତଥାପି ଏ ଜହ୍ନ କେବେ ଫିକା
ଦିସେନି।

ଏଇ ଦେଖ ସେଇ ଜହ୍ନ
ଆକାଶୁ ରହିଛି ଚାହିଁ
ପୋଖରୀ ଗଭୀର ଜଳେ
ଖୋଜୁଛି ନିଜ ଛାଇ।

ଏ ଜହ୍ନ କେବେ ରାତି ପାଇଁ ସ୍ୱପ୍ନ
ଆଣେ
କେବେ ସ୍ୱପ୍ନ ପାଇଁ ରାତି
କେବେ ମେଘ ଉହାଡ଼ ରେ ଲୁଚେ
ପୁଣି ତାରା ମେଳେ ହସେ।

ଏଇ ଜହ୍ନ କହିଦେ ଥରେ
ତୁ ଏତେ ନୀରବ ରହିପାରୁ କେମିତି
ମୋତେ ତ ବେଳେବେଳେ ମୋ
ନିରବତା
ଅସ୍ତବ୍ୟସ୍ତ କିରିଦିଏ,
ହେଲେ ତୁ ଜାଣିଛୁ ନା... ମୁଁ ବି ତୋ
ପରି ନୀରବ ରହିଯାଏ କେମିତି
ଜାଣିପାରେନା।

ନୀଳଗିରି, ବାଲେଶ୍ୱର
ମୋ: ୮୯୧୭୩୪୦୮୮୯

## ଫୁଲେଇ ମୌସୁମୀ

### ଶୁଭଦର୍ଶିନୀ ଦାଶ



ଆକର୍ଷିତ କରିବା ପାଇଁ ତମକୁ
ଆଗୋ ମୌସୁମୀ...
ମାର୍ତ୍ତଣ୍ଡ କରୁଥିଲେ ତାଣ୍ଡବ,ରୌଦ୍ର
ରୂପ ଦେଖାଇ
ଯେସନ ବନସ୍ତେ ନାଚେ ମୟୂର
ତା ଚନ୍ଦ୍ରିକାର ଟାହିଆ ମେଲାଇ
ମୟୂରୀକୁ ତା ପ୍ରେମବନ୍ଧନରେ
ବାନ୍ଧିବା ପାଇଁ
ତମେ ବି ପ୍ରିୟତମା ଭାରି ଫୁଲେଇ
ଭାସିଆସିଲ ମେଘମାଳା ହୋଇ
ଦେଖି ତାଙ୍କ ତେଜୀୟାନ ରୂପ,
ଆଲିଙ୍ଗନେ ତାଙ୍କ ଗଲ ରଙ୍ଗେଇ
ଝରିଗଲ ପ୍ରେମର ପ୍ରଣୟ ପାଇ

ତମ ଶୀତଳ ସ୍ପର୍ଶରେ ହୋଇ କିମିଆ
ମାର୍ତ୍ତଣ୍ଡ ଯେ ଗଲେ ଲାଜେଇ
ପାଖରେ ତମକୁ ପାଇ
ଏବେ ଖେଳିନ୍ତି ଲୁଚକାଳି
ଘଡିଏ ଦେଖାଦେଇ ଘଡିଏ ଯାଆନ୍ତି
ଲୁଚି ।

ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

## ନିଅ ମୋର ହାତ ଧରି

### ଜୟନ୍ତ କୁମାର ମଲ୍ଲିକ୍



ଝିପି ଝିପି ବର୍ଷା ପ୍ରିୟାକୁ ସୁନ୍ଦର
ମୋତେତ ପୁନେଇଁ ଜହ୍ନ
ଆସିବ ଆସିବ ଆସି ପାରୁନାହଁ
କିଣିତ ନେଇଛ ମନ ।
କଇଁଫୁଲ ପରି ତୁମ ତୋଫା ଦେହେ
କଳାଜାଇ ଭାରି ମାନେ
ତୁମକଥା ଭାବି ପାଲଟେ ମୁଁ କବି
ପ୍ରୀତି ଶବ୍ଦ ଭରେ ମନେ ।
ସୁନ୍ଦରୀ ପରୀଠୁ ରୂପ ଚୋରୀ କରି
ତୁମେ ପ୍ରିୟା ରୂପବତୀ
ତୁମ ପ୍ରେମ ପାଇଁ ହୁଏ ହାଇଁ ପାଇଁ
ଝୁରେ ଖାଲି ଦିନରାତି ।
ବସନ୍ତ ଆସିଲେ କୋକିଳ ଭାଷିଲେ
ମନେ ପଡ଼ ତୁମେ ବେଶି
ମୋମନ ବଉଳ ପେନ୍ଥା ପେନ୍ଥା
ହୋଇ
ତୁମ ସ୍ପର୍ଶେ ଯାଏ ଖସି ।
ପର ଭାବି ପ୍ରିୟା ଦେବନାହିଁ ଠକି
ତୁମ ବିନା ଯିବି ମରି
ଜୀବନ ସାଥି ମୋ ବନି ଯାଆ ପ୍ରିୟା
ନିଅ ମୋର ହାତ ଧରି ।

ଶୁରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ବର୍ଷା ଆଗମନ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ଘୋଟି ଆସେ ଘନ ସଘନ ବର୍ଷେ ମୁଷଳ ଧାର
ମେଘ ମେଦୁରିତ ଆକାଶ ଦେଖି ନାଚେ ମୟୂର ।

ଲୁଚି ଗଲେ କାହିଁ ତପନ ଦିବା ନିଶି ଅନ୍ଧାର
ଚକିତେ ଚମକେ ତଡିତ ବହେ ଖର ସମୀର ।

ଘୋର ଜଳେ ହେଲା ପ୍ଲାବିତ କ୍ଷେତ ଗ୍ରାମ ସହର
ମହୀଧର ଭେଦି ବହଇ ଝର ଝର ନିର୍ଝର ।

ସବୁଜ ଶ୍ୟାମଳ ଧରଣୀ ଦିଶେ କି ମନୋହର
ଅବିରତ ବାରି ବରଷେ ନୋହେ ଘରୁ ବାହାର ।

କାନ୍ତ କାନ୍ତା ଥିଲେ ପ୍ରବାସେ ଦୂରୁ ଚିତ ଅଧୀର
ମିଳନ ଶିତ୍କାର ଉନ୍ମତ୍ତ କୀଟ ଶ୍ୱାନ ଦର୍ଦ୍ଦୁର ।

ଯୋଗୀ ଭୋଗୀ ଧନୀ ଲଭନ୍ତି ଭବେ ସୁଖ ଅପାର
ନିର୍ଧନ ର ଚୁଲି ନଜଳେ ଶ୍ରମଜୀବୀ ନାଚାର ।

ଦୁଃଖ ଜର୍ଜରିତ ହୃଦୟ ସଦା ଭୟେ ଆତୁର
ମନେ ଥିଲେ ଶାନ୍ତି ପ୍ରକୃତି ସିନା ଦିଶେ ସୁନ୍ଦର

୧୦୧- ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର, ଭୁବନେଶ୍ୱର -୦୬,
ମୋ – ୯୯୬୮୨୮୦୮୯୬



# ଫୁଲଝରି









କାର୍ତ୍ତିକ ସାଇଁ

# ମିନା ଅପାଙ୍କ ରାମାୟଣ ଚୁଙ୍ଗି (୯୫)

## ସୀତାମାତାଙ୍କ ପୃଥିବୀକୋଳକୁ ଗମନ



ରାମାୟଣ ଗାନ ସମ୍ବାଦ ଶ୍ରୀରାମ ପାଖରେ ପହଂଚିଲା । ଲବ କୁଶଙ୍କ ପ୍ରଶଂସା ସାରା ଅଯୋଧ୍ୟା ନଗରୀରେ ବ୍ୟାପି ଯାଇଥିଲା । ଲବ କୁଶଙ୍କୁ ଦେଖିବାକୁ ଓ ତାଙ୍କଠାରୁ ରାମାୟଣ ଶୁଣିବାକୁ ଶ୍ରୀରାମ ଉତ୍ସୁକତା ପ୍ରକାଶ କଲେ । ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

ଶ୍ରୀରାମଙ୍କ ଅନୁରୋଧକ୍ରମେ ଋଷି ବାଲ୍ମୀକି ଲବ କୁଶଙ୍କୁ ସାଙ୍ଗରେ ଧରି ରାଜ ସଭାରେ ପହଂଚିଲେ । ବାଳକଙ୍କଠାରୁ ରାମାୟଣ କଥଣ ଶୁଣିବାକୁ ଶ୍ରୀରାମ ଇଚ୍ଛା ପ୍ରକଟ କଲେ ।

ଲବ କୁଶ ରାମାୟଣ ଗ୍ରନ୍ଥରେ ଥିବା ସବୁ ଅଧ୍ୟାୟକୁ ସୁଲଳିତ କଣ୍ଠରେ ଗାନ କଲେ । ସୂର୍ଯ୍ୟବଂଶର ରାଜା ଦଶରଥଙ୍କ ଠାରୁ ଆରମ୍ଭ କରି ରାବଣ ବଧ ପର୍ଯ୍ୟନ୍ତ ସବୁ ଘଟଣାର



ବର୍ଣ୍ଣନା ଥିଲା ଲବକୁଶଙ୍କ ଗାୟନରେ । ସଭାସଦମାନେ ରାମାୟଣ କଥା ଶୁଣି ଗଦ୍‌ଗଦ୍ ହୋଇ ଉଠିଲେ ।

ଶ୍ରୀରାମ ଲବକୁଶଙ୍କୁ ନିଜର ସନ୍ତାନ ବୋଲି ଜାଣିପାରିଲେ । ବାଲ୍ମୀକି ଜାଣିଥିଲେ- ଏହି ହେଉଛି ପ୍ରକୃଷ୍ଟ ସମୟ ବାପା ଓ ପୁଅମାନଙ୍କୁ ପରିଚିତ କରାଇବାର । ସେ ରାଜସଭାରେ ଘୋଷଣା କଲେ ଯେ ଲବକୁଶ ଶ୍ରୀରାମଙ୍କ ସନ୍ତାନ । ଏକଥା ଶୁଣି ଲବକୁଶଙ୍କୁ କୋଳରେ ବସାଇଲେ । ଅନ୍ତପୁରରେ ରାଣୀମାନେ ରାମସୀତାଙ୍କ ପୁତ୍ରଙ୍କ ଦେଖିବାକୁ ବ୍ୟଗ୍ର ହୋଇ ଉଠିଲେ ।

ଦୂର ଜଙ୍ଗଲରେ ମାତା ସୀତା ଲବକୁଶଙ୍କ ଲାଗି ଚିନ୍ତିତ ଥିଲେ । ରାମ ଓ ତାଙ୍କ ଭ୍ରାତାମାନେ ଲବକୁଶଙ୍କୁ ସାଦରେ ଗ୍ରହଣ କରିବେ ତ ! ଏ ଥିଲା ତାଙ୍କ ମନରେ ପ୍ରଶ୍ନ ।

ଶ୍ରୀରାମଙ୍କ ସଭାରେ ଜନକ ରାଜର୍ଷ ମଧ୍ୟ ଥିଲେ । ସେ ବଶିଷ୍ଠକୁ ଅନୁରୋଧ କଲେ 'ଆପଣ ଶ୍ରୀରାମକୁ କୁହନ୍ତୁ, ସେ ସୀତାଙ୍କୁ ଅଯୋଧ୍ୟାକୁ ଆଣିବାର ଆୟୋଜନ କରନ୍ତୁ । ବଶିଷ୍ଠ ସଙ୍ଗେ ସଙ୍ଗେ ଶ୍ରୀରାମଙ୍କୁ ଜନକଙ୍କ କଥା କହିଲେ ।

ଶ୍ରୀରାମ ରହିଲେ ଦ୍ୱନ୍ଦ୍ୱରେ । ତାଙ୍କ ଦ୍ୱନ୍ଦ୍ୱର କାରଣ ଥିଲା ପ୍ରଜାମାନଙ୍କ ମତ । ପ୍ରଜାମାନଙ୍କୁ କଥା ଶୁଣି ସେ ମାତା ସୀତାଙ୍କୁ ନିର୍ବାସିତ କରିଥିଲେ । ଏବେ ପ୍ରଜାମାନଙ୍କ ମତ ବଦଳିଛି କି ? ସେ ସଂପର୍କରେ ଶ୍ରୀରାମ ଜାଣିନଥିଲେ ।

ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଓ ଅନ୍ୟ ମନ୍ତ୍ରୀମାନେ ଶ୍ରୀରାମଙ୍କୁ ଅନୁରୋଧ କଲେ ଓ ମାତା ସତୀ ଶିରୋମଣି ସୀତାଙ୍କୁ ଅଯୋଧ୍ୟାକୁ ଫେରାଇ ଆଣିବାକୁ କହିଲେ ।

ଭାଇମାନଙ୍କ କଥା ଓ କୁଳଗୁରୁ ବଶିଷ୍ଠଙ୍କ କଥାକୁ ଏଡ଼ାଇ ପାରିଲେନି ଶ୍ରୀରାମ । ସେ କେବଳ ଗୋଟିଏ ସର୍ତ୍ତ ରଖିଲେ । ବାଲ୍ମୀକି ଋଷି ସଭାରେ ସୀତାଙ୍କ ସଂପର୍କରେ ତାଙ୍କ ମତ ରଖିବେ ଓ ସୀତା ସଭାରେ ଶପଥ କରିବେ ଯେ ସେ ନିଷ୍କଳଙ୍କ ।

ଶ୍ରୀରାମ ଜାଣିଥିଲେ- ତାଙ୍କ ପ୍ରାଣପ୍ରିୟା ପତ୍ନୀ ସତୀ ଶିରୋମଣି । ମାତ୍ର ପ୍ରଜାମାନଙ୍କ ମନରୁ ସୀତାଙ୍କ ସମ୍ପର୍କରେ ଥିବା ସନ୍ଦେହକୁ ଦୂର କରିବାକୁ ସେଏପରି ନିର୍ଦ୍ଦେଶ ଦେଇଥିଲେ ।

ମାତା ସୀତାଙ୍କୁ ବାଲ୍ମୀକି ଆଶ୍ରମରୁ ଆଣିବାକୁ ରଥନେଇ ଯାଇଥିଲେ ଭରତ । ମାତା ସୀତା ହତ ମୁଖରୁ ଓ ବାଲ୍ମୀକିଙ୍କଠାରୁ ରାଜସଭାରେ ହୋଇଥିବା ଆଲୋଚନା କଥା ଶୁଣିଥିଲେ । ସେ ପୁଣିଥରେ ଆଉ ଏକ ପରୀକ୍ଷାର ସାମ୍ନା କରିବାକୁ ପ୍ରସ୍ତୁତ ଥିଲେ । ମାତ୍ର ତାଙ୍କ ମନରେ ଥିଲା- ସେ ପ୍ରଭୁ ଶ୍ରୀରାମଙ୍କ ପାଦଦର୍ଶନ କରିବେ ଓ ତାପରେ ଶପଥ ନେବେ ।

ବାଲ୍ମୀକି ଆଶ୍ରମରୁ ପାଦରେ ଚାଲି ଚାଲି ମାତା ସୀତା ଅଯୋଧ୍ୟା ଦରବାରରେ ପ୍ରବେଶ କଲେ । ସୀତାଙ୍କ ଶପଥ ଶୁଣିବାକୁ ଅଯୋଧ୍ୟାର ନରନାରୀ ରାଜସଭାରେ ଏକତ୍ରିତ ହୋଇଥିଲେ ।

ସଭା ମଧ୍ୟରେ ବାଲ୍ମୀକି ଋଷି ଦୃଢ଼ ସ୍ୱରରେ ଘୋଷଣା କରିଥିଲେ ଯେ ଜନକ ନନ୍ଦିନୀ ସୀତା ପବିତ୍ର ଓ ନିଷ୍କଳଙ୍କ । ତେଣୁ ଶ୍ରୀରାମ ସୀତାଙ୍କୁ ତାଙ୍କ ଯଥୋଚିତ ସ୍ଥାନ ପ୍ରଦାନ କରନ୍ତୁ ।

ସଭାସଦ୍ ଓ ସେଠାରେ ଉପସ୍ଥିତ ସମସ୍ତ ରାଜା, ପ୍ରଜା, ମୁନି ଋଷି ଓ ଶ୍ରୀରାମ ନୀରବରେ ସୀତାଙ୍କ ଆଡ଼େ ଅନେଇ ରହିଥିଲେ । ମାତା ସୀତା ଥରେ ଶ୍ରୀରାମଙ୍କ ପାଦଆଡ଼େ ଧ୍ୟାନକୁ କେନ୍ଦ୍ରିତ କଲେ ଓ ଲବକୁଶଙ୍କ ଆଡ଼େ ଏକ ସ୍ନେହପୂର୍ଣ୍ଣ ଦୃଷ୍ଟି ଦେଲେ । ତା ପରେ ସେ ଶପଥ କଲେ- "ହେ ମାତା ପୃଥିବୀ, ମୁଁ ଯଦି ସତୀ, ଆପଣ ଦୁଇଫାଳ ହୋଇ ମୋତେ ଆପଣଙ୍କ କୋଳରେ ଆଶ୍ରୟ ଦିଅନ୍ତୁ ।" ସୀତାଙ୍କ ଏପରି ଶପଥରେ ସମସ୍ତେ ସ୍ତବ୍ଧ ହୋଇଗଲେ ।

ସଂଗେ ସଂଗେ ବସୁଧା ମାତା ଦୁଇ ଫାଳ ହୋଇଗଲେ ଓ ତା ଭିତରୁ ଏକ ଦିବ୍ୟ ସିଂହାସନ ଆସିଗଲା । ସୀତା ସେ ସିଂହାସନରେ ବସି ଶ୍ରୀରାମଙ୍କୁ ପ୍ରଣାମ କରି ରସାତଳଗାମୀ ହେଲେ ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



ନଗେନ୍ଦ୍ର ନାଥ ପଟ୍ଟନାୟକ

# ବାଙ୍କୁ ମାଙ୍କଡ ଓ କୀଳା

ସହର ବାହାରେ ଏକ ବିରାଟ ତୋଟା ଥାଏ । ସେଠିକାର ଝଙ୍କା ଗଛରେ ମାଙ୍କଡ ପଲଙ୍କ ବସା । ରସାଳ କମଳା ଫଳଗଛ,ମିଠା ଆମ୍ବଫଳ ଓ କଂଟାଳିଆ ଡାଳିମ୍ବ ଗଛ ଆଦି ଜାତି ଜାତିକା ଫଳଗଛରେ ତୋଟାଟି ଭରପୂର । ମାଙ୍କଡ ପଲଙ୍କ ଭିତରୁ ସବୁଠାରୁ ସାନ ମାଙ୍କଡ ନାଆଁ ବାଙ୍କୁ । ସବୁ ମାଙ୍କଡଙ୍କ ଭିତରେ ସେ ଖୁବ୍ ଫୁର୍ତ୍ତି ଓ ପହିଲମାନ । ଦିନସାରା ଖାଲି ଏ ଗଛରୁ ସେ ଗଛକୁ ଖେଁ ଖେଁ ହୋଇ ଡିଆଁଡେଇଁ କରୁଥାଏ । ଦଳର ବଡମାନଙ୍କ କଥା ଅମାନ୍ୟ କରି ସେ ବେଳେବେଳେ ଖୁବ୍ ଡେଙ୍ଗା ଗଛକୁ ଭୁସକିନା ଚଢିଯାଏ ।

ସହରରୁ ପଂଝାଏ ଲୋକ ଦିନେ ପହଁଚିଗଲେ ତୋଟାରେ । ସେମାନେ ହାତରେ ଗୋଟେ ଲେଖାଁ କୁରାଢି ।

ତୋଟାରେ ସବୁଜିମା ଗଛଗୁଡିକୁ ହାଣିବା ଆରମ୍ଭ କରିଦେଲେ । ପହିଲେ ମାଙ୍କଡମାନଙ୍କ ଭିତରେ ଭାଳେଣି ପଡିଗଲା । ଡରିମରି ଛାନିଆ । ତୋଟା ଗୋଟାକଯାକର ଗଛସବୁ କାଟି ପଦା କରିଦେଲେ କୁଆଡେ ଯିବେ ? ଏ ଡର ସେମାନଙ୍କୁ ଘାରିଲା । ଦେଖୁ ଦେଖୁ ଜଣାପଡିଲା ସେମାନେ କେବଳ ତୋଟାର ଅଳପ ଜାଗାରେ ଅଟ୍ଟାଳିକ ନିର୍ମାଣ କରିବାକୁ ଯାଉଚନ୍ତି । ଲୋକମାନେ କାଠଗଣ୍ଡି ଗୁଡିକ ଠାଏ ଜାଗାରେ ଗଦାକରି ଅଟ୍ଟାଳିକା ନିର୍ମାଣ କରୁଥିବା ବେଳେ ମାଙ୍କଡ ପଲ ସେମାନଙ୍କୁ ବେଶ୍ କୌତୂହଳର ସହ ଜୁଳୁଜୁଳୁ ଆଖିରେ ଅନେଇଥା'ନ୍ତି । ଫି' ଦିନ ମଧାହ୍ନରେ ମୂଲିଆମାନେ ଯେତେବେଳେ ସେ ଜାଗା ଛାଡି ମଧାହ୍ନ ଭୋଜନ ପାଇଁ ଅନ୍ୟତ୍ର ଚାଲିଯାଆନ୍ତି ମାଙ୍କଡପଲ ଆଖି ପିଛୁଡାକେ ସେ ଆଡେ ଝପଟି ଆସନ୍ତି । କାଠଗଣ୍ଡି ଗଦା ଉପରେ କୁଦାମାରି ଘର ତିଆରି ସରଂଜାମ ସବୁ ନେଇଯାଇ ଚମ୍ପଟ ମାରନ୍ତି ଗଛର ଏ ଡାଳରୁ ସେ ଡାଳକୁ ଡେଇଁଡେଇଁ, ଝୁଲିଝୁଲି ।

ବାଙ୍କୁ ଦିନେ ଲକ୍ଷକଲା ଗୋଟିଏ ବିରାଟ ଗଛର ଗଣ୍ଡିଟି କଟା ହୋଇ ଭୂଇଁରେ ଲୋଟି ପଡିଛି । ମୂଲିଆମାନେ ତାକୁ ଦୁ ଫାଳ କରିବାକୁ ଚେଷ୍ଟା କରୁଥାନ୍ତି । ତଥାପି କାମଟି ଅଧୁରା । ଗଛଗଣ୍ଡିର ଅଳ୍ପକଟା ଜାଗାରେ ଗୋଟେ ବଡ କୀଳା ବାଡିଆ ହୋଇଥାଏ- ଯେମିତି କି ଗଣ୍ଡିଟି ପୁଣି ଯୋଡି ହୋଇ ନ ଯାଏ । ବାଙ୍କୁ ସେ କାଠଗଣ୍ଡିଟି ଉପରକୁ ଖପକିନା ଡେଇଁପଡି ବସିପଡିଲା । କାଠଗଣ୍ଡିର ଫାଙ୍କ ଜାଗାରେ ତା ଗୋଡ ଯୋଡିକ ଦୋହଲୁଥାଏ । କାଠଗଣ୍ଡର କଟା ଜାଗା ମଝିରେ ପିଟା ହୋଇଥିବା ଖିଲଟିକୁ ହଲେଇବାକୁ ଲାଗିଲା ବାଙ୍କୁ । ବଡ ମାଙ୍କଡମାନେ ଖେଁ ଖେଁ ହେଇ ଚିଲେଇବାକୁ ଲାଗିଲେ -ହାଁ ହାଁ ବାଙ୍କୁ ଏ କଣ କରୁଚୁ ? ସେମାନଙ୍କ କାମକୁ ଗଡବଡ କରିବା ବନ୍ଦକର । ସେମାନଙ୍କ କଥା ଶୁଣି ନ ଶୁଣିଲା ଭଳି ଅଭିନୟ କଲା ବାଙ୍କୁ । ପାରୁ ପର୍ଯ୍ୟନ୍ତ ଚେଷ୍ଟାକରି କୀଳାଟା ଟାଣି ଆଣିଲା ବେଳକୁ ଅକସ୍ମାତ କାଠଗଣ୍ଡିରୁ ଖୁବ୍ ଜୋରରେ ଖିଲଟି ବାହାରି ଆସିଲା । ହେଲେ ବାଙ୍କୁର ଲାଂଜଟା କାଠଗଣ୍ଡି ଭିତରେ ଲାଖି ଯାଇଥଲା । ସବୁ ମାଙ୍କଡ ଖୁବ୍ ମନଦୁଃଖ କଲେ ତା'ପାଇଁ । ହେଲେ ସେତେବେଳକୁ ନେଡିଗୁଡ କହୁଣୀକୁ ବୋହି ଯାଇଥିଲା । ମାଙ୍କଡଟି ଫସି ଯାଇଥିବା ଦେଖି ମୂଲିଆମାନେ ସବୁ ସ୍ତବ୍ଧ ଚକିତ । ଏ ଅଭାବନୀୟ ଘଟଣା କ'ଣ ପାଇଁ ଘଟିଲା ବୋଲି ସେମାନେ ବେଶ୍ ବୁଝିପାରିଲେ । ବଢେଇମାନେ କାଠଗଣ୍ଡି ଭିତରୁ ମାଙ୍କଡ ଲାଂଜକୁ ଆସ୍ତେଆସ୍ତେ ଟାଣି ଓଟାରି ବାହାର କରି ଆଣିଲେ । ବାଙ୍କୁ ସିନା ମୁକୁଳିଗଲା ହେଲେ ସେ ଆହତ ଗୋଡରେ ଚାଲିପାରିଲା ନାଇଁ । ମଜୁରିଆମାନେ ଗୋଡର କ୍ଷତ ଜାଗାରେ ମଲମ ମାଲିସ କରି କପଡା ବାନ୍ଧିଦେଲେ । ଶେଷକୁ ବାଙ୍କୁ ମାଙ୍କଡଙ୍କ ଦଳରେ ପୁଣି ସାମିଲ ହେଲା । ସେଇଦିନୁ ସେ ଆଉ କେବେ ବି ଖେଚଡାମି କରେନାହିଁ ।



+ଓସ୍କାର ସିଟି, ପ୍ଲଟ ନଂ-
୪୫୪,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ
ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ବୃକ୍ଷରୋପଣ

### ନିରଞ୍ଜନ ସାହୁ

ଆସ ଆସ ସାଙ୍ଗସାଥି ଲଗାଇବା ଗଛ
ଗଛ ଲଗାଇବା ଆଗ ସବୁକାମ ପଛ ।
ସବୁଜ ଧରିତ୍ରୀ ଏବେ ଧୂସର ଦିଶିଲା
ପାହାଡ଼ ବି ଭଙ୍ଗାହୋଇ ମାଟିରେ ମିଶିଲା ।
ଆଧୁନିକତାର ପାଠ ସଭିଏଁ ପଢିଲେ
କଳକାରଖାନା , ଜନବସତି ଗଢିଲେ ।
ସେଥିଯୋଗୁଁ ଜଙ୍ଗଲର ଅବକ୍ଷୟ ହେଲା
ସବୁଜ ବନାନୀ ଏବେ ଭିନ୍ନ ରୂପ ନେଲା ।
ଦିନୁଦିନ ବଢିଯାଏ ଲୋକସଂଖ୍ୟା ଏଣେ
ପଶୁପକ୍ଷୀ ସଂଖ୍ୟା ଏବେ କମିଯାଏ ବଣେ ।
ସହର ଓ ଗାଆଁରେ ପ୍ରବେଶନ୍ତି ଜୀବଜନ୍ତୁ
ଆସିଅଛି ଏବେ ବେଳ ସଭିଏଁ ଭାବନ୍ତୁ ।
ବାଷ୍ପୀକରଣର ମାତ୍ରା କମିକମି ଯାଏ
ବର୍ଷା ପରିମାଣ ଦିନୁଦିନ କମିଥାଏ ।
ପ୍ରବଳ ଗରମ ହୁଏ ହୁଏନାହିଁ ସହି
ସକଳ ପ୍ରାଣୀ ଜୀବନ ପକାଏ ସେ ଦହି ।
ବର୍ଷା ଅଭାବରେ ହୁଏ ଭାରି ଜଳକଷ୍ଟ
ବର୍ଷା ବିନା ଫସଲ ଯେ ହୋଇଥାଏ ନଷ୍ଟ ।
ଆସ ଆସ ଭବିଷ୍ୟତ ପ୍ରତି ଦେବା ଦୃଷ୍ଟି
ନୂତନ ଜଙ୍ଗଲ ଆମେ କରାଇବା ସୃଷ୍ଟି ।
ପରିବେଶ ସନ୍ତୁଳନ ରକ୍ଷା କରି ଆମେ
ପରିଚିତ ହେବା ମହାଭାରତୀୟ ନାମେ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## କବିତା
ତୁମ ପାଇଁ

# ଝୁମୁରୁ ଝାଇଁ

### ରାମଚନ୍ଦ୍ର ବେହେରା

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ମୌସୁମୀ ଆସିଛି ବରଷା ନେଇ
ପାଣିରେ ଭରିଲା ପୋଖରୀ ନଈ
ଫୁଟିଲାଣି ସେଠି ପଦୁଅଁ କଇଁ..।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ବରଷା ପାଣିରେ ଭିଜିବା ନାହିଁ
ଛତା ବରଷାତି ସାଥିରେ ନେଇ
ସ୍କୁଲକୁ ଯିବା ପଢିବା ପାଇଁ..।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ବାହାର ଦରବ ଖାଇବା ନାହିଁ
ଘର ରନ୍ଧା ଖାଦ୍ୟ ହରଷେ ଖାଇ
ରୋଗ ବଇରାଗ ଦେବା ଦୂରେଇ..।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଅନାବନା ଗଛ ରଖିବା ନାହିଁ
ମଶା ଓ ମାଛିଂକୁ ଦେବା ଦୂରେଇ
ଖାଦ୍ୟକୁ ରଖିବା ସଦା ଘୋଡେଇ..।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ନୂଆ ଗଛ ଆମେ ଦେବା ଲଗେଇ
ଆମ ପରିବେଶ ଆମରି ପାଇଁ
ଦୂଷିତ ତାହାକୁ କରିବା ନାହିଁ..।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ମୁଢି ନଡିଆକୁ ହରଷେ ଖାଇ
ଆନନ୍ଦ ମନରେ ପଢିବା ବହି
ଆଈ ଗପ ଶୁଣି ପଡିବା ଶୋଇ..।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଘୁମୁରୁ ଘୁମୁରୁ ଘୁମୁରା ପାରା

### ଶରତ କୁମାର ଦାସ

ଘୁମୁରୁ ଘୁମୁରୁ ଘୁମୁରା ପାରା
ଆଖି କୋଣେ ତୋର ଲୋତକ ଧାରା
ବିରସ କାହିଁକି କହ,
ତରବର ହୋଇ ଯାଉଛୁ କାହିଁ
ରହରେ ଘଡିଏ ରହ ।

ଛୁଟିଦିନ ଦେଖି ହେବାରେ ମେଳ
ସାଥୀହୋଇ ଆମେ ଖେଳିବା ଖେଳ
ଏବେ ମୋ ପାଖକୁ ଆ,
ଖାଇବାକୁ ଦେବି କୋଳଥ ମୁଠେ
ସାଇତି ରଖିଛି ମାଆ ।

ଦେଉଳ ଖୋଲରେ କେବେଟି ରହୁ
ଗୁଲୁରୁ ଗୁଲୁରୁ କଥା ତୁ କହୁ
ପରବତ ଖୋଲେ ପୁଣି,
ଆଉ କେତେବେଳେ ଘରର ଚାଳେ
ରହିଥାଉ ଖୁସି ବୁଣି ।

ବରଷା ହେଉ କି ବତାସୀ ଝଡ
ନିମିଷକେ ପରା ଜିଣୁ ତୁ ଗଡ
ଯେଣେ ଇଚ୍ଛା ଥାଉ ତେଣେ ,
ଟିକି ଟିକି ଡେଣା ଝାଡି ସରାଗେ
କହରେ, ଯାଉ ତୁ କେଣେ ?

ତୋ ଆଖି-ଶକତି ବଢିଆ ଏତେ
ଦୂରେଥାଇ ଦେଖୁ ଜିନିଷ କେତେ
କଳା ବାଦାଲକୁ କାଟି,
ଆକାଶ ରାଇଜୁ ଓହ୍ଲାଉ ଧୀରେ
ସରାଗେ ହସଇ ମାଟି ।

ଘୁମୁରୁ ଘୁମୁରୁ ଶବଦ କରି
ସବୁରି ଦୁଃଖକୁ ନେଉ ତୁ ହରି
ତୋ' ପରିକା କିଏ କାହିଁ,
ମନଲୋଭା ତୋର ରୂପଟି ଦେଖି
ମନହୁଏ ହାଇଁପାଇଁ ।

ଭାରି ଉପକାରୀ ବନ୍ଧୁଟି ତୁହି
କରିବୁ କାମଟି କହିବି ମୁହିଁ
ଚିଠିଟିଏ ଦେବି,ନେବୁ,
କୁନି ଭଉଣୀ ମୋ ରହୁଛି ଦୂରେ
ତା' ହାତେ ଧରେଇଦେବୁ ।

ଚିଠି ଦେବାନେବା ଯେତକ କାମ
ଖୋଜାପଡୁଥିଲା ତୋହରି ନାମ
ଏମିତିକା ଥିଲା ଦିନ ,
ବଦଳିଛି ସିନା ଦୁନିଆ ରୀତି
ରହିଛି ସେ ପାଦ ଚିହ୍ନ ।

ଦେଖା ହେବୁ ଯଦି ତୁ ମୋ'ର କେବେ
ପଚାରିବି ଗୋଟେ କଥାଟି ତେବେ
କହିବୁ ସତ ତୁ ମତେ,
ବାରତା ନେବାର ମଧୁର କଳା
କିଏ ଶିଖାଇଲା ତତେ ?

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
+ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# କେଁ କଟକଟ କେଁ କଟ

### ସୁନୀଲ କୁମାର ପ୍ରଧାନ

କେଁ କଟକଟ କେଁ କଟ
ଗଡିଲା ଗାଡ଼ି
ଭାଉ ଭାଉ କରି ସୋମୁ
ଛାଡ଼ିଲା ରଡ଼ି ।

ମିଆଁଉ କରି ବିଲେଇ
ଆସିଲା ଧାଇଁ
ଭାଡ଼ିରୁ ସେ ମାଛ ଖଣ୍ଡ
ନେଲା ଚୋରାଇ ।

ମେଁ ମେଁ କରି ଛେଳି ଛୁଆ
ମାରିଲା ଡିଆଁ
ମାଆକୁ ଦେଖି ଖୁସିରେ
ହୋଇ କିମିଆ ।

ଫେଁ ଫେଁ ସର୍ପ ନାଗ ରାଜ
ଗାତୁ ବାହାରି
ଦେଖିଲେ ଚିଲ ବୁଲୁଛି
ଦେବରେ ମାରି ।

ହୁକେ ହୋ କରି ବିଲୁଆ
ଛାଡ଼ିଲା ଡାକ
ଖରା ସହ ବର୍ଷା ହୁଏ
ଆକାଶେ ଦେଖ ।

କଟର କେଁ କଟର କେଁ
ବେଙ୍ଗର ରଡ଼ି
ଘଟି ଆସିଲା ଅନ୍ଧାର
ବରଷା ଝଡି ।

+ଝାଟିପଦର, ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬



# ସାଥୀ ହୋଇ ଆମେ ଚାଲିବା

### କୀର୍ତ୍ତନ ସାହୁ

ବୁଲୁଥିଲେ ଆମେ ସାଙ୍ଗରେ
ଖେଳୁଥିଲେ କେତେ ବାଗରେ ।

ସାଙ୍ଗ ମେଳ କେଡ଼େ ମଜ୍ଜାରେ
ଘରେ ପଡୁଥିଲା ଖୋଜାରେ ।

ଭୋକ ଶୋଷ ସବୁ ଭୁଲନ୍ତି
କେତେ ବାଟ ଆମେ ଚାଲନ୍ତି ।

ସାଥୀ ହୋଇ ସ୍କୁଲ ଯାଆନ୍ତି
ବାଣ୍ଟି କୁଣ୍ଟି ଆମେ ଖାଆନ୍ତି ।

ମିଳିମିଶି ଆମେ ପଢନ୍ତି
ଦରକାରୀ ବହି କାଢନ୍ତି ।

ହସ ଖୁସି ମଜା ଥାଏରେ
ଆନନ୍ଦରେ ଦିନ ଯାଏରେ ।

ସାଥୀ ହୋଇ ଆମେ ବସନ୍ତି
ସାଥୀ ହୋଇ ଆମେ ଆସନ୍ତି ।

ବିଦ୍ୟାଳୟ ହେଲେ ଛୁଟିରେ
କେତେ ମଜ୍ଜା ଯାଏ ଯୁଟିରେ ।

ପରସ୍ପର ଘର ଯାଆନ୍ତି
କୋଳି କେନ୍ଦୁ ଆଦି ଖାଆନ୍ତି ।

ମାଆ ପରସନ୍ତି ଯତନେ
ଆମେ ଯଥା ତାଙ୍କ ରତନେ ।

ଗାଆଁ ସାରା ଆମେ ବୁଲନ୍ତି
କେତେ ସାଙ୍ଗ ସାଥୀ ମିଳନ୍ତି ।

ଗାଆଁ କଡେ ନଈ ବହେରେ
ତାର ରୂପ ମନ ମୋହେରେ ।

ସାଥୀ ହେବା କେଡ଼େ ମଜାରେ
ତେଲିଙ୍ଗି ବାଇଦ ବଜାରେ ।

ସାଥୀରେ ରଖିବା ସାଥୀକୁ
ଚାଲିବା ଫୁଲାଇ ଛାତିକୁ ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର ।
ମୋ - ୯୪୩୮୪୧୪୭୦୧

# ବଲାଙ୍ଗିର ରେଳ ଷ୍ଟେସନରେ ଯାତ୍ରୀ ସେବା କ୍ଷେତ୍ରରେ ସୁଧାର

ବଲାଙ୍ଗିର, ୧୪/୦୭ (ନି.ପ୍ର): ଗତ ପ୍ରାୟ ବର୍ଷେରୁ ଅଧିକ ହେବ ଯାତ୍ରୀ ସେବା କ୍ଷେତ୍ରରେ ଅନେକ ପରିବର୍ତ୍ତନ ହୋଇଥିବା ପରିଲକ୍ଷିତ ହୋଇଛି । ବହୁ ଦିନରୁ ଚାଲି ଆସିଥିବା ତତ୍କାଳ ଟିକେଟ ବୁକିଂରେ ଆଗରୁ ସାଧାରଣ ଯାତ୍ରୀ ମାନଙ୍କ ଠାରୁ ଅଧିକ ବ୍ରୋକର ମାନଙ୍କ ଦ୍ୱାରା ଏକରକମ କବଜା କରି ଯାତ୍ରୀ ମାନଙ୍କୁ ମନଇଚ୍ଛା ଦମରେ ଟିକେଟ ବିକ୍ରି କରୁଥିଲେ ତାହା ନୂତନ ବାଣିଜ୍ୟିକ ଅଧିକ୍ଷକ ଯୋଗଦାନ ପରେ ବ୍ୟବସ୍ଥିତ ହୋଇପାରିଛି । ଅଭ୍ୟାସ ଗତ ଭାବରେ ଟିକେଟ କାଉଣ୍ଟରକୁ ମାଡି ବସୁଥିବ ଦଲାଲ ମାନଙ୍କୁ ଜବତ କଲା ପରେ ସ୍ଥିତିରେ ସୁଧାର ଆସିଛି । ଏବେ ସଠିକ୍ ଲୋକ ଯାତ୍ରା ପାଇଁ ବ୍ୟବସ୍ଥିତ ଭାବରେ ତତ୍କାଳ ଟିକେଟ ସୁବିଧାରେ ନେଇ ପାରୁଛନ୍ତି । ଆଜିକାଲି ଦ୍ରୁତଗାମୀ ରେଳ ଗୁଡିକରେ ସାଧାରଣ ଯାତ୍ରୀ ମାନଙ୍କ ପାଇଁ କେତେବେଳେ ଆଗ ପଟରେ ତ କେତେବେଳେ ପଛ ପଟରେ ବଗି ଯୋଡା ଯାଉଚି । ଏହି ଅଂଚଳର ଶ୍ରମିକ, ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଯାତ୍ରୀ ରେଳ ଯାତ୍ରା ବେଳେ ପୂର୍ବରୁ ସମସ୍ତ ଦୃତଗାମୀ ରେଳରେ ଗାଡ଼ିର ଆଗ ପଟରେ ଦୁଇଟି ଓ ପଛରେ ଦୁଇଟି ସାଧାରଣ କୋଚରେ ଯାଉଥିଲେ । ଏବେ ସାଧାରଣ ଯାତ୍ରୀ ଗାଡ଼ି ପହଁଚିଲା ପରେ ନିଜ ସ୍ଥାନ ପାଇବାକୁ ଆଗ ପଛ ଧାଦୌଡ ବେଳେ ୫ ମିନିଟ ସମୟ ଭିତରେ ନିଜ ଜାଗା ଅକ୍ତିଆର କରିପାରୁ ନଥିଲେ । ବଲାଙ୍ଗିର ଷ୍ଟେସନରେ ପୂର୍ବରୁ ପ୍ରଚଳିତ କମ୍ପ୍ୟୁଟର ଦ୍ୱାରା ସାଧାରଣ ଘୋଷଣା ବାହାରେ ସ୍ଥାନୀୟ ଭାଷାରେ ଗାଡ଼ି ଆସିବା ପୂର୍ବରୁ ବାରମ୍ବାର ଘୋଷଣା ହେଉଥିବା ଯୋଗୁଁ ପୂର୍ବରୁ ଲୋକେ ଜାଣି ପାରି ନିଜକୁ ପ୍ରସ୍ତୁତ କରି ହଇରାଣରୁ ଏବେ ରକ୍ଷା ପାଉଛନ୍ତି । ଆଜିକାଲି ରେଳ ବିଭାଗରେ ଯାତ୍ରୀ ବଢିବା ସଙ୍ଗେ ମାଲ ପରିବହନ ବୃଦ୍ଧି ପାଇଛି । କିଛିଦିନ ଆଗରୁ ମାଲ ଲୋଡିଙ୍ଗ ଅଲୋଡିଙ୍ଗ ପାଇଁ କୁଲି ରହୁ ନଥିଲେ । ଏହି ସମୟରେ ନିଜ କାମ ଠିକ୍ କରୁଥିବା ବେଳେ ପାର୍ଶଲ୍ ସେବା ବ୍ୟବସ୍ଥିତ ହୋଇଛି । ବଡ଼ ବଡ଼ ସ୍ଥାନ ଭିତରେ ବେଙ୍ଗାଲୁର, ଦିଲ୍ଲୀ, କଲିକତା, ହାଇଦ୍ରାବାଦ, ପୁନେ, ମୁମ୍ବାଇ ଇତ୍ୟାଦି ସ୍ଥାନକୁ ଯାତ୍ରାବେଳେ ଅନେକ ନିଜ ବାଇକ୍ ସେଠାରେ ରଖିଥାନ୍ତି । ଏହାର ବୁକିଙ୍ଗ କରିବା ବେଳେ ଯାହା ଡକୁମେଣ୍ଟ ମଗା ଯାଉଚି ତା ଭିତରେ ଆରସି, ଇନ୍ସୁରେନ୍ସ, ଆଧାର କାର୍ଡର ଫଟୋ କପି ମଗା ଯାଉଛି । ଫଳରେ ଚୋରି ଗାଡ଼ି ବୁକ କରି ପଠାଇବା ସମ୍ଭବ ନୁହେଁ । ଗାଡ଼ି ବୁକ୍ ବେଳେ ଲେବୁଲରେ ପାଇବା ଲୋକର ମୋବାଇଲ ନମ୍ବର ଲେଖିବାକୁ ଏଠାରେ କୁହାଯାଉଛି । ସୁବିଧା ଓ ସ୍ଥାନ ଦେଖି ଗାଡ଼ି ଗୁଡ଼ିକ ଗନ୍ତବ୍ୟ ସ୍ଥଳରେ ପହଁଚିଲା ପରେ ମୋବାଇଲ ସୂଚନା ପାଇ ଗାଡ଼ି ନେଉଥିବା ବେଳେ ବାରମ୍ବାର ଗାଡ଼ି ପାଇଁ ଷ୍ଟେସନ ଦୌଡ଼ିବାକୁ ପଡୁନାହିଁ ନିଜର ସୁବିଧାରେ ଡେଲିଭରି ମିଳି ପାରୁଚି । ଯାତ୍ରୀ ମାନେ ଅନ୍ୟ ସୁବିଧା ପାଇ ପାରୁଥିବା ଯୋଗୁଁ ସନ୍ତୋଷ ବ୍ୟକ୍ତ କରୁଛନ୍ତି । ଏହା ଅନେକ ସମୟର ସାମାଜିକ ଗଣ ମାଧ୍ୟମରେ ପ୍ରତିଫଳିତ ହେଉଥିବା ଦେଖା ଯାଉଛି ।

# ବନ୍ଦ ରହିବ ମାର୍କେଟ୍ ବିଲ୍ଡିଂ: କମିସନର ଓ ମେୟରଙ୍କ ଘର ଦୁଆରେ ଧାରଣା ଦେବେ ସ୍ଥାୟୀ ଦୋକାନୀ




ଭୁବନେଶ୍ୱର, ୧୪/୦୭ (ନି.ପ୍ର): ଉଗ୍ରରୂପ ନେଇଛି ସ୍ଥାୟୀ-ଅସ୍ଥାୟୀ ଦୋକାନୀ ବିବାଦ । ଜବରଦଖଲ କରି ବସିଥିବା ଉଠାଦୋକାନୀଙ୍କୁ ହଟାଇବାରେ ବିଏମ୍ସି ବିଫଳ ହୋଇଥିବାରୁ ସ୍ଥାୟୀ ବ୍ୟବସାୟୀଙ୍କୁ ନେଇ ଗଠିତ ସେଣ୍ଟ୍ରାଲ ମାର୍କେଟ୍ ଆସୋସିଏସନ ମାର୍କେଟ୍ ବିଲ୍ଡିଂ ବନ୍ଦ କରିଦେବାକୁ ଚେତାବନୀ ଦେଇଛି । ତିନିଦିନ ଭିତରେ ଏହି ବେଆଇନ ଭାବରେ ବସିଥିବା ବ୍ୟବସାୟୀଙ୍କୁ ନ ହଟାଇଲେ ସମସ୍ତ ବ୍ୟବସାୟୀ ମାର୍କେଟ୍ ବିଲ୍ଡିଂ ବନ୍ଦ କରି କମିସନର ଓ ମେୟରଙ୍କ ଘର ଦୁଆରେ ଧାରଣା ଦେବେ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ସଂଘର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା । ଅଭିଯୋଗ ମୁତାବକ, ଏଠାରେ ଏବେ ପ୍ରାୟ ୨୦୦ ଉଠାଦୋକାନୀ ବସୁଥିବା ବେଳେ ଏଠାରେ ୩୫୦ ଜଣଙ୍କୁ ବସାଇବା ପାଇଁ ମସୁଧା ହୋଇଛି । ବିଏମ୍ସି ଅଧିକାରୀ ଏହି ମସୁଧାରେ ସାମିଲ ହୋଇଛନ୍ତି । ବ୍ୟବସାୟୀଙ୍କଠାରୁ ଚାନ୍ଦା ନେଇ ସେମାନଙ୍କୁ ବସିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି । ବିଏମ୍ସିର ଅଧିକାରୀ ସମ୍ପୃକ୍ତ ନଥିଲେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାହିଁକି ଉଚ୍ଛେଦ ହେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । କେତେକ ଦୋକାନ ଉଚ୍ଛେଦ ହୋଇପାରିବ ନାହିଁ ବୋଲି ହାଇକୋର୍ଟଙ୍କ ଆଦେଶ ରହିଥିବା ବିଏମ୍ସି କହୁଛି । ହେଲେ ଯେଉଁ ଆଦେଶ ହୋଇଛି ସେଥିରେ କୌଣସି ପ୍ଲଟ୍ ନମ୍ବର ନାହିଁ । ଅନେକ ଜାଗାରେ ପ୍ଲଟ୍ ନମ୍ବର ଥାଇ ଉଚ୍ଛେଦ ନ କରିବାକୁ ଆଦେଶ ହୋଇଥିଲେ ମଧ୍ୟ ବିଏମ୍ସି ଉଚ୍ଛେଦ କରି ପକାଉଥିବା ପ୍ରମାଣ ରହିଛି । କିନ୍ତୁ ଏଠି କାହିଁକି ନୁହେଁ ? କାହିଁକି ଅଧିକାରୀମାନେ ଉଚ୍ଛେଦ ପାଇଁ ପଛଘୁଞ୍ଚା ଦେଉଛନ୍ତି ? ମାର୍କେଟ ବିଲ୍ଡିଂକୁ ସମ୍ପୂର୍ଣ୍ଣ ଭାବେ ଉଠାଦୋକାନୀ ମୁକ୍ତ କରିବାକୁ ଆସୋସିଏସନ୍ ଦାବି କରିଛି । ପ୍ଲଟ୍ ନମ୍ବର ୧୩୧, ୧୪୩, ୧୪୬ ଓ ୧୧୮୬ରେ ଏହି ଜବରଦଖଲ ରହିଛି । ଜିଏ ବିଭାଗର ଏହି ୪ ପ୍ଲଟ୍ର ପ୍ରାୟ ୧.୨ ଏକର ଜାଗା ଜବରଦଖଲରେ ରହିଛି । ଫଳରେ ଭୟଙ୍କର ପରିସ୍ଥିତି ଉପୁଜୁଛି ଓ ବ୍ୟବସାୟ ବାଧାପ୍ରାପ୍ତ ହେଉଛି । କେବଳ ବେପାର ମାଡ଼ ଖାଉ ନାହିଁ ବରଂ ଏହି ଉଠାଦୋକାନୀମାନେ ମାର୍କେଟ ବିଲ୍ଡିଂରେ ଏଣେତେଣେ ଆବର୍ଜନା ଫିଙ୍ଗୁଛନ୍ତି । ଏଥିପାଇଁ ବିଏମ୍ସି ସ୍ଥାୟୀ ବ୍ୟବସାୟୀଙ୍କୁ ଧମକ ଦେଉଛି । ଏହା କି ପ୍ରକାରର ନ୍ୟାୟ ବୋଲି ଆସୋସିଏସନର ଯୁଗ୍ମ ସମ୍ପାଦକ ରଣଜିତ୍ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି । ଏଭଳି ସମସ୍ୟା ଯୋଗୁ ଜୁଲାଇ ପହିଲାରୁ ଏଠାରୁ ଅଳିଆ ଉଠୁନଥିଲା । ବିବାଦ ସମାଧାନ ନ ହେବା ଯାଏ ମାର୍କେଟରୁ ବର୍ଜ୍ୟ ଉଠାଇବା ବ୍ୟବସାୟୀ ବନ୍ଦ କରିଦେଇଥିଲେ । ଗତ ୫ ତାରିଖ ଦିନ ସଂଘକୁ ଡାକି ବିଏମ୍ସି ଧମକ ଦେଇଥିଲା । ୨ ଦିନ ମଧ୍ୟରେ ଏହି ଉଠାଦୋକାନୀଙ୍କୁ ହଟାଇବାକୁ ପ୍ରତିଶ୍ରୁତି ମିଳିଥିଲା । ହେଲେ ଏ ଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି ।

## ଦୁଲଦୁଲି କଳା ପରିଷଦ ତରଫରୁ ଲୋକକଳା ଉତ୍ସବ ଅନୁଷ୍ଠିତ ହେବ

ବଲାଙ୍ଗୀର, ୧୪/୦୭ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୨,୨୩ ଓ ୨୪ ତିନି ଦିନ ଧରି ବଲାଙ୍ଗୀର ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଦୁଲଦୁଲି କଳା ପରିଷଦ ତରଫରୁ କୋଶଳ କଳା ମଣ୍ଡଳ ପଡିଆରେ ଲୋକକଳା ଉତ୍ସବ ଅନୁଷ୍ଠିତ ହେବ । ଅଷ୍ଟମ ବର୍ଷରେ ପଦର୍ପଣ କରିଥିବା ଲୋକକଳା ଉତ୍ସବ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ରେ ରାଜ୍ୟର ପ୍ରମୁଖ ଆଦିବାସୀ ନୃତ୍ୟ ଦଳ ସହ ରାଜ୍ୟ ବାହାର ର ବିଭିନ୍ନ ରାଜ୍ୟରୁ ୧୨ଗୋଟି ଲୋକ ନୃତ୍ୟ ଦଳ ସେମାନଙ୍କ କଳା ପ୍ରଦର୍ଶନ କରିବେ ବୋଲି ଦୁଲଦୁଲି କଳା ପରିଷଦର ସଭାପତି ପ୍ରଭାସ କୁମାର ପାଣିଗ୍ରାହୀ ଓ ସଂପାଦକ ବାସୁଦେବ ସା ଏକ ପ୍ରେସ ବିବୃତିରେ କହିଛନ୍ତି ।

# ଆରଏସପି ସମ୍ପ୍ରସାରଣ ଲାଗି ଜମି ଯୋଗାଇ ପାରୁନାହାନ୍ତି ରାଜ୍ୟ ସରକାର: ୩୩ ହଜାର କୋଟି ଫେରିଗଲା

ରାଉରକେଲା, ୧୪/୦୭ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସଂପ୍ରସାରଣ ଲାଗି ଆବଶ୍ୟକ ହେଉଥିବା ଜମି ଲାଗି ରାଜ୍ୟ ସରକାର ସହଯୋଗ କଲେନି ଯାଗା ମିଳିଲାନି, ଫଳରେ ଏଥିଲାଗି କେନ୍ଦ୍ରରୁ ଆସିଥିବା ୩୩ ହଜାର କୋଟି ଟଙ୍କା ଫେରିଯାଇଥିବା ବେଳେ ଏହାକୁ ୧୦ ମିଲିୟନ ଟନ ଉତ୍ପାଦନ କ୍ଷମତା କରିବା ଲାଗି ହୋଇଥିବା ଯୋଜନାରେ ସାମୁହିକ ପୁର୍ଣଛେଦ ପଡିଛି । ଚଳିତ ମାସ ୧୨ ତାରିଖରେ ଆରଏସପି ପକ୍ଷରୁ ମିଡିଆ ସହମତ ବିନିମୟ ଓ ଅତିତ ତଥା ବର୍ତମାନର ଆରଏସପିକୁ ନେଇ ଚାଲିଥିବା ଆଲୋଚନା ବେଳେ ଏଭଳି କିଛି ସୂଚନା ମିଳିଥିବା ବେଳେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସଂପାଦକ ତଥା ଲଢୁଆ ଶ୍ରମିକ ନେତା ପ୍ରଶାନ୍ତ ବେହେରା ଏନେଇ ରାଜ୍ୟ ସରକାରଙ୍କୁ ଲେଖିଥିବା ଚିଠିରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ, ରାଜ୍ୟ ସରକାର ଯାଗା ଯୋଗାଇ ନଦେବାରୁ ଆରଏସପିର ସଂପ୍ରସାରଣରେ ସାମୂହିକ ପୁର୍ଣଛେଦ ପଡିଛି । ଅତିତରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଥିବା ବେଳେ ରାଉରକେଲା ଗସ୍ତରେ ଆସି ହୋଟେଲ ମେଫେୟାର ଠାରେ ସାମ୍ବାଦିକ ମାନଙ୍କୁ ଦେଇଥିବା ଉଦବୋଧନରେ କହିଥିଲେ ରାଉରକେଲା ଇସ୍ପାତ କାରଖାନାର ଯାଗା ଗୁଡିକ କିଛି ବସ୍ତି ଅଂଚଳ ଲାଗି ଜବର ଦଖଲ ହୋଇ ରହିଥିବାରୁ ଆରଏସପିର ସଂପ୍ରସାରଣ ହୋଇପାରୁନି, ଯଦି ଏହାର ସମାଧାନ ହୋଇଜିବ ତେବେ ଭାରତ ବର୍ଷରେ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଆରଏସପି ପ୍ରମୁଖ ଭୂମିକା ଗ୍ରହଣ କରିବ ଓ ସେହି ତୁଳାନାରେ ରାଜ୍ୟ ମଧ୍ୟ ଉନ୍ନତି ହେବ । ତେବେ ସେ ଏହି ମନ୍ତ୍ରାଳୟରୁ ଯିବା ପରେ ସେଲ ଆବଶ୍ୟକ କରୁଥିବା ବନ୍ଧମୁଣ୍ଡା, ତିଲକାନଗର, ଉଦିତନଗର ସମ୍ମୁଖ ଅଂଚଳରୁ ସିଭିଲଟାଉନ ସମ୍ମୁଖ ଅଂଚଳ ଯାଏ ରହିଥିବା ଜବର ଦଖଲ ସମେତ ସେକ୍ଟର ଅଂଚଳର କିଛି ଜବର ଦଖଲ ଉଛେଦ ଲାଗି ଆବଶ୍ୟକ ହେଉଥିବା କ୍ଷତିପୁରଣ ଓ ସଂପ୍ରସାରଣ ଖର୍ଚ୍ଚ ଲାଗି ମୋଟ ୩୩ ହଜାର କୋଟି ଟଙ୍କା ପ୍ରଥମ ଦଫାରେ ଆରଏସପି ଲାଗି ବ୍ୟବସ୍ଥା କରିଥିଲା, ମାତ୍ର ରାଜ୍ୟ ସରକାର ଏନେଇ ସେଭଳି କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଏହି ଟଙ୍କା ବୋକାରୋ ଷ୍ଟିଲ ପ୍ଲାଂଟକୁ ଚାଲିଗଲା । ୧୯୫୯ରେ ଆରଏସପି ନିର୍ମାଣ ଲାଗି ସେ ସମୟରେ ଆଖ ପାଖରେ ଥିବା ଖଣିଜ ସଂପଦକୁ ସୁବିନିଯୋଗ ଏହାର ସ୍ୱପ୍ନ ଦେଖାଯାଇଥିଲା । ସେତେବେଳେ ଓଡିଶାର ବଳିଷ୍ଠ ନେତୃତ୍ୱ ବିଜୁ ପଟ୍ଟନାୟକ ଏହାକୁ ଆଗେଇ ନେବା ଲାଗି ଆଗଭର ହୋଇ ଉଭୟ ରାଜ୍ୟର ସହଯୋଗ ସହ କେନ୍ଦ୍ରକୁ ରାସ୍ତା ଦେଖାଇଥିଲେ ଏହା ସବୁଦିନ ଲାଗି ଇତିହାସରେ ଉଲ୍ଲେଖ ରହିଥିବ । ସେ ସମୟରେ ଆରଏସପିର ଉତ୍ପାଦନ କ୍ଷମତା ଯାହାଥିଲା, ତାକୁ ବଢାଯାଇ ୪.୫ ମିଲିୟନ ଟନରେ ପହଁଚା ଗଲା । ସେ ସମୟରେ ବିଜୁ ବାବୁ ସ୍ୱପ୍ନ ଦେଖିଥିଲେ ଆରଏସପି ହେଲେ ଉଠାରେ ଶ୍ରମ ସୃଷ୍ଟି ହେବା ସହ ପ୍ରତ୍ୟକ୍ଷ ପରୋକ୍ଷରେ ଅନେକ ଲୋକ କାମ ଧନ୍ଦା ପାଇବେ । ତାହା ହିଁ ବର୍ତମାନ ଯାଏ ଚାଲିଛି । ବର୍ତମାନ ଆରଏସପି ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ତଥା ନିଯୁକ୍ତି କ୍ଷେତ୍ରରେ ଅନେକ ସହାୟକ ହୋଇଛି । ରାଜ୍ୟର ଖଣିଜ ସଂପଦକୁ ନେଇ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଶିଳ୍ପ ଓଡିଶାରେ ପ୍ରତିଷ୍ଠା ହୋଇ ଷ୍ଟିଲ ଉତ୍ପାଦନ କରୁଛନ୍ତି, ହେଲେ ଆରଏସପି ଭଳି ସାମାଜିକ କ୍ଷେତ୍ରରେ ଉନ୍ନତି ଆଣିବା ଭଳି କାମ କରିବାରେ ପଛରେ ରହିଛନ୍ତି । କାରଣ ସେ ସବୁ ବ୍ୟକ୍ତଗତ ମାଲିକାନାରେ ପ୍ରତିଷ୍ଠିତ କାରଖାନା ଏହା ହେଉଛି ପବ୍ଲିକ ଅଣ୍ଡର ଟେକିଂ ସଂସ୍ଥା ତେଣୁ ଏଥିରେ ନିଶ୍ଚୟ ଫରକ ରହିବ । ଏତେ ସବୁ କାରଖାନା ରାଜ୍ୟରେ ହେବା ସତ୍ୱେ ରାଜ୍ୟରେ ଦାଦନଙ୍କ ସଂଖ୍ୟା ଅନେକ ଦାଦନ ସମସ୍ୟାକୁ ସମାଧାନ କରିବାରେ ଏହି ସବୁ ଶିଳ୍ପ ସାହାଜ୍ୟ କରିପାରୁନାହାନ୍ତି । ତେବେ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ପ୍ରକାର ଭିତିଭୂମି ରହିଛି, ଯାଂତ୍ରିକ ଠାରୁ ଆରମ୍ଭ କରି ଅଫିସ ଘର ଦ୍ୱାର ସମେତ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି । ଜମି ମଧ୍ୟ ଆରଏସପିର, କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ସେ ଜମି ଗୁଡିକୁ ଧିରେ ଧିରେ ରାଜ୍ୟ ତଥା ରାଜ୍ୟ ବାହାରର ଲୋକେ ଆସି ମାଡି ବସି ଘର ଦ୍ୱାର ସହ ବସ୍ତି ତିଆରି କରି ରହିଲେ । ଏହି ସବୁ ବସ୍ତି ଅଂଚଳ ମଧ୍ୟ ଭୋଟର ତାଲିକାରେ ରହିଲା, ପ୍ରତି ବର୍ଷ ଏମାନଙ୍କୁ ରାଜନେତା ମାନେ ନାନା ସ୍ୱପ୍ନ ଦେଖାଇ ଭୋଟ ନେଇ ରାଜନୀତିରେ ରହିଲେ, କିନ୍ତୁ ଯାଗା ଯାହାର ସେ ଯେତେବେଳେ ସଂପ୍ରସାରଣ ଲାଗି ଚାହୁଁଛି ତାହା ହୋଇପାରୁନି ।

# ରାସ୍ତା କଡ ଅଳିଆ ଗଦାରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, ୧୪/୦୭ (ନି.ପ୍ର): ରାସ୍ତା କଡ ଅଳିଆ ଗଦାରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ପଡିଥିବାର ଦେଖିବାକୁ ମିଳିଛି । ତେବେ ମୃତ ମହିଳାଙ୍କ ବେକରେ ଗଭୀର କ୍ଷତ ଚିହ୍ନ ଥିବାର ଜଣାପଡିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଂଚଳର ଗାଲୁଆ ଛକ ନିକଟରେ । ସୂଚନା ମୁତାବକ, ଗୁରୁବାର ସକାଳୁ ବାଣପୁର ଗାଲୁଆ ଛକ ନିକଟରେ ଜଣେ ଅଜଣା ମହିଳାଙ୍କ ଶବ ପଡ଼ି ରହିଛି । ତେବେ ତାଙ୍କ ବେକରେ ଗଭୀର କ୍ଷତ ଚିହ୍ନ ଥିବାର ଦେଖାଯାଇଛି । ତାଙ୍କୁ କେହି ମାରି ଫୋପାଡ଼ି ଦେଇଥିବାର ଅନୁମାନ କରାଯାଉଛି । ମୃତ ମହିଳାଙ୍କ ବୟସ ଆନୁମାନିକ ୩୦ ବର୍ଷ ହେବ ବୋଲି ଜଣାପଡିଛି । ତେବେ ମହିଳାଙ୍କ ମୃତ ଶରୀର ଗାଲୁଆ ଛକ ନିକଟସ୍ଥ ଅଳିଆ ଗଦାରେ ପଡ଼ି ରହିଛି । ଖବର ପାଇ ବାଣପୁର ପୋଲିସ ମୃତ ଅଚିହ୍ନା ମହିଳାଙ୍କ ମୃତଦେହକୁ ଜବତ କରି ତଦନ୍ତ କରୁଥିବା ଜଣାପଡିଛି ।

# ସ୍ଥାୟୀ ନିଯୁକ୍ତି ନେଇ ଅଙ୍ଗନୱାଡି ସୁପରଭାଇଜରମାନେ ଜୁଲାଇ ୧୭ରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ

କେନ୍ଦ୍ରାପଡ଼ା, ୧୪/୦୭ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଦାବିରେ ଅଲ୍ ଓଡିଶା ଠିକା ଅଙ୍ଗନୱାଡି ସୁପରଭାଇଜର ସଂଘ ଡାକରାରେ ଆସନ୍ତା ୧୭ ଜୁଲାଇରୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜୟଲକ୍ଷ୍ମୀ ସ୍ୱାଇଁ, ତୁଳସୀ ଦାସ, ତିଳୋତ୍ତମା ରାଉତରାୟ, ସବିତା ସାମଲ, ନମିତା ରାଉତରାୟ, ବୈଜୟନ୍ତୀ ଦାସ, ରଜନୀ ରାଉଳ ପ୍ରମୁଖ ଉପସ୍ଥିତ ଥାଇ ରାଜ୍ୟ ସରକାର ସବୁ ବର୍ଗର ଠିକା ନିଯୁକ୍ତି ଉଚ୍ଛେଦ କରିଥିଲା ବେଳେ ମହିଳା ପରିଦର୍ଶିକାଙ୍କର ସ୍ଥାୟୀ କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉ ନଥିବାରୁ ଦୁଃଖ ଓ ପରିତାପର ବିଷୟ ଯେ ସ୍ଥାୟୀ ନିଯୁକ୍ତି ଦାବିରେ ମହିଳା ଶିଶୁ ପାରିଦର୍ଶିକାମାନେ ପୂର୍ବରୁ ୨୦୨୧ ନଭେମ୍ବର ୮ରେ ଖରାବର୍ଷାକୁ ଖାତିର ନକରି ପ୍ରାୟ ଏକ ମାସ ଧରି ମହାତ୍ମା ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲେ । ରାଜ୍ୟ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ସାମୁଖ୍ୟ ମୁଖ୍ୟ ତଥା କଟକ ମେୟର ସୁବାଷ ସିଂଙ୍କ ଉପସ୍ଥିତିରେ ତିନିମାସ ଭିତରେ ସ୍ଥାୟୀ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ପ୍ରତିଶୃତିକୁ ରକ୍ଷାକରି ଠିକା ମହିଳା ପରିଦର୍ଶିକା ଆନଦୋଳନ ପ୍ରତ୍ୟାହାର କରିଥିଲେ । ଏହାର ପ୍ରାୟ ଏକ ବର୍ଷ ପରେ ରାଜ୍ୟ ସଭାପତି ବାସନ୍ତି ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ବିଭାଗୀୟ ସଚିବ ଶୁଭା ଶର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ମହିଳା ଶିଶୁ ବିକାଶ ବିଭାଗର ସମସ୍ତ କାର୍ଯ୍ୟ ଭାର ଠିକା ପରିଦର୍ଶିକାମାନେ ତୁଲାଉଥିବା ବେଳେ ସ୍ଥାୟୀ ନିଯୁକ୍ତି ନହେବା ଦୁଖ ଓ ପରିତାପର ବିଷୟ । ଯଦି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଜୁଲାଇ ୧୬ତାରିଖ ସୁଦ୍ଧା ସ୍ଥାୟୀ ଘୋଷଣା ନକରନ୍ତି ତାହେଲେ ରାଜ୍ୟ ସଂଘର ଆହ୍ୱାନରେ ଗାନ୍ଧୀ ମାର୍ଗରେ, ଜୁଲାଇ ୧୭ତାରିଖରେ ଅନିଦ୍ଧିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲିବ ବୋଲି ରାଜ୍ୟ ସଂଘ ତରଫରୁ ସୂଚନା ଦିଆଯାଇଛି । ଏହି ବୈଠକରେ ପର୍ଯ୍ୟବେକ୍ଷକ ଭବେ ସମ୍ପାଦକ ଅଞ୍ଜନା ବାରିକ, ଶୁଶ୍ରୀ ସାମନ୍ତରା. ଅନିତା ଶତପଥି, ରଞ୍ଜିତା ସାହୁ, ଧରିତ୍ରୀ ପାତ୍ର, ସ୍ନେହ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ସର୍ବସାଧାରଣ ରାସ୍ତାକୁ ମୁକ୍ତ ପାଇଁ ପୁନର୍ବାର ଜିଲାପାଳଙ୍କ ଦ୍ୱାରସ୍ଥ

ଖୋର୍ଦ୍ଧା, ୧୪/୦୭ (ନି.ପ୍ର): ସଦର ଥାନା ଅନ୍ତର୍ଗତ ଛଡିପୁର ଗାଁରେ ଜନୈକ ବ୍ୟକ୍ତି ଗ୍ରାମର ସଡ଼କ ଓ ପାଇପ୍ ଲାଇନ ଖୋଳି ନିଜର ଘର ନିର୍ମାଣ କରୁଥିବା ନେଇ ଗାଁରେ ଅଶାନ୍ତି ସୃଷ୍ଟି ହୋଇଛି । ତେଣୁ ସର୍ବସାଧାରଣ ରାସ୍ତାକୁ ମୁଷ୍ଟିମେୟ ଲୋକଙ୍କ କବଜାରୁ ମୁକ୍ତ କରି ଯାତାୟାତ ପାଇଁ ସୁବ୍ୟବସ୍ଥା କରିବା ନେଇ ଗୁରୁବାର ଗ୍ରାମ୍ୟ ଶାନ୍ତି କମିଟି ଓ ମହାବୀର କ୍ଲବ ପକ୍ଷରୁ ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ଏକକିତା ନକଲ ଏସପି ଖୋର୍ଦ୍ଧା, ଏସପି କଟକ, ଡିଜି କଟକ,ଆଇଜି କଟକ, ଉପ ଜିଲ୍ଲାପାଳ ଖୋର୍ଦ୍ଧା, ତହସିଲଦାର ଖୋର୍ଦ୍ଧା ଓ ତହସିଲଦାର ଜଟଣୀଙ୍କୁ ପ୍ରେରିତ କରାଯାଇଛି । ପ୍ରକାଶ ଥାଉକିସଦର ଥାନା ଅନ୍ତର୍ଗତ ଛଡିପୁର ଗାଁରେ ଜନୈକ ବ୍ୟକ୍ତି ଗ୍ରାମର ସଡ଼କ ଓ ପାଇପ୍ ଲାଇନ ଖୋଳି ନିଜର ଘର ନିର୍ମାଣ କରୁଥିବା ନେଇ ଗାଁରେ ଅଶାନ୍ତି ସୃଷ୍ଟି ହୋଇଛି । ତେଣୁ ସର୍ବସାଧାରଣ ରାସ୍ତାକୁ ମୁଷ୍ଟିମେୟ ଲୋକଙ୍କ କବଜାରୁ ମୁକ୍ତ କରି ଯାତାୟାତ ପାଇଁ ସୁବ୍ୟବସ୍ଥା କରିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ପରେ ରାଜସ୍ୱ ବିଭାଗ ଓ ପୁଲିସ ଘଟଣାସ୍ଥଳର ଯାଂଚ କରିଥିଲେ ମଧ୍ୟ କେ ?ଣସି ପଦକ୍ଷେପ ନେଉନଥିବା ନେଇ ଗ୍ରାମର ଶାନ୍ତି କମିଟି ଅଭିଯୋଗ କରିଛି । ଗାଁ ଶାନ୍ତି କମିଟିର ସଭାପତି ପ୍ରଫୁଲ୍ଲ ପ୍ରଧାନଙ୍କ ଅଭିଯୋଗ ଅନୁସାରେ, ପ୍ଲଟ ନମ୍ବର ୮୨୬ରେ ସର୍ବସାଧାରଣ ରାସ୍ତା ରହିଛି । ଏହି ରାସ୍ତାକୁ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସିମେଂଟ୍ କରାଯିବା ସହ ଏହା କଡ଼ରେ ଗ୍ରାମ୍ୟ ଜଳ ଓ ପରିମଳ ମିଶନ ପକ୍ଷରୁ ପାଇପ୍ ଲାଇନ୍ ମଧ୍ୟ ବିଛାଯାଇଛି । କିନ୍ତୁ ଗାଁର ସୌମେନ୍ଦ୍ର ପାଇକରାୟ ନାମ ଜଣେ ବ୍ୟକ୍ତି ରାସ୍ତାକୁ ଖୋଳି ଗୃହ ନିର୍ମାଣ କରୁଛନ୍ତି । ଏନେଇ ଜୁନ୍ ୨୩ ତାରିଖରେ ଖୋର୍ଦ୍ଧା ତହସିଲଦାରଙ୍କୁ ଅଭିଯୋଗ କରାଯାଇଥିଲା । ସେ କିଛି ପଦକ୍ଷେପ ନନେବାରୁ ଜୁଲାଇ ୩ ତାରିଖରେ ଜିଲ୍ଲା ପ୍ରଶାସନର ମିଳିତ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଲିଖିତ ଅଭିଯୋଗ କରାଯାଇଥିଲା । ଏହାପରେ ରାଜସ୍ୱ ନିରୀକ୍ଷକ ଓ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ଓ ମାପଚୁପ ହେବା ଯାଏଁ ନିର୍ମାଣ ବନ୍ଦ ରଖିବାକୁ କହିଥିଲେ । କିନ୍ତୁ ଏହାକୁ ଖାତିର ନକରି ସଡ଼କ ଖୋଳି ଘର ନିର୍ମାଣ କରାଯାଉଛି । ଫଳରେ ସେହି ରାସ୍ତାରେ ଯାତାୟତ ବନ୍ଦ ହୋଇଯାଇଛି । ଆଜି ଗାଁଲୋକ ଏହି ନିର୍ମାଣର ପ୍ରତିବାଦ କରିଥିଲେ ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ସାମୟିକ ଉତେଜନା ସୃଷ୍ଟି ହୋଇଛି । ଏନେଇ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ବିଦିତା ନାୟକ କହିଛନ୍ତି ଯେ ତହସିଲଦାରଙ୍କଠାରେ ଅଭିଯୋଗ ହେବା ପରେ ସେମାନେ ଗାଁକୁ ଯାଇଥିଲେ । ଘର ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ପଟ୍ଟାରେ ଖୋଲା ହୋଇଥିବା ଜାଗା ସେହି ବ୍ୟକ୍ତିଙ୍କ ବୋଲି ଥିବା ବେଳେ ସ୍କେଚରେ କିନ୍ତୁ ଭିନ୍ନ ରହିଛି । ଗାଁ ଲୋକଙ୍କ ସହ ଆଲୋଚନା କରିବା ବେଳେ ସେମାନେ କହିଛନ୍ତି ଗାଁରେ ଏକ ସର୍ଭେ କରି ଯେଉଁମାନେ ସରକାରୀ ଜାଗା ମାଡ଼ି ବସିଛନ୍ତି ସେ ସବୁ ଭଙ୍ଗାଯାଉ ।

## ସଫଳ ପୋଟଳ ଚାଷୀ କମଳକାନ୍ତ

ବଲାଙ୍ଗିର, ୧୪/୦୭ (ନି.ପ୍ର): କୃଷି ଜଗତରେ ତରଙ୍ଗ ସୃଷ୍ଟି କରୁଥିବା ଜଣେ ଉତ୍ସାହୀ ଯୁବକ କୃଷକ କମଳକାନ୍ତ ପଟ୍ଟନାୟକ ଉଦ୍ୟାନ ବିଭାଗ ଅଧୀନରେ ତାଙ୍କର ଉତ୍ସର୍ଗୀକୃତତା ଏବଂ ତାଲିମ ସହିତ ସେ ମୁରିବାହାଲ୍ ଏଫଏମୟୁ ଅଧୀନରେ ଥିବା ଟେନ୍ତୁଲିଖୁଂଟି ଭିଏସଏସରେ ୧-୨ ଏକର ଜମିରେ ସଫଳତାର ସହ ପୋଟଳ ଚାଷ କରିଛନ୍ତି । ଏହି ଋତୁରେ, କମଳକାନ୍ତ ଗର୍ବର ସହିତ ଟିଟିଲାଗଡ ବଜାରରେ ଏବଂ ବେସରକାରୀ ବ୍ୟବସାୟୀଙ୍କ ପାଇଁ ଦୁଇ କ୍ୱିଂଟାଲ ପୋଟଳର ଏକ ଚମତ୍କାର ହାରାହାରି ମାର୍କେଟ କରିଥିଲା, ଯାହାର ମୂଲ୍ୟ ୪୦ ହଜାର ଟଙ୍କା ରୋଜଗାର କରିଥିଲେ । କେବଳ ସେତିକି ନୁହେଁ, ସେ ତାଙ୍କ ପୋଟଳ ଉଦ୍ୟାନ ସହିତ ବାଇଗଣ ଫସଲ ମଧ୍ୟ ପୋଷଣ କରିଥିଲେ । ଶ୍ରୀ କମଳକାନ୍ତଙ୍କ ଉଲ୍ଲେଖନୀୟ ସଫଳତା ଅନ୍ୟ ଚାଷୀଙ୍କ ପାଇଁ ଏକ ପ୍ରେରଣା ନିଶ୍ଚିତ । ଏହା ପ୍ରମାଣ କରେ ଯେ ସଠିକ୍ ଦକ୍ଷତା, ଉତ୍ସର୍ଗୀକୃତ ଏବଂ କଠିନ ପରିଶ୍ରମ ଦ୍ୱାରା କୃଷି କ୍ଷେତ୍ରରେ ସଫଳତା ସମ୍ଭବ ।

# ବିଜେପିର ମିଶ୍ରଣ ପର୍ବ: ଯୁବ ପ୍ରତାପୀ ସେନାର ପଚାଶ ଯୋଗ ଦେଲେ

ବଲାଙ୍ଗୀର, ୧୪/୦୭ (ନି.ପ୍ର): ବଲାଙ୍ଗୀର ସାର୍କିଟ୍ ହାଉସ୍ ଠାରେ ବଲାଙ୍ଗୀର ସାଂସଦ ଶ୍ରୀମତୀ ସଙ୍ଗିତା କୁମାରୀ ସିଂ ଦେଓଙ୍କ ଉପସ୍ଥିତି ରେ ଭାରତୀୟ ଜନତା ପାର୍ଟିର ଏକ ମିଶ୍ରଣ ପର୍ବ ଗତକାଲି ଅନୁଷ୍ଠିତ ହୋଇଯାଇଛି, ବଲାଙ୍ଗୀରର ବରିଷ୍ଠ ଭାଜ,ପା, ନେତ୍ରୀ ଶ୍ରୀମତୀ ପଙ୍କଜିନୀ ପଣ୍ଡାଙ୍କ ପ୍ରଚେଷ୍ଟାରେ "ଯୁବ ପ୍ରତାପୀ ସେନା"ର ଯୁବ ସଭାପତି ସାରାଂଶ ସାହୁ ତଥା ତାଙ୍କର ନେତୃତ୍ୱାଧୀନ ୫୦ ଜଣ ସଦସ୍ୟ ବିଜେପି ରେ ଯୋଗଦାନ କରିଛନ୍ତି । ନିଜେ ଶ୍ରୀମତୀ ସିଂ ଦେଓ ପ୍ରତ୍ୟେକ ଯୁବକଙ୍କୁ ବିଜେପି ଉତରୀୟ କାନ୍ଧରେ ପକାଇ ସ୍ୱାଗତ କରିଛନ୍ତି, ଶ୍ରୀମତୀ ପଣ୍ଡା ତାଙ୍କର ସ୍ୱାଗତ ଭାଷଣରେ କହିଲେ ଯେ 'ଆଜିର ଯୁବପିଢୀ ଭାରତୀୟ ଜନତା ପାର୍ଟି ତଥା ମୋଦି ଜୀଙ୍କର ନିତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି, ସାଂସଦ ଶ୍ରୀମତୀ ସିଂ ଦେଓ ପିଲାମାନଙ୍କୁ ପ୍ରୋତ୍ସାହନ ଦେଇ କହିଲେ ଯେ' ପାର୍ଟିକୁ ଆଗକୁ ନେବାକୁ ହେଲେ ତଥା ମୋଦି ଜୀଙ୍କୁ ଆଉଥରେ ପ୍ରଧାନମନ୍ତ୍ରୀ ଆସନରେ ବସିବାକୁ ହେଲେ ଆମକୁ ନିଷ୍ଠାର ସହିତ ଅ କ୍ଲାନ୍ତ ପରିଶ୍ରମ କରି ସଙ୍ଗଠନ କୁ ମଜବୁତ କରିବାକୁ ପଡ଼ିବ,'ଶ୍ରୀମତୀ ପଙ୍କଜିନୀ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଦିନେଶ ଶର୍ମା ତଥା ଯୁବମୋର୍ଚ୍ଚା ର ଧର୍ମେନ୍ଦ୍ର ଅଗ୍ରୱାଲ ସହଯୋଗ କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ଲଳିତ ଶର୍ମା, ସୌଦାମିନୀ ମିଶ୍ର,ସଶ୍ମିତା ବେହେରା, ଗାୟତ୍ରୀ ଦାସ,ଧନମତୀ ସାହୁ ପ୍ରମୁଖ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଚମ୍ପୁଆ ପୋଲିସର ସଫଳତା : ଗିରଫ ହେଲେ ମୋବାଇଲ ଚୋର

ଚମ୍ପୁଆ, ୧୪/୦୭ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଠାରେ ଥିବା ସାମଲ ମୋବାଇଲ ନାମକ ମୋବାଇଲ ଦୋକାନରୁ ହୋଇଥିବା ଚୋରି ମାମଲାରେ ଚମ୍ପୁଆ ପୋଲିସକୁ ଏକ ବଡ ସଫଳତା ମିଳିଛି । ପୋଲିସ ଚତୁରତାର ସହ ଜାଲ ବିଛାଇ ୬ ଜଣ ଚୋରଙ୍କୁ ଗିରଫ କରିବା ସହ ୧୪ଟି ମୋବାଇଲ ଜବତ କରିଥିବା ତଦନ୍ତକାରୀ ଅଫିସର ସନ୍ତୋଷ କୁମାର ନାଏକ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଗତ ମାସ ୨୬ ତାରିଖ ରେ ରିମୁଳି ଗ୍ରାମରେ ଥିବା ସାମଲ ମୋବାଇଲ ନାମକ ମୋବାଇଲ ଦୋକାନର ଆଜବେଷ୍ଟସ ଛାତ ଭାଙ୍ଗି ଚୋରମାନେ ପାଖାପଖି ୪୪ ଟି ଦାମୀ ମୋବାଇଲ ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଚୋରି କରି ନେଇଥିଲେ । ଏ ନେଇ ଦୋକାନର ମାଲିକ ଅମିୟ ରଞ୍ଜନ ସାମଲ ପୋଲିସ ନିକଟରେ ଅଭିଯୋଗ କରିବାରୁ ପୋଲିସ ତତ୍ପର ହୋଇ ତଦନ୍ତ ଆରମ୍ଭ କରିଥିଲେ । ବିଭିନ୍ନ ସୂତ୍ରରୁ ଖବର ପାଇବା ସହ ଚୋରି ହୋଇଯାଇଥିବା ମୋବାଇଲର ଇଏମଇଆଇ ନମ୍ବରକୁ ଟ୍ରାକ କରିବା ପରେ ଚମ୍ପୁଆ ପୋଲିସ ଚୋରି ମୋବାଇଲ କୁ କିଣିଥିବା ତେଲକୋଇ ନିକଟବର୍ତ୍ତୀ ବେଣାମୁଣ୍ଡା ଓ ପୁରୁଯୋଡା ଅଂଚଳର ନିରଞ୍ଜନ ବେହେରା, ଭାଗବତ ଦଣ୍ଡପାଟ, କୋମଳ ଲୋଚନ ଗିରି, ପୁଷ୍ପଲତା ଗିରି ଓ ଅନିଲ କୁମାର କୁ ଗିରଫ କରିବା ପରେ ମୁଖ୍ୟ ଆସାମୀ କୁହାଯାଉଥିବା ରିମୁଳି ଗ୍ରାମର ସୁଜିତ କୁମାର ବୈଦ୍ୟ କୁ ଗିରଫ କରିଥିବା ଜଣାପଡିଛି ।

## ଖାଉଟିଙ୍କ ପକେଟ ଲୁଟୁଛି ପରିବାର ଆଉ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ପରିବା ଅତ୍ୟାବଶକୀୟ ସାମଗ୍ରୀ ଅନ୍ତର୍ଭୁକ୍ତ ହେଉନଥିବାରୁ ବ୍ୟବସାୟୀଙ୍କ ପାଇଁ ଏହା ଲାଭପ୍ରଦ ହେଉଛି। ଓଡ଼ିଶାର ଉତ୍ପାଦନ ଓ ବଜାର ଦରଦାମର କ୍ଷେତ୍ର ଯାହା ଓଡ଼ିଶା ପନିପରିବା ପାଇଁ ପାଖାପାଖି ଆଠମାସ ବହାର ରାଜ୍ୟ ଉପରେ ନିର୍ଭର କରେ। ଆଳୁ ପିଆଜ ପାଇଁ ମହାରାଷ୍ଟ୍ର ନାସିକ କେବଳ ଟମାଟୋ ନୁହେଁ ଝୁଡ଼ଙ୍ଗ, ପୋଟଳ, କଲରା, ଫୁଲକୋବି, ବନ୍ଧାକୋବି, କ୍ୟାପସିକମ ପାଇଁ ଆମ ରାଜ୍ୟ ଆନ୍ଧ୍ର, ଝାରଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଏପରିକି ଗୁଜୁରାଟ ଉପରେ ନିର୍ଭରଶୀଳ। ଓଡ଼ିଶାରେ ଖରିଫରେ ଧାନ ବେଶୀ ଉତ୍ପାଦନ ହେଉଥିବାବେଳେ ପରିବା ଉତ୍ପାଦନ ଡ୍ରିପ ଜମିରେ ହୋଇଥାଏ। ଉତ୍ପାଦନ ବେଶୀ ନଥିବାରୁ ଚାହିଦା ଓ ଯୋଗଣ ଭିତରେ ବଡ଼ ପାର୍ଥକ୍ୟ ରହିଥାଏ। ରାଜ୍ୟ ଅଧିକାଂଶ ସମୟ ବାହାର ରାଜ୍ୟର ପରିବାର ବଜାର ଉପରେ ନିର୍ଭରଶୀଳ ରହୁଥିବାରୁ ଓ ବର୍ତ୍ତମାନ ଉତ୍ପାଦିତ ପ୍ରଭାବିତ ଥିବାରୁ କିଛି ସମୟ ଦର ଚଢ଼ା ରହିବ ଏବଂ ଆଗାମୀ କିଛି ସପ୍ତାହ ପରେ ନୂଆ ଫସଲ ଆସିବା ପର୍ଯ୍ୟନ୍ତ ଦର ଆହୁରି ବଢ଼ିବ। ସେହିପରି ଆମ୍ଭମାନଙ୍କ ଭିତରେ ବାରି ବଗିଚାରେ କିଛି ନିହାତି ଉତ୍ପାଦିତ କରିପାରୁଥିବା କଞ୍ଚା ଲଙ୍କାଟିଏ ହେଉ ବା ଜହ୍ନି ବୁଦାଏ, ବାଇଗଣ ହେଉ ବା ବିଲାତି ବାଇଗଣ ଏପରିକି ଶାଗ ପଟାଳିଟି କରିବାର ଆଗ୍ରହ ବା ଶ୍ରଦ୍ଧା କିଛି ମାନସିକତା ଆମ ମାନଙ୍କ ଭିତରେ ବି ନାହିଁ। ଏସବୁର ପରାଭବ ଆମ୍ଭମାନଙ୍କୁ ଭୋଗିବାକୁ ପଡ଼ିବ ନିଶ୍ଚୟ। ଆଦବ କାଇଦା ଓ ବାବୁଭାୟା ଜୀବନ ବିତାଇ ନିଜର ଜାଗା ଖଣ୍ଡେ ଥାଇ ମଧ ଯଦି ଆମେ ସର୍ବନିମ୍ନ ବାରିରେ ପନିପରିବା ଗଛଟିଏ ଉଧାଇ ପାରିବା ନାହିଁ ତାହାହେଲେ ଆମେ ପରିବା ବେପାରୀଙ୍କ ଚଢ଼ା ମୂଲ୍ୟକୁ ମୁଣ୍ଡପାତି ସହିବାକୁ ବାଧ ହେବା ନିଶ୍ଚୟ। ପ୍ରଶାସନର ମଧ ବଜାର ଦରକୁ ନିର୍ଦ୍ଦିଷ୍ଟ ଲଗାମ ଲଗାଇବା ପାଇଁ ଆଇନ ଥିଲେ ବି ସେମାନେ ହାତ ଟେକିଦେବା ପାଇଁ ବାଧ ହେଉଛନ୍ତି। ତେଣୁ ଏ କ୍ଷେତ୍ରରେ ବଡ଼ ଚିନ୍ତା କରିବାର ସମୟ ଆସିଛି କାରଣ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ସର୍ବଭାରତୀୟ ସ୍ତରରେ ପରିଚିତ ଓ ଉତ୍କୃଷ୍ଟ ଚାଷ ପାଇଁ ଅନେକ ବର୍ଷ ଧରି କେନ୍ଦ୍ର ସରକାରଙ୍କ ଠାରୁ ଓଡ଼ିଶା ରାଜ୍ୟ ଶ୍ରେଷ୍ଠ କୃଷି କର୍ମଣ ପୁରସ୍କାର ମଧ ପାଉଛି। ତେବେ ବର୍ତ୍ତମାନର ବଜାରର ଚଢ଼ା ମୂଲ୍ୟ ଆମ ସମସ୍ତଙ୍କ ପାଇଁ କେବଳ ଅର୍ଥନୀତିର ବିଚାର ନୁହେଁ, ନିଜ ବାରିଘରେ କିଛି ଗୋଟିଏ ପନିପରିବା ଗଛ ନଲଗାଇବା କ'ଣ ପାଇଁ? ଏହି ବିଚାରକୁ ଟିକେ ନିଜ ଭିତରକୁ ଗ୍ରହଣ କଲେ ଅନେକ ଉତ୍ତର ଆମେ ପାଇଯିବା।

ଆବାହକ, ଶ୍ରୀ ସତ୍ୟସାଇ ସେବା ସମିତି, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୯୩୭୪୭୦୯୮୦

## ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବ୍ଲକ ଘେରାଉ

ବାସୁଦେବପୁର, ୧୪/୦୭ (ନି.ପ୍ର): ବାସୁଦେବପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆଜି ବାସୁଦେବପୁର ବଜାର ରେ ଏକ ବିରାଟ ବଡ଼ ଶୋଭାଯାତ୍ରା କରାଯାଇଥିଲା । ଏଥି ସହିତ କାର୍ଯ୍ୟାଳୟ ରେ ଉପୁଜିଥିବା ବିଭିନ୍ନ ଅନିୟମିତତା ସମ୍ବନ୍ଧରେ ବିଡ଼ିଓଙ୍କ ଜରିଆରେ ଜିଲ୍ଲାପାଳ ମହୋଦୟ ଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଅଶୋକ




ବିଭିନ୍ନ ସମସ୍ୟା ସମ୍ପର୍କରେ ବ୍ଲକ ଘେରାଉ କରାଯାଇଥିଲା । ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ଦୁର୍ନୀତି, ବ୍ଲକ କାର୍ଯ୍ୟାଳୟ ରେ ତିନି ବର୍ଷ ରୁ ଉର୍ଦ୍ଧ ରହିଥିବା ସରକାରୀ କର୍ମଚାରୀ ଙ୍କୁ ତୁରନ୍ତ ବଦଳି କରାଯିବା ଉଚିତ, ଗରିବ ହିତାଧିକାରୀଙ୍କ ରେସନ କାର୍ଡରେ ଦୁର୍ନୀତି ପ୍ରଭୃତି ଅନେକ ଦୁର୍ନୀତି ଏହି ବିଜେଡି ସରକାର ରେ ବଢ଼ି ଚାଲିଛି । ବିଶେଷ କରି ବ୍ଲକ ଦାସ, ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ବଳ, ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ବିଜୟ ମହାନ୍ତି, ଆଦିତ୍ୟ ଗିରି, ପ୍ରଭାତ ବାରିକ, ମନୋରଞ୍ଜନ ପାଢ଼ୀ, ଗୌରାଙ୍ଗ ପଣ୍ଡା, ସୁବାସ ସନ୍ଧି ବିଗ୍ରହ, ମଞ୍ଜୁଲତା ପଣ୍ଡା, ସୁବ୍ରତ ବେହୁରା, ସୁଶାନ୍ତ ମହାକୁଡ଼, ସିଦ୍ଧାନ୍ତ ଦାସ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ଙ୍କ କାର୍ଯ୍ୟ କଳାପ କୁ ସମାଲୋଚନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଚନ୍ଦ୍ରଯାନ -୩ ମିଶନ....

ଚନ୍ଦ୍ରଯାନ-୨ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିବା ବଦଳରେ କ୍ରାସ୍ ଲ୍ୟାଣ୍ଡିଂ କରିଥିଲା । ଆଜି ଉତକ୍ଷେପଣ ହେବାକୁ ଥିବା ଚନ୍ଦ୍ରଯାନ-୩ର ଲ୍ୟାଣ୍ଡରରେ ଅନେକ ଗୁଡ଼ିଏ ପରିବର୍ତ୍ତନର କରାଯାଇଛି । ଲ୍ୟାଣ୍ଡରର ଡିଜାଇନ ଅଧିକ ବିକଶିତ କରାଯାଇଛି। ବିଶେଷ କରି ଲ୍ୟାଣ୍ଡିଂ ଅଞ୍ଚଳ, ଇଲେକ୍ଟ୍ରୋନିକ୍ସ ସରଞ୍ଜାମ, ସେନସେର୍, ଭେଲୋସିଟିକୁ ମଧ ବିଶେଷ ଭାବେ ଧ୍ୟାନରେ ରଖି ପ୍ରସ୍ତୁତି କରାଯାଇଛି । ଚନ୍ଦ୍ରଯାନ-୩ ଉତକ୍ଷେପଣ ହେବା ପରେ ମହାକାଶରେ ପୂରା ପ୍ରକ୍ରିୟା ୪୨ ଦିନ ଧରି ଚାଲିବ। ଚନ୍ଦ୍ରାୟନ-୩ରେ ରହିଛି ୩ଟି ମଡ୍ୟୁଲ୍- ପ୍ରୋପଲସନ୍ , ଲ୍ୟାଣ୍ଡର ଏବଂ ରୋଭର୍ । ପ୍ରୋପଲସନ୍ ମଡ୍ୟୁଲ ଅନୁଯାୟୀ ଚନ୍ଦ୍ର ପୃଷ୍ଠରୁ ୧୦୦କିମି ଦୂର କକ୍ଷପଥରେ ଅବସ୍ଥାପିତ ହେବ ଚନ୍ଦ୍ରାୟନ-୩ । ଏହାପରେ ଅଗଷ୍ଟ ୨୩ କିମ୍ବା ୨୪ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଓହ୍ଲାଇବ ଲ୍ୟାଣ୍ଡର । ମିଶନ ସଫଳ ହେଲେ ଏହା କରିବାରେ ଭାରତ ପାଲଟିବ ବିଶ୍ୱର ଚତୁର୍ଥ ଦେଶ । କାରଣ ଏହା ପୂର୍ବରୁ ଆମେରିକା , ରୁଷ୍ ଏବଂ ଚୀନ୍ ପାଇଥିଲା ସଫଳତା। ତେବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଓହ୍ଲାଇବାରେ ଭାରତ ହେବ ପ୍ରଥମ ଦେଶ । ଯେଉଁଠି ବରଫର ସନ୍ଧାନ ମିଳିଛି । ଏଠାରେ କେତେ ପରିମାଣର ଜଳ ରହିଛି, ତାର ପରୀକ୍ଷା କରିବ ଚନ୍ଦ୍ରଯାନ ।

### ରାଜଧାନୀରୁ ନିଖୋଜ....

ନମ୍ବରରୁ ଫୋନ୍ ଆସିଥିଲା। ୩ ଲକ୍ଷ ଟଙ୍କା ଦେଇ ପୁଅକୁ ନେଇଯିବାକୁ କୁହାଯାଇଥିଲା। ଏହି ବିଷୟରେ ଯୋଗେଶଙ୍କ ପିତାମାତା ମୈତ୍ରୀବିହାର ଥାନାରେ ଜଣାଇଥିଲେ। ଗତକାଲି ମଧ ଯୋଗେଶଙ୍କ ବାପା ମା' ମୈତ୍ରୀବିହାର ଥାନା ଆଗରେ ଧାରଣା ଦେଇଥିଲେ। ତେବେ ଆଜି ଜେନାପୁର ରେଲୱେ ଷ୍ଟେସନ ନିକଟରୁ ଯୋଗେଶଙ୍କୁ ଉଦ୍ଧାର କରିଛି ପୋଲିସ। ଯୋଗେଶଙ୍କୁ କିଏ ଅପହରଣ କରିଥିଲା, ନା ଏହା ପଛରେ ଆଉ କିଛି କାରଣ ଅଛି ତାହା ଜଣାପଡ଼ି ନାହିଁ।

### ନବ ଦାସଙ୍କ ହତ୍ୟାର....

ସମର୍ଥକଙ୍କ ସହ ଝଗଡ଼ା ହୋଇଥିଲା ବୋଲି ଚାର୍ଜସିଟରେ ଉଲ୍ଲେଖ ରହିଛି। ଫଳରେ ଗୋପାଳ ନିଜ ଭାଇ ସହିତ ସମଲେଶ୍ୱରୀ ମନ୍ଦିର ଯାଇଥିଲା ଓ ସଂକଳ୍ପ କରିଥିଲା ନବ ଦାସଙ୍କୁ ମାରିବା ପାଇଁ। କିନ୍ତୁ ବଡ଼ ଭାଇଙ୍କୁ କଣ ଜେରା କରାଗଲା ତାହାର ଚାର୍ଜସିଟରେ ଉଲ୍ଲେଖ ନାହିଁ। ପାଇଖାନା ଟାଙ୍କିରୁ ବାହାରିଥିବା ୩୦ ପୃଷ୍ଠା ପେପରରେ ଲେଖାଯାଇଥିବା ଅକ୍ଷର ସ୍ୱଷ୍ଟ ଦୃଶ୍ୟମାନ ଥିଲା ନା ନାହିଁ ସେ ବିଷୟରେ ଚାର୍ଜସିଟରେ କାହିଁକି ଉଲ୍ଲେଖ ନାହିଁ ବୋଲି ସୁରେଶ ପ୍ରଶ୍ନ କରିଛନ୍ତି।

### ୫ ଦିନ ଧରି ....

ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରବିବାର ଅର୍ଥାତ ୧୬ ତାରିଖରେ ବରଗଡ଼, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ବୌଦ୍ଧ, ଢେଙ୍କାନାଳ, ଯାଜପୁର, କଟକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର ଅର୍ଥାତ ୧୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଅନୁଗୋଳ, ବରଗଡ଼, ସମ୍ବଲପୁର, ଦେବଗଡ଼,ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ଅର୍ଥାତ ୧୮ ତାରିଖରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର ଅର୍ଥାତ ୧୯ ତାରିଖରେ ବରଗଡ଼, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୧ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ପାଟଣାରେ ପୋଲିସର....

ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ଏହି କମିଟିର ସଂଯୋଜକ କରାଯାଇଛି । ଏହି ଯାଂଚ୍ କମିଟିରେ ସାଂସଦ ମନୋଜ ତିୱାରୀ, ସାଂସଦ ବିଷ୍ଣୁ ଦୟାଲ ରାମ ଏବଂ ସାଂସଦ ସୁନିତା ଦୁଗଲ ସାମିଲ୍ ଅଛନ୍ତି । ଏହି ଯାଂଚ୍ କମିଟି ଘଟଣାସ୍ଥଳ ପରିଦର୍ଶନ କରିବ ଏବଂ ଏ ସମ୍ପର୍କିତ ନିଜର ରିପୋର୍ଟ ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କୁ ପ୍ରଦାନ କରିବ ।

## ତମାଖୁ ନିୟନ୍ତ୍ରଣ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ




ଭଦ୍ରକ , ୧୪/୦୭ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନେଇ ଭଦ୍ରକ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ କମିଟିର ଅଧକ୍ଷ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧକ୍ଷତା କରି ଜିଲ୍ଲାରେ ତମାଖୁ ନିୟନ୍ତ୍ରଣ ଆଇନ୍ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର ସମୀକ୍ଷା କରିଥିଲେ। ବିଶେଷ କରି ଗ୍ରାମାଞ୍ଚଳରେ ଅଧିକ ଶାରୀରିକ ଶ୍ରମ କରୁଥିବା ଋଷୀ, ମୂଲିଆ, ଶ୍ରମିକ, ଗରିବ ଆଦିବାସୀ ଶ୍ରେଣୀ ଲୋକ ଅସଚେତନତା କାରଣରୁ ତମାଖୁ ଜାତୀୟ ବିଭିନ୍ନ ଦ୍ରବ୍ୟ ସେବନ କରୁଥିବାର ସାଧାରଣ ଭାବେ ଦେଖାଯାଇଥାଏ। ତେଣୁ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ସରପଞ୍ଚ, ଅନ୍ୟ ଜନ ପ୍ରତିନିଧି ଓ ଗ୍ରାମବାସୀ ମାନଙ୍କୁ ନେଇ ତମାଖୁ ସେବନର ଅପକାରୀତା ବିଷୟରେ ସଚେତନତା କାର୍ଯ୍ୟକ୍ରମ ପାଇଁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ଛାତ୍ର ଓ ଯୁବ ସମାଜ ମଧରେ ଏହି ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ସ୍କୁଲ ଓ କଲେଜ ମାନଙ୍କରେ ପ୍ରଶାସନ ତଥା ପ୍ରଶାସନର ଅନୁମତି ନେଇ ଆଗ୍ରହୀ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ ପାଇଁ ମଧ ସେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କୋଟ୍‌ପା ଆଇନ୍ ୨୦୦୩ର କାର୍ଯ୍ୟାନ୍ୱୟନ ନେଇ ଜିଲ୍ଲାରେ ଋଲୁ ରହିଥିବା ଧରପଗଡ଼ କାର୍ଯ୍ୟକ୍ରମ ଅଧିକ ବ୍ୟାପକ ଓ ସକ୍ରିୟ କରିବା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ତମାଖୁ ମୁକ୍ତ ବିଦ୍ୟାଳୟ, ତମାଖୁ ମୁକ୍ତ ଗ୍ରାମ ସମ୍ବନ୍ଧରେ ମଧ ଆଲୋଚନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସଂଯୋଜକ ଭାବେ କାର୍ଯ୍ୟକରୁଥିବା ଅଣ ସଂକ୍ରାମକ ରୋଗର ସହକାରୀ ପରିଋଳକ ଦୀପକ କୁମାର ରାଉତ ତମାଖୁ ସେବନର କୁପ୍ରଭାବ ଓ ଜିଲ୍ଲାରେ ଋଲୁ ରହିଥିବା ତମାଖୁ ନିୟନ୍ତ୍ରଣ କାର୍ଯ୍ୟସୂଚୀ, ଧାର୍ଯ୍ୟଲକ୍ଷ୍ୟ, ସଫଳତା ଆଦି ସମ୍ବନ୍ଧରେ ଏକ ଉପସ୍ଥାପନ ରଖିଥିଲେ। ସୂଚନା ଯୋଗ୍ୟଯେ ତମାଖୁ ଯୋଗୁଁ ପୃଥିବୀରେ ପ୍ରତିବର୍ଷ ୫୦ ଲକ୍ଷରୁ ଅଧିକ ଭାରତରେ ୧୩ ଲକ୍ଷରୁ ଅଧିକ ଲୋକ ମୃତ୍ୟୁ ବରଣ କରୁଛନ୍ତି। ଯୁବମାନଙ୍କ ଦ୍ୱାରା ତମାଖୁ ସେବନରେ ସାରା ବିଶ୍ୱର ସର୍ଭେ ଅନୁଯାୟୀ ଭାରତରେ ୪୮% ପୁରୁଷ ଓ ୨୨.୩% ମହିଳା ଭାରତରେ ତମାଖୁ ବ୍ୟବହାର କରୁଛନ୍ତି। ୫୫୦୦ ଯୁବ ପ୍ରତିଦିନ ତମାଖୁ ବ୍ୟବହାର ଆରମ୍ଭ କରୁଛନ୍ତି। ସାଧାରଣତଃ ଧୂମହୀନ ତମାଖୁ ଭାବେ ଖଇନି, ଗୁଟୁଖା, ପାନରେ ତମାଖୁ ଏବଂ ଜର୍ଦ୍ଦା ଏବଂ ଧୂମଯୁକ୍ତ ତମାଖୁ ଭାବେ ବିଡ଼ି, ସିଗାରେଟ, ହୁକ୍କା ବ୍ୟବହାର କରାଯାଉଛି। ପ୍ରକାଶ ଯୋଗ୍ୟକି ଧୂମଯୁକ୍ତ ତମାଖୁ ଦ୍ରବ୍ୟରେ ଥିବା ୭୦୦୦ ରାସାୟନିକ ଉପାଦାନ ମଧରୁ ୬୯ଟି, ଧୂମହୀନ ତମାଖୁରେ ଥିବା ୩୦୦୦ ଉପାଦାନରୁ ୨୮ଟି କ୍ୟାନସରର କାରଣ ଅଟେ। ଧୂମପାନ ସମୟରେ ସେଥିରେ ଥିବା ନିକୋଟିନ୍ ମାତ୍ର ୭ ସେକେଣ୍ଡରେ ମସ୍ତିଷ୍କରେ ପହଞ୍ଚିଥାଏ। ଶିକ୍ଷାନୁଷ୍ଠାନର ୧୦୦ ଗଜ ଭିତରେ ତମାଖୁ ପଦାର୍ଥ ବିକ୍ରୟ ନିଷେଦ୍ଧ, ସର୍ବସାଧାରଣ ସ୍ଥାନରେ ଧୂମପାନ ପାଇଁ ଜୋରିମାନା ଆଦି ବିଷୟରେ ମଧ ଆଲୋଚନା କରାଯାଇଥିଲା। ତମାଖୁ ସେବନର ଅପକାରୀତା ନେଇ ସଚେତନତା ଉଦ୍ଦେଶ୍ୟରେ ତମାଖୁ ନିରୋଧୀ କାର୍ଯ୍ୟକ୍ରମର ସ୍ୱେଚ୍ଛାସେବକ ମହମ୍ମଦ ଇବ୍ରାହିମ୍ ଅଲ୍ଲୀଙ୍କ ଦ୍ୱାରା ଉଚିତ ଏକ ଛୋଟ କବିତା ପୁସ୍ତକ ବୈଠକରେ ବିତରଣ କରାଯାଇଥିଲା। ୨୦୨୨-୨୩ ବର୍ଷରେ କୋଟ୍‌ପା ଚଢ଼ଉରେ ଧାର୍ଯ୍ୟଲକ୍ଷ୍ୟ ଥିବା ୨୪ଟିରୁ ୨୪ଟି ଚଢ଼ଉ କରାଯାଇ ସମୁଦାୟ ୩୧୬ ଦୋକାନୀଙ୍କ ଠାରୁ ୬୦, ୪୫୦ ଟଙ୍କା ଜୋରିମାନା ବାବଦ ଆଦାୟ କରାଯାଇଥିଲା। ସ୍କୁଲ, କଲେଜ, ସ୍କୁଲ ଶିକ୍ଷକ, ସରପଞ୍ଚ ଆଦି ମାନଙ୍କ ଉଦ୍ଦେଶ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ସଚେତନତା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲା।

ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ଏବଂ ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସହିତ ଡା. ଭାରତୀ ସାହୁ, ଡା ଜୟନ୍ତ ପଣ୍ଡା, ଡ଼ି.ପି.ଏମ୍. ସରିତା ମହାପାତ୍ର ପ୍ରମୁଖଙ୍କ ସହ ସଂପୃକ୍ତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସର୍ବୋଦୟ, ସମାଜର କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ଉଦଣ୍ଡୀ ସୀତା ନାଁକୁ ନେଇ ନୂଆ କାହାଣୀରେ ନିର୍ମିତ ନୂଆ ଚଳଚ୍ଚିତ୍ର 'ଉଦଣ୍ଡୀ ସୀତା'



ଭୁବନେଶ୍ୱର, ୧୪/୦୭ (ନି.ପ୍ର): ଭୁବନେଶ୍ୱରର ସଦାସର୍ବଦା ଚଞ୍ଚଳ ଅଞ୍ଚଳ ଦୁଇ ନମ୍ବର ମାର୍କେଟ ବିଲଡିଂଠାରେ ନୂଆ ଓଡ଼ିଆ ଚଳଚ୍ଚିତ୍ର ଉଦଣ୍ଡୀ ସୀତା ର ଟ୍ରେଲର ରିଲିଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚଳଚ୍ଚିତ୍ର ଉଦଣ୍ଡୀ ସୀତା ର କାହାଣୀ ରଚନା, ପ୍ରଯୋଜନା ତଥା ନିର୍ଦ୍ଦେଶନା ଦେଇଥିବା ଯୁବ ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ, ସଂଳାପକାର ଡ଼କ୍ଟର ରଜନୀ ରଞ୍ଜନ, ଅଭିନେତ୍ରୀ ଦେବଯାନୀ, ଅଭିନେତା ସୁଭାଶିଷ, ଡେଲିଭରୀ ବୟ ର ପ୍ରଯୋଜକ ଜ୍ୟୋତିରଞ୍ଜନ ମହାନ୍ତି,କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ,ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ, ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ଜୀବନୀ ଓ ସଂଘର୍ଷ ଉପରେ ଏ କାହାଣୀ ଆଧାରିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଉଦଣ୍ଡୀ ସୀତା' । ଚାଷୀ ଆତ୍ମହତ୍ୟା ଓ ରାଜନୀତି ର ସମ୍ପର୍କ କୁ ବଖାଣିବାର ପ୍ରୟାସ କରିଛି ଏ କାହାଣୀ । ସିନେମାର କାହାଣୀ ରଚନା, ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ । ସଂଳାପ ଲେଖିଛନ୍ତି ଡ଼କ୍ଟର ରଜନୀ ରଞ୍ଜନ। ସଂଗୀତ ର ଭାର ଯାପାନୀ କାନ୍ଧେଇଥିବା ବେଳେ ଗୀତ ଲେଖିଛନ୍ତି ତପୁ ନାୟକ । ଗୀତ ଗୁଡ଼ିକ ଗାଇଛନ୍ତି ହ୍ୟୁମାନ ସାଗର, ଜ୍ୟୋତିର୍ମୟୀ ଓ ଋତୁରାଜ ମହାନ୍ତି । ଚିତ୍ରତ୍ତୋଳନ ଦାୟିତ୍ୱ ଅକ୍ଷୟ କୁମାର ନାୟକ ନେଇଛନ୍ତି ଓ ସଂପାଦନା ମାନସ କୁମାର ସାହୁ ନେଇଛନ୍ତି। ସୀତା ଭୂମିକା ରେ ଦେବଯାନୀ ଅଛନ୍ତି, ମୁଖ୍ୟମନ୍ତ୍ରୀ ଭୂମିକା ରେ ସମରେଶ ରାଉତରାୟ, ଅନ୍ୟତମ ନେତା ଭୂମିକାରେ ସ୍ୱର୍ଗତ ପିଣ୍ଟୁ ନନ୍ଦ ରହିଛନ୍ତି । ସରପଞ୍ଚ ଭୂମିକା ରେ ଇଲୁ ବାନାର୍ଜୀ ଓ ଅନ୍ୟାନ୍ୟ ଭୂମିକା ରେ ଶକ୍ତି ବରାଳ, ଅଙ୍କିତ, ଭବାନୀ, ଗୁଡୁ ତୃପ୍ତି ସିଂହା, ଶୁବାଶିଷ, ଚୌଧୁରୀ ବିକାଶ ଦାସ, ମିଳନ ଜୟସିଂହ, ଦେବସୂର୍ଯ୍ୟ ନାୟକ, ସୁଶାନ୍ତ ଦାଶ ମହାପାତ୍ର, ଶ୍ରୀକାନ୍ତ ଓ ମଣ୍ଟୁ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ର ବିଜିଏମ ନବ ଏବଂ ସରୋଜ କରିଛନ୍ତି । ଟ୍ରେଲର ରିଲିଜ ପର୍ବ କୁ ଉପସ୍ଥାପନା କରିଥିଲେ ଆରଜେ ଗୁଡ୍ଡୀ । ଚଳଚ୍ଚିତ୍ର ଉଦଣ୍ଡୀ ସୀତା ର ପବ୍ଲିସିଟି ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ।

## ମାଫିଆ ସୋମନାଥ ଭୁଜବଳ ହତ୍ୟାକାଣ୍ଡ : ମୁଖ୍ୟ ଅଭିଯୁକ୍ତ ସମେତ ୬ ଗିରଫ

### ୪ ପିସ୍ତଲ, ୧୧ ଜୀବନ୍ତ ଗୁଳି, ମୋବାଇଲ ଜବତ

ଖୋର୍ଦ୍ଧା, ୧୪/୦୭ (ନି.ପ୍ର): ଡ୍ରଗ ମାଫିଆ ସୋମନାଥ ଭୁଜବଳ ଓରଫ ପାକୁ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ଖୋର୍ଦ୍ଧା ପୋଲିସ । ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଭାଲିଆବାଡିର ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ ସମେତ ୬ ଜଣଙ୍କୁ ଗିରଫ କରିଛି ଟାଉନ ଥାନା ପୋଲିସ। ଅଭିଯୁକ୍ତଙ୍କ ଠାରୁ ୪ ପିସ୍ତଲ, ୧୧ ଜୀବନ୍ତ ଗୁଳି, ୧୦ମୋବାଇଲ ଏବଂ ୬ ଟି ଗାଡ଼ି ଜବତ ହୋଇଛି। ପୂର୍ବ ବ୍ୟବସାୟିକ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିଲା। ଆଜି ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସିଦ୍ଧାର୍ଥ କଟରିଆ ସୂଚନା ଦେଇଛନ୍ତି । ଏହି ହତ୍ୟାକାଣ୍ଡରେ ପୂର୍ବରୁ ଦୁଇ ଜଣଙ୍କୁ ଗିରଫ କରିଥିଲା। ଏଥିରେ ଅନ୍ୟ କେଉଁ ମାନଙ୍କ ସଂପୃକ୍ତି ରହିଛି ତାହାର ମଧ ତଦନ୍ତ ଜାରି ରହିଛି। ପାକୁ ଓ ସଞ୍ଜୁ ମଧରେ ପୂର୍ବରୁ ଶତ୍ରୁତା ରହିଥିଲା। ପାକୁକୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ଲାଗି ଦୀର୍ଘ ଦିନ ହେବ ଷଡ଼ଯନ୍ତ୍ର କରିଥିଲା ସଞ୍ଜୁ। ତେବେ ପୂର୍ବରୁ ଥରେ ହତ୍ୟା ଯୋଜନା କରି ବିଫଳ ହୋଇଥିଲା। ଏନେଇ ସେ ଖୋର୍ଦ୍ଧା, ପୁରୀ ଓ ନୟାଗଡରେ ରହୁଥିବା ସହଯୋଗୀଙ୍କ ସହ ଆଲୋଚନା କରିଥିଲା। ଏଥିଲାଗି ଚୋରା ଗାଡି ଏବଂ ବନ୍ଧୁକ, ମାରଣାସ୍ତ୍ର ଯୋଗାଡ କରିଥିଲା। ଗତ ୭ ତାରିଖ ରାତିରେ ସୋମନାଥ ସାମନ୍ତରାପୁର ଠେଙ୍ଗାହାଟ ଛକରେ ମୋବାଇଲରେ କଥା ହେଉଥିବା ସମୟରେ ଦୁର୍ବୃତ ମାନେ ବୋଲୋରୋ ପିକ୍‌ଅପରେ ଆସି ୪ ଜଣ ୮ରାଉଣ୍ଡ ଗୁଳି ମାଡ କରିଥିଲେ। ତେବେ ୪ଟି ଗୁଳି ତାଙ୍କ ହାତ, ଛାତି ଓ ପେଟରେ ବାଜିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧାର ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗତ ୯ତାରଖ ରାତିରେ ଚିକିତ୍ସାଧିନ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକଙ୍କ ଅଭିଯୋଗ ଉପରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସଦର ଏସଡିପିଓ ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ୩ ଜଣିଆ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିଲା। ଗତ ଜୁଲାଇ ପହିଲାରେ ପୋଲିସ ଦୁଇ ଜଣଙ୍କୁ ଏହି ଘଟଣାରେ ଗିରଫ କରିଥିଲା।

## ବିଜେଡିର ଜିଲ୍ଲା ସାଧାରଣ ସମ୍ପାଦକ ହେଲେ ପ୍ରଫୁଲ୍ଲ ବିଶ୍ୱାଳ



ବାସୁଦେବପୁର, ୧୪/୦୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଇରମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ଙ୍କୁ ନିକଟରେ ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି । ଏହି ଅବସରରେ ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଶ୍ରୀ ବିଶ୍ୱାଳ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ପ୍ରିୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଧାୟକ ପ୍ରତିନିଧି ଅସିତ ଦାଶ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ଙ୍କୁ ମଧ ଏହି ଅବସରରେ ଶ୍ରୀ ପ୍ରଫୁଲ୍ଲ ବିଶ୍ୱାଳ କୃତଜ୍ଞତା ଜଣାଇଛନ୍ତି । ଦୀର୍ଘ ବର୍ଷ ଧରି ଓଡିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ, ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଙ୍କ ଜନତା ଦଳ ସମୟରେ ଶ୍ରୀ ବିଶ୍ୱାଳ ରାଜନୀତି ରେ ଯୋଗ ଦେଇ ଜନସାଧାରଣ ଙ୍କ ପାଇଁ ଅନେକ ଜନ ହିତକର କାର୍ଯ୍ୟ କରିଛନ୍ତି । ଏହା ପରେ ପରେ ଦୀର୍ଘ ବର୍ଷ ବିଜୁ ଜନତା ଦଳରେ ରହି ଶ୍ରୀ ବିଶ୍ୱାଳ ଇରମ ପଂଚାୟତ ପାଇଁ ଓ ଅନ୍ୟ ଅନୁଷ୍ଠାନ ପାଇଁ ଅନେକ ସୁନ୍ଦର କାର୍ଯ୍ୟ କରିଛନ୍ତି । ଏଥିପାଇଁ ଶ୍ରୀ ବିଶ୍ୱାଳ ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରୁ ମଧ ପୁରସ୍କୃତ ହୋଇଛନ୍ତି କ୍ଷ ଶ୍ରୀ ବିଶ୍ୱାଳ ବିଜେଡି ର ଜିଲ୍ଲା ସାଧାରଣ ସମ୍ପାଦକ ହେବା ପରେ ଅନେକ ବ୍ୟକ୍ତି ଓ ଅନୁଷ୍ଠାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଓଡ଼ିଶା ମିଲେଟ ମିଶନ ପକ୍ଷରୁ ସିନିୟର୍ ରେଙ୍କିଂ ବ୍ୟାଡମିଂଟନ ଆରମ୍ଭକୁ ସ୍ୱାଗତ

ବଲାଙ୍ଗିର, ୧୪/୦୭ (ନି.ପ୍ର): ଜୁଲାଇ ୧୪ ତାରିଖରୁ ବଲାଙ୍ଗିର ସ୍ଥିତ ପିଆର ହାଇସ୍କୁଲ ଇନଡୋର ବ୍ୟାଡମିନ୍ଟନ ଷ୍ଟାଡିୟମରେ ଓଡିଶା ସିନିଅର ବ୍ୟାଡମିନ୍ଟ ର୍ୟାଙ୍କିଂ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଓଡିଶା ରାଜ୍ୟ ବ୍ୟାଡମିନ୍ଟନ ସଂଘ ଦ୍ୱାରା ଅନୁମୋଦିତ ଏହି ପ୍ରତିଯୋଗିତାକୁ ବଲାଙ୍ଗିର ଜିଲ୍ଲା ବ୍ୟାଡମିନ୍ଟନ ସଂଘ ଆୟୋଜିତ କରୁଛି । ଆଜି ଖେଳାଳି ମାନଙ୍କୁ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ବଲାଙ୍ଗିର ଜିଲ୍ଲା ମିଲେଟ ମିଶନ ଜିଲ୍ଲା ସଂଯୋଜକ ଯଶୋବନ୍ତ ନାଏକ, ସହ ସଂଯୋଜକ ସମିଧା ଅଗ୍ରୱାଲ ଏଠାରେ କାମ କରୁଥିବା ଏସଏଚଜି ଗୋଷ୍ଠି ଦ୍ୱାରା ସକାଳର ଜଳଖିଆରେ ସ୍ୱାଗତ କରାଯାଇଛି। ସମସ୍ତ ଖେଳାଳି, ଆୟୋଜକ, ଦର୍ଶକ, ସାମ୍ବାଦିକ ମାନଙ୍କୁ ପାରମ୍ପରିକ ମାଣ୍ଡିଆ, ଗୁର୍ଜି ଇତ୍ୟାଦିରେ ପ୍ରସ୍ତୁତ ଖାଦ୍ୟ ମଧରେ ସିଙ୍ଗଡ଼ା, ବରା, ଆଲୁଚପ, ମାଲପୁଆ, ଗୁର୍ଜୀର ଖିରି, ମାଣ୍ଡିଆ ପେୟ ଇତ୍ୟାଦି ଜଳଖିଆରେ ସ୍ୱାଗତ କରାଯାଇଥିଲା। ଆଜିର ସମାଜରେ ପ୍ରଚଳିତ ଖାଦ୍ୟ ବାହାରେ ଏହି ପ୍ରସ୍ତୁତି ଖାଦ୍ୟ ସମସ୍ତଙ୍କୁ ବେଶ୍ ପସନ୍ଦ ଯୋଗ୍ୟ ହୋଇଥିଲା।

## ଗଛରେ ପିଟି ହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ଜୟପୁର, ୧୪/୦୭ (ନି.ପ୍ର): ଗଛରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଉଛନ୍ତି ଫାମ୍ପୁଣିର ସୁବ୍ରତ ପ୍ରଧାନ । ସୂଚନା ଅନୁଯାୟୀ, ଆଜି ପ୍ରାତଃ ଭ୍ରମଣରେ ଯାଉଥିବା କେତେକ ଲୋକ ଦେଖିଥିଲେ ବାଇକ ଗଛରେ ପିଟି ହୋଇ ଗୁରୁତର ଅବସ୍ଥାରେ ଜଣେ ବ୍ୟକ୍ତି ପଡିଛି । ତୁରନ୍ତ ଆମ୍ବୁଲାନ୍ସ ଡକାଇ ନିକଟସ୍ଥ କୁନ୍ଦୁରା ଚିକିତ୍ସାଳୟକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

ଶନିବାର, ଜୁଲାଇ ୧୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ✓

# ୬ ଟ୍ରେନି ଆଇଏଏସ୍ ଅଧିକାରୀଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଦର୍ଶନ

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ଓଡିଶା କ୍ୟାଡର ୬ଜଣ ଟ୍ରେନି ଆଇଏଏସ୍ ଅଧିକାରୀ ଶୁକ୍ରବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱର ସ୍ଥିତ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନରେ ତାଲିମ ନେଉଥିବା ଏହି ପ୍ରଶାସନିକ ଅଧିକାରୀ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) କାର୍ଯ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ସ୍ତରରେ ରୂପାୟନ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟଶୈଳୀ ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମଗୁଡିକ ସମ୍ବନ୍ଧରେ ସେମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, 'ମୋ ସ୍କୁଲ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା ଓ ଅନ୍ୟାନ୍ୟ ବରଷ୍ଠ କର୍ମକର୍ତାମାନେ ବିଦ୍ୟାଳୟ ଶିକ୍ଷା ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଇଥିଲେ। ଏହାସହ ଶ୍ରୀ ଶାହା ସେମାନଙ୍କୁ ପ୍ରଶାସନିକ ଶାସନ ବ୍ୟବସ୍ଥା ବିଷୟରେ ପରାମର୍ଶ ଦେଇଥିଲେ। ଟ୍ରେନି ଆଇଏଏସ୍ ଅଧିକାରୀମାନେ ଚନ୍ଦ୍ରଶେଖରପୁରଠାରେ ଆଇକନିକ୍ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପରିଦର୍ଶନ କରିଥିଲେ। ସେଠାରେ ସେମାନେ ପିଲାମାନଙ୍କ ସହ ଆଲୋଚନା କରିଥିଲେ । ୫-'ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ମୋ ସ୍କୁଲ ଅଧିନରେ ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ, ସମଗ୍ର ଶିକ୍ଷା, ମଧ୍ୟାହ୍ନ ଭୋଜନ ଆଦି କାର୍ଯ୍ୟକ୍ରମର ବିସ୍ତୃତ ଧାରଣା ସେମାନଙ୍କୁ ପ୍ରଦାନ କରାଯାଇଥିଲା । ଚଳିତ ଶିକ୍ଷାବର୍ଷରୁ ପ୍ରଚଳିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ବିଭିନ୍ନ ବର୍ଗ ବିଷୟରେ ସେମାନଙ୍କୁ ଧାରଣା ପ୍ରଦାନ କରାଯିବା ସହ ୫-'ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣର ସଫଳ ରୂପାୟନ ସମ୍ପର୍କରେ ଅବଗତ କରାଯାଇଥିଲା । ଏହାସହ ପ୍ରି-ସ୍କୁଲିଂ, ଏଫ୍‌ଏଲ୍‌ଏନ୍ ଓ ଭିଏସିକେ(ବିଦ୍ୟା ସମୀକ୍ଷା କେନ୍ଦ୍ର)ସମ୍ବନ୍ଧରେ ମଧ ପ୍ରାଥମିକ ଧାରଣା ପ୍ରଦାନ କରାଯାଇଥିଲା । ସୂଚନା ଥାଉକି ଓଡିଶା କ୍ୟାଡର ୨୦୨୧ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧିନା ଦସ୍ତାଗିର, ଧିମନ୍ ଚକ୍ମା, କିରନ୍ ଦିପ୍ କାଉର ସାହୋତା, ପ୍ରଥମେଶ୍ ଅରବିନ୍ଦ୍ ରାଜେଶିର୍କେ, ରେହାନ୍ ଖତ୍ରି ଓ ରିନା ପ୍ରଧାନ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଉଦଳା ଏନ୍.ଏ.ସି.ର ସୁବର୍ଣ୍ଣ ଜୟନ୍ତୀ: ସ୍ମରଣିକା ପ୍ରକାଶନ ପାଇଁ ବସିଲା ବୈଠକ



ଉଦଳା , ୧୪/୦୭ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ଘୋଷିତ ହେବାର ୫୦ ବର୍ଷ ପୁରିଲା। ଚଳିତ ବର୍ଷ ଏହାର ସୁବର୍ଣ୍ଣ ଜୟନ୍ତି ବର୍ଷ ଚାଲିଛି । ଆସନ୍ତା ଅଗଷ୍ଟ ୩୧ ତାରିଖରେ ପାଳିତ ହେବାକୁ ଥିବା ସ୍ୱାୟତ ଶାସନ ଦିବସଟି ସୁବର୍ଣ୍ଣ ଜୟନ୍ତି ଉତ୍ସବ ଭାବରେ ପାଳନ ହେବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶନ ପାଇଁ ନଗରପାଳ ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଜୁଲାଇ ୧୪ ତାରିଖ ଶୁକ୍ରବାର ଦିନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନିର୍ବାହୀ ଅଧିକାରୀ ଦିବ୍ୟାରତ୍ନା ଦାସ, କାଉନସିଲର ଶରତ ଚନ୍ଦ୍ର ଦାସ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଦିଲିପ କୁମାର ଦିକ୍ଷୀତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ର, ଅଧାପକ ଦିଲିପ କୁମାର ପରମାଣିକ , ସରୋଜ କୁମାର ପାଣି, ସଂଜୟ କୁମାର ପାଢ଼ୀ , ପ୍ରୋମଦ ଚନ୍ଦ୍ର ଦାସ ଓ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ସ୍ମରଣିକା ପାଇଁ ଲେଖା ସଂଗ୍ରହର ଶେଷ ତାରିଖ ଚଳିତ ଜୁଲାଇ ୩୧ ତାରିଖ ରଖାଯାଇଛି । ଲେଖା ପଠାଇବା ପାଇଁ ଇମେଲ - **udalanac50@gmail.com** କିମ୍ବା ହ୍ୱାଟଅପ ନମ୍ବର- ୯୯୩୭୨୮୬୪୧୨ କୁ ବ୍ୟବହାର କରିବାକୁ କୁହାଯାଇଛି । ଲେଖା ଗୁଡ଼ିକ ଉଦଳାର ଇତିହାସ, କଳା, ସଂସ୍କୃତି, ଦର୍ଶନୀୟସ୍ଥାନ ତଥା ଉଦଳାରେ ନିଜର ଅନୁଭବ ସମ୍ପର୍କିତ ହେବା ଆବଶ୍ୟକ। ସ୍ମରଣିକା କମିଟି ଦ୍ୱାରା ମନୋନିତ ଲେଖା ଏଥିରେ ସ୍ଥାନ ପାଇବ । ମନୋନିତ ହୋଇନଥିବା ଲେଖା ଫେରସ୍ତ ଦିଆଯିବ ନାହିଁ । ଯେଉଁମାନେ ବ୍ୟକ୍ତିଗତ ଭାବେ କାର୍ଯ୍ୟାଳୟକୁ ଆସି ଲେଖା ଦେବାକୁ ଚାହାଁନ୍ତି ସେମାନେ ସିଧାସଳଖ କାର୍ଯ୍ୟରତ କର୍ମଚାରୀ ସୟ କୁମାର ପାଢ଼ୀଙ୍କୁ ସାକ୍ଷାତ କରି ଲେଖା ପ୍ରଦାନ କରିବାକୁ କୁହାଯାଇଛି ।

## ବେଆଇନ ପଥର ବୋଝେଇ ୩ଗୋଟି ଡମ୍ପର ଜବତ

ନୀଳଗିରି, ୧୪/୦୭ (ନି.ପ୍ର): ସୋର ବାଗୁଡ଼ି ଅଞ୍ଚଳରୁ ପ୍ରତିଦିନ ଟ୍ରିପ ଟ୍ରିପ ବେଆଇନ ପଥର ଚୋରାରେ ଚାଲାଣ ହେଉଥିବାବେଳେ ଆଜି ନିଳଗିରି ତହସିଲଦାର ରଞ୍ଜନ ବେହେରା ସନ୍ତରାଗଡିଆ ଅଞ୍ଚଳରୁ ତିନୋଟି ବେଆଇନ ପଥର ବୋଝେଇ ଡମ୍ପର ଜବତ କରିଛନ୍ତି। ଜବତ ଡମ୍ପର ଗୁଡିକ ହେଲା **OD01N 6099, OD01L 1799, OD01N 6199** ଡମ୍ପର ଗୁଡ଼ିକୁ ଜବତ କରାଯାଇଛି। ଏହି ଚଢାଉରେ କର୍ମଚାରୀ ତ୍ରିଲୋଚନ ନାୟକ ସାମିଲ ଥିଲେ। ପଥର ମାଫିଆ ମାନେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ରାଜସ୍ୱ କ୍ଷତି କରୁଥିବାବେଳେ ନିଳଗିରି ତହସିଲଦାର ରଞ୍ଜନ ବେହେରାଙ୍କ କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରସଂଶା କରାଯାଉଛି।

# ଜନତାଙ୍କୁ ନ୍ୟାୟ ଓ ସଚେତନ ଲାଗି ଜାଗ୍ରତ ଜଳେଶ୍ୱର ସଚେଷ୍ଟ

ଜଳେଶ୍ୱର , ୧୪/୦୭ (ନି.ପ୍ର): ଜଳେଶ୍ୱର ଅଂଚଳରେ ଜନସାଧାରଣଙ୍କୁ ସଚେତନ କରାଇ ସୂଚନା ଆଇନ୍ ବଳରେ ନ୍ୟାୟ ଦେବା ପାଇଁ ଜାଗ୍ରତ ଜଳେଶ୍ୱର ଅଣ୍ଟ ଭିଡିଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେମାନେ ଜନସାଧାରଣଙ୍କ ଲାଗି କାର୍ଯ୍ୟ କରିବା, ଦୁର୍ନିତୀ ବିରୋଧରେ ଲାଗି ଏବଂ ସୂଚନା ଆଇନ୍ ବଳରେ ସ୍ୱାଚ୍ଛତା ଆଣିବା ଲାଗି କାର୍ଯ୍ୟ କରୁଥିବା ପ୍ରକାଶ କରିଛନ୍ତି । ଭଂଜଶ୍ରୀ ଭବନ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସଚିଦାନନ୍ଦ ଦାସ ସଂଚାଳନ କରିଥିଲେ । ଆବାହକ ସଂଗ୍ରାମ କେଶରୀ ପରିଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅରୁଣ କୁମାର ବେଜ, ଦିଲ୍ଲିପ କୁମାର ଗିରି, ସୁକୁମାର ରଣା ଓ ବାବୁଧର ଜେନା ପ୍ରମୁଖ ଜନସାଧାରଣଙ୍କୁ ନ୍ୟାୟ, ଲୋକଙ୍କ ସହାୟତା, ସୂଚନା ଅଧିକାର ଆଇନ୍ ଓ ସାମ୍ବାଦିକ ମାନଙ୍କୁ ତଥ୍ୟ ଯୋଗାଇବାରେ ସହାୟତ ହେବେ ବୋଲି ପ୍ରକାଶ କରିଛନ୍ତି ।

# ପାଣି ଟାଙ୍କିରୁ ଗଳିଲା ସିଡି: ଅଳ୍ପକେ ବର୍ତ୍ତିଲେ ଲୋକେ



ନୀଳଗିରି, ୧୪/୦୭ (ନି.ପ୍ର): ଗାଁ ଠୁଁ ସହର ସବୁଆଡେ ପାନୀୟ ଜଳର ସମସ୍ୟା ପାଇଁ ବଡ଼ ବଡ଼ ପାଣି ଟାଙ୍କି ନିର୍ମାଣ କରୁଛନ୍ତି ରାଜ୍ୟ ସରକାର ଆଉ ଏହି ପାଣି ଟାଙ୍କି ର କାର୍ଯ୍ୟ ଏତେ ନିମ୍ନ ମାନର ହେଉଛି ଯେ ଟାଙ୍କି ଉପରକୁ ଯିବା ପାଇଁ ସିଡ଼ି ଗଳି ପଡୁଛି । ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ବେଗୁନିଆ ପଞ୍ଚାୟତ ଦୁମଗଣ୍ଡିରା ଖେଳ ପଡିଆ ପାର୍ଶ୍ୱରେ ଥିବା ବଡ଼ ପାଣି ଟାଙ୍କିରେ। ଗୁରୁବାର ସନ୍ଧ୍ୟା ୫ ଟା ସମୟରେ ଏହି ବଡ଼ ପାଣି ଟାଙ୍କି ଉପରକୁ ଯିବା ପାଇଁ ବନାଯାଇଥିବା ସିଡ଼ିଟି ହଟାତ ଗଳିପଡ଼ିଛି । ଏହି ପାଣି ଟାଙ୍କି ପାର୍ଶ୍ୱରେ ଏକ ଅଙ୍ଗନୱାଡ଼ି ରହିଛି ଭଗ୍ୟବଶତ ଯେଉଁ ସମୟରେ ଏହି ସିଡି ଟି ଗଳିଲା ସେତେବେଳେ ତଳେ କେହି ନଥିଲେ ନହେଲେ କଣ ଯେ ଘଟଣା ଘଟିଥନ୍ତା କହିବା ମୁସ୍କିଲ। ତେବେ ଏହି ପାଣି ଟାଙ୍କି ଟି ଗତ କିଛି ବର୍ଷ ତଳେ ନିର୍ମାଣ ହୋଇଥିବା ବେଳେ ଏବେ ଏହି ପାଣି ଟାଙ୍କିରୁ ସିଡି ଗଳି ପଡ଼ିବା ଘଟଣା ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଆଜି ସିଡି ଗଳିଛି କାଲି ପୁରା ଟାଙ୍କିବି ଗଳିପାରେ ଏଥିରେ କିଛି ସନ୍ଦେହ ନାହିଁ। ତେବେ ପାଣି ଟାଙ୍କି କୁ ଶୀଘ୍ର ମରାମତି କରିବା ଏବଂ ପାଣି ଟାଙ୍କିକୁ ବନେଇଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମବାସୀ।

## ଛାତରୁ ପଡ଼ି ଯୁବକ ମୃତ



ଲଙ୍ଗଳେଶ୍ୱର , ୧୪/୦୭ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ପୁଟୁରା ପଞ୍ଚାୟତର ବାହାଦୁଲପୁର ଗ୍ରାମର ସ୍ୱର୍ଗତ ସାଧୁ ଚରଣ ବର ଙ୍କ ପୁତ୍ର ମାୟାଧର ବର (୩୫) ମହାରାଷ୍ଟ୍ର ରାଜ୍ୟର ରସାୟନିଠାରେ ଏକ ଘରୋଇ ଶିଳ୍ପ କାରଖାନା ରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲା। ଗୁରୁବାର ରାତିର ଥଣ୍ଡା ପବନରେ ବସିବା ପାଇଁ ଛାତ ଉପରକୁ ଯାଇଥିଲା। ଛାତରେ ସିଉଳି ପଡ଼ିଥିବାରୁ ମାୟାଧରର ଗୋଡ଼ ଖସିଯିବାରୁ ସେ ତଳେ ପଡିଯାଇଥିଲେ। ସ୍ଥାନୀୟ ଯୁବକ ମାନେ ମାୟାଧର କୁ ତୁରନ୍ତ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାତ୍ର ସେଠାରେ ମୃତ ଦେହକୁ ବ୍ୟବଚ୍ଛେଦ ନକରି କମ୍ପାନୀ ତରବରିଆ ଭାବରେ ଏକ ଆମ୍ବୁଲାନ୍ସରେ ମାୟାଧର ର ଘରକୁ ପଠାଇ ଦେଇଛନ୍ତି। ତେବେ ମୃତ ଦେହକୁ ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବାକୁ ଗ୍ରାମ ର ପୁରୁଷୋତ୍ତମ ଜେନା, ସୁଧାକର ନନ୍ଦ, ମନୋରଞ୍ଜନ ପାତ୍ର, ରବୀନ୍ଦ୍ର ବର, ପ୍ରମୁଖ ଦାବି କରିଛନ୍ତି।

# ରେଳ ଟିକଟ ରିଜର୍ଭେସନରେ ଦଲାଲଙ୍କ ପ୍ରାଦୁର୍ଭାବ

## ଟିକଟ ନ ପାଇ ମହିଳା ହୀନସ୍ତା : ରେଳ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ

ଜଳେଶ୍ୱର , ୧୪/୦୭ (ନି.ପ୍ର): ଖଡଗପୁର ରେଳ ଡିଭିଜନରେ ଜଳେଶ୍ୱର ରେଳ ଷ୍ଟେସନ ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ଏଠାରୁ ବିଭିନ୍ନ ରେଳ ଯୋଗେ ପ୍ରାୟ ୧୦୦୦ ଲୋକ ଯାତାୟାତ କରୁଥିବା ବେଳେ ଦୈନିକ ୨.୫ ଲକ୍ଷ ଟଙ୍କାର ରାଜସ୍ୱ ମିଳିଥାଏ । ବିଭିନ୍ନ ଅଂଚଳରୁ ଯାତ୍ରୀମାନେ ଏଠାରୁ ଯାତାୟାତ କରୁଥିବାବେଳେ ରିଜର୍ଭେସନ କାଉଣ୍ଟାରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ। ଏଥିଲାଗି କେତେକ ଦଲାଲ ଟିକଟ କରିଦେବା ନାମରେ ହଜାର ହଜାର ଟଙ୍କା ଲୁଟୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି । ଫଳରେ ବହୁ ବ୍ୟକ୍ତି ଟିକଟପାଇବାରୁ ବଂଚିତ ହେଉଛନ୍ତି ।

ଏପରି ଏକ ଘଟଣା ଜଳେଶ୍ୱର ରେଳ ଷ୍ଟେସନରେ ଜଣେ ମହିଳାଙ୍କୁ ଭୋଗିବାକୁ ପଡିଛି । ମୟୂରଭଂଜ ଜିଲାର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ଗାଁର ପ୍ରମିଳା ମହଲା ନାମକ ଜନୈକ ମହିଳା ତାଙ୍କ ସ୍ୱାମୀଙ୍କ ସହିତ ଖଡଗପୁରରୁ ଗୁଜୁରାଟର ରାଜକୋଟ ଯିବାଲାଗି ତତ୍କାଳ ଟିକଟ କାଟିବାକୁ ଆସିଥିଲେ। ବୁଧବାର ସଂଧ୍ୟାରୁ ଆସି ସେ ଲାଇନ୍‌ରେ ରହିଥିଲେ । କେତେକ ଦଲାଲ ବାରମ୍ବାର ତାଙ୍କ ରିଜର୍ଭେସନ ଫର୍ମ ବଦଳ କରୁଥିବାର ଦେଖି ସେ ବିରକ୍ତ ପ୍ରକାଶ କରିଥିଲେ। ଭୋର ୩ଟାରେ ୩ଜଣ ଦଲାଲ ପହଞ୍ଚି ପ୍ରତିମାଙ୍କ ଫର୍ମକୁ ବାହାର କରିଦେବାରୁ ଗଣ୍ଡଗୋଳ ଉପୁଜିଥିଲା । ଗୁରୁବାର ଏହି ଘଟଣାରେ ଆର୍‌ପିଏଫ ଏଏସ୍‌ଆଇ ଏସ୍ ସରକାର ଘଟଣାର ରଫାଦଫା ନେଇ ତାଙ୍କ ଫର୍ମ ନେଇ ଟିକଟ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ତାଙ୍କ ଫର୍ମଟି ୪ନଂରେ ଥିବା ବେଳେ ପାଇପାରି ନାହାନ୍ତି, ୫/୬ କ୍ରମାଙ୍କରେ ବ୍ୟକ୍ତି ଟିକଟ ପାଇଥିବା ଅଭିଯୋଗ କରିଛନ୍ତି । ଟିକଟ ପାଇନଥିବାରୁ ସେ ଓ ତାଙ୍କ କରିବାର ଯାଇପାରିନାହାନ୍ତି । ଗୁରୁବାର ତାଙ୍କ ସଂପର୍କୀୟମାନେ ଷ୍ଟେସନରେ ରହି ଆଜି ଷ୍ଟେସନ ସୁପରିଟେଣ୍ଡେଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସଂପର୍କରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଷ୍ଟେସନ ସୁପରିଟେଣ୍ଡେଣ୍ଟଖଗେନ୍ଦ୍ର ମଣ୍ଡଳ ଓ ଆରପିଏଫ ଇନିସ୍‌ପେକ୍ଟର କୁନ୍ଦନ ଝା ସହିତ ଆଲୋଚନା କରିଛନ୍ତି । ଜଳେଶ୍ୱର ରେଳ ଟିକଟ କାଉଣ୍ଟରରେ ଦଲାଲ ଉଚ୍ଛେଦଲାଗି ଆର୍‌ପିଏଫ ପ୍ରଚେଷ୍ଟା ଜାରି ରଖିବ ଓ ପ୍ରତିଦିନ ରିଜର୍ଭେସନ ଟିକଟ ସମୟରେ କର୍ମଚାରୀ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିବାର ପ୍ରତିଶୃତ ଦେଇଥିବାର ପରିଷଦର ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଡ. ଅଜିତ୍ ମହାନ୍ତି, ଶରତ ପରିଡା ପ୍ରମୁଖ କହିଛନ୍ତି । ଦଲାଲି ଉଚ୍ଛେଦ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବବୋଲି ପରିଷଦ କର୍ମକର୍ତ୍ତା ସହିତ ଖଗେନ୍ଦ୍ର ନାଥ ସାହୁ, ଅବଦୁଲ ରହିମ୍ ପ୍ରମୁଖ କହିଛନ୍ତି ।

# ଉଦଳାରେ ସ୍ୱାଧିନତା ଦିବସ ପାଳନ ପାଇଁ ଚଳିତ ଜୁଲାଇ ୨୪ରେ ବସିବ ପ୍ରସ୍ତୁତି ବୈଠକ

ଉଦଳା , ୧୪/୦୭ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳାରେ ଉପଖଣ୍ଡସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ଜୁଲାଇ ୨୪ ତାରିଖ ଅପରାହ୍ନ ୪ ଘଟିକା ସମୟରେ ସ୍ଥାନୀୟ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଏହାର ପ୍ରସ୍ତୁତି ବୈଠକ ବସିବ ବୋଲି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଜଣାଇଛନ୍ତି । ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଉକ୍ତ ପ୍ରସ୍ତୁତି ବୈଠକରେ ଉପଖଣ୍ଡର ସମସ୍ତ ଅଧିକାରୀ ତଥା ସ୍ୱାଧିନତା ଦିବସ ପାଳନ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିବାକୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମାନ ପାଣି ଅନୁରୋଧ ଜଣାଇଛନ୍ତି ।

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ମକଡ୍ରିଲ



ବାରିପଦା , ୧୪/୦୭ (ନି.ପ୍ର): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ, ବାରିପଦା ପୌର ପରିଷଦ, ମଧୁବନ ବହୁମୂଖୀ ବନ୍ୟା ଆଶ୍ରୟସ୍ଥଳୀ ରକ୍ଷଣା ବେକ୍ଷଣ ଓ ପରିଚାଳନା ସମିତି ଓ ସ୍ୱାରଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୁଲ୍ୟରେ ବାରିପଦା ୱାର୍ଡ ନଂ୯ ବହୁମୂଖୀ ବନ୍ୟା ଆଶ୍ରୟସ୍ଥଳୀରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନେଇ ଏକ ମକଡ୍ରୀଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପର୍ଯ୍ୟୟର ମୁକାବିଲା କରିବା ସହିତ ଲୋକମାନଙ୍କୁ ଓ ଗୃହ ପାଳିତ ପଶୁପକ୍ଷୀ ମାନଙ୍କୁ କିଭଳି ଭାବେ ସୁରକ୍ଷିତ ରଖାଯିବ ସେନେଇ ସାମୁହିକ ଅଭ୍ୟାସ ଓଡ୍ରାଫ ଟିମର ପ୍ରତ୍ୟକ୍ଷ ତତ୍ୱାବଧାନରେ କରାଯାଇଥିଲା ଏବଂ ଏହାର ମୁକାବିଲା ସମୟରେ ବ୍ୟବହୃତ ହେଉଥିବା ବିଭିନ୍ନ ସରଞ୍ଜାମ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା ପ୍ରାଧିକରଣର ଡେପୁଟି ସେକ୍ରେଟାରୀ ରବିନାରାୟଣ ବାରିକ, ମୟୂରଭଞ୍ଜ ଜିଲ୍ଲା ପରିଷଦର ଚେୟାରମ୍ୟାନ ଭାରତୀ ହାଁସଦା, ଏଡିଏମ ହେମନ୍ତ କୁମାର ସିଂ, ଆଇଏଏସ ପ୍ରୋବେଶନାର ଅକ୍ଷୟ ପିଲ୍ଲେ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ସ୍ୱାରଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ବିପର୍ଯ୍ୟୟର ଜିଲ୍ଲା ସଂଯୋଜକ ସୁମିତ୍ରା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବା ସହ ୯ନଂ ୱାର୍ଡ ବାତ୍ୟା ପରିଚାଳନା କମିଟିର ସମ୍ପାଦକ ବିକ୍ରମ କେଶରୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ୱାରଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଞ୍ଜୟ ଦ୍ୱାରି, ମୋହନ ମୁର୍ମୁ ଓ ବହୁମୂଖୀ ବନ୍ୟା ଆଶ୍ରୟସ୍ଥଳୀ ରକ୍ଷଣ ବେକ୍ଷଣ ଓ ପରିଚାଳନା ସମିତି ପକ୍ଷ ରୁ ଡ.ଯୋଗେନ୍ଦ୍ର ନାଥ ପଣ୍ଡା, ରଘୁନାଥ ପଣ୍ଡା, ରବୀନ୍ଦ୍ର ନାଥ ନାୟକ, ଅଶ୍ୱିନୀ କୁମାର ପାତ୍ର, ବସନ୍ତ କୁମାର ଦାସ, ପ୍ରଦୀପ୍ତ କିଶୋର ସାମଲ, ମକରଧ୍ୱଜ କଳିଆ, ପାର୍ବତୀ ମୁଣ୍ଡା, ସତ୍ୟଭାମା ସାହୁ, ବନିତା ଖୁରାନା, ବର୍ଷାରାଣୀ ଜେନା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ୧୫ରୁ ଖରିଫ ଧାନ ସଂଗ୍ରହ ପାଇଁ ପଞ୍ଜିକରଣ

ଗଞ୍ଜାମ, ୧୪/୦୭ (ନି.ପ୍ର): ୨୦୨୩-୨୪ରେ ଖରିଫ ଧାନସଂଗ୍ରହ ପାଇଁ ଚଳିତ ମାସ ୧୫ ତାରିଖରୁ ଚାଷୀଙ୍କ ନାମ ପଞ୍ଜିକରଣ ଆରମ୍ଭ ହେବ ଏବଂ ଆସନ୍ତା ମାସ ୩୦ ତାରିଖ ଯାଏ ରହିବ। ଚଳିତ ବର୍ଷ ଯେପରି ଅଧିକରୁ ଅଧିକ ଚାଷୀ ପଂଜିକରଣ କରନ୍ତି ଏବଂ ସବୁ ଚାଷୀଙ୍କ ଯେପରି ଧାନକିଣା ଯାଇପାରିବ,ଏଥିପ୍ରତି ଲକ୍ଷ୍ୟ ରଖାଯାଇଛି ବୋଲି ଗଂଜାମ ଜିଲା ମୁଖ୍ୟ ଯୋଗାଣ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି ।

# କୃଷି ଓ କ୍ଷୁଦ୍ର ମଧ୍ୟମ ବାଣିଜ୍ୟ ଋଣର ବିସ୍ତାର ଓ ଅଭିବୃଦ୍ଧି ପାଇଁ ଶାଖା ପରିଚାଳକଙ୍କୁ ନେଇ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମୀକ୍ଷା ବୈଠକ




ବାରିପଦା , ୧୪/୦୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ ବାରିପଦା ଅଞ୍ଚଳ ର ଆନୁକୂଲ୍ୟରେ ଆଜି କୃଷି ଓ ବାଣିଜ୍ୟ ଋଣର ବିସ୍ତାର ଓ ଅଭିବୃଦ୍ଧି ପାଇଁ ଶାଖା ପରିଚାଳକ ମାନଙ୍କୁ ନେଇ ବ୍ୟାଙ୍କ ଅଫ୍ ଇଣ୍ଡିଆ ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଷ୍ଟ୍ରୀୟ ବ୍ୟାଙ୍କ ସମୂହ, ଓଡ଼ିଶାର ମହା ପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଏହି ବିତ୍ତୀୟ ବର୍ଷ ରେ ଏକ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା କହିବା ସହ କ୍ଷୁଦ୍ର ମଧ୍ୟମ ବାଣିଜ୍ୟ ଋଣ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, କୃଷି ଏବଂ ଆନୁଷଙ୍ଗିକ ଋଣକୁ କିପରି ସହଜ ସୁଗମରେ ଲାଭ କରିପାରିବେ,ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମସ୍ତେ ଇ-ପୋଟାଲ ମାଧ୍ୟମରେ ସ୍ୱଳ୍ପ କାଗଜପତ୍ରରେ ତ୍ରୁଟି ଶୂନ୍ୟ ଋଣ ଆବେଦନ କରିପାରିବେ ବୋଲି କହିଥିଲେ।ଏଥିରେ ବାରିପଦା ଅଞ୍ଚଳ ର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ,ଉପ ଆଞ୍ଚଳିକ ପ୍ରବନ୍ଧକ ସତ୍ୟରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମୀକ୍ଷା ବୈଠକରେ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୬୭ ଜଣ ଶାଖା ପରିଚାଳକ ଙ୍କ ସମେତ ବ୍ୟାଙ୍କ ର ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଉତ୍ତର ଓଡିଶା ୟୁନିଭର୍ସିଟିରୁ ଇଂଲିଶ ଅନର୍ସରେ ସ୍ୱର୍ଣ୍ଣ ପଦକ ହାସଲ କଲେ କେନ୍ଦୁଝର ଝିଅ ମୀମାଂସା

କେନ୍ଦୁଝର , ୧୪/୦୭ (ନି.ପ୍ର): ମିମାଂସା ପଟ୍ଟନାୟକ ଉତର ଓଡିଶା ବିଶ୍ୱବିଦ୍ୟାଳୟ ଇଂଲିଶ ଅନର୍ସ ରେ ଫାଷ୍ଟ କ୍ଲାସ ଫାଷ୍ଟ ପୋଜିସନ ହାସଲ କରବା ସହ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ହୋଇ କେନ୍ଦୁଝର ପାଇଁ ଗୌରବ ଆଣିଛନ୍ତି । ବାରିପଦାସ୍ଥିତ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଉପଲକ୍ଷେ ଗୁରୁବାର ଦିନ ଆୟୋଜିତ ଏକ ଭବ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ବାଦର ପ୍ରତିଷ୍ଠାତା ସଂପାଦକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମିମାଂସାଙ୍କୁ ସ୍ୱର୍ଣ୍ଣ ପଦକ ସହ ସାର୍ଟିଫିକେଟ ପ୍ରଦାନ କରି ସମ୍ମାନିତ କରିଛନ୍ତି । ମିମାଂସା କେନ୍ଦୁଝର ମହିଳା ମହାବିଦ୍ୟାଳୟରେ ଅଧ୍ୟୟନ ସମୟରେ ୨୦୨୧ ବର୍ଷ ଇଂଲିସ ଅନର୍ସରେ ସମଗ୍ର ଉତର ଓଡିଶା ବିଶ୍ୱ ବିଦ୍ୟାଳୟରେ ଫାଷ୍ଟ କ୍ଲାସ ଫାଷ୍ଟ ପୋଜିସନ ହୋଇ ସ୍ୱର୍ଣ୍ଣ ପଦକ ପାଇବାର ଯୋଗାତା ହାସଲ କରିଥିଲେ । ମିମାଂସା ହେଉଛନ୍ତି କେନ୍ଦୁଝର ସହରର ଜଣା ଶୁଣା ସମାଜସେବୀ ବିଧୁ ଭୁଷଣ ପଟ୍ଟନାୟର ( ଟୁଲା ପଟ୍ଟନାୟକ) ଓ ସସ୍ମିତା ପଟ୍ଟନାୟକଙ୍କ ଏକମାତ୍ର କନ୍ୟା । ମିମାଂସଙ୍କର ଏହି ସଫଳତା ପରେ ଏବେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ଅନ୍ୟ ପକ୍ଷରେ ନିଷ୍ଠା , ଏକାଗ୍ରତା , ଅଧ୍ୟବ୍ୟସାୟ ସଫଳତାର ମୂଳମନ୍ତ୍ର ବୋଲି କହିଛନ୍ତି ମିମାଂସା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo